

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 DECEMBER 2022
Vol.No. 33 ■ No. 329 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବୟାନକୁ ନେଇ ତେଜୁଛି ବିବାଦ



ନୂଆଦିଲ୍ଲୀ, ୧୭/୧୨ : ବିହାରରେ ବିଷାକ୍ତ ମଦ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନ ସୁଦ୍ଧା ୬୫ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ଅନେକ ଲୋକଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣାକୁ ବିରୋଧ କରି ବିଜେପି, ଏଲଜେପି ଓ ବିଭିନ୍ନ ଆଂଚଳିକ ଦଳମାନେ ରାଜଧାନୀ ପାଟନାରେ ବିରୋଧ ପ୍ରଦର୍ଶନ କରିଛନ୍ତି । ବିଷାକ୍ତ ମଦ ପିଇ ୩ଜିଲ୍ଲାରେ ମୃତ୍ୟୁର ତାଣ୍ଡବ ଚାଲିଛି । ମଦ ମୃତ୍ୟୁରେ ସବୁଠୁ ଆଗରେ ରହିଛି ବିହାରର ଛପରା ଓ ସିୱାନ ଜିଲ୍ଲା । ସେହିପରି ବେଗୁସରାଇରେ ବି ବିଷାକ୍ତ ମଦ ପିଇ ଅନେକଙ୍କ ମୃତ୍ୟୁ ଘଟିଛି । ମାମଲାର ଯାଂଚ ପାଇଁ ଏସ୍ଆଇଟି ଟିମ୍ ଗଠନ ହୋଇଛି । ଏହି ଟିମ୍ ଗତ ୪୮ ଘଂଟାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୧୨୬ ବ୍ୟବସାୟୀଙ୍କୁ ଗିରଫ କରିଛି । ଏଥିସହ ୪ ହଜାର ଲିଟରରୁ ଉଦ୍ଧ୍ୱର୍ ବେଆଇନ୍ ମଦ ଜବତ କରିଛି । ସେପଟେ ଏହି ମାମଲା ଏବେ ସୁପ୍ରିମକୋର୍ଟରେ ପହଂଚିଛି । ମଦ ବିଭୀଷିକା ନେଇ ଜେଡିୟୁ, ବିଜେପି ମଧ୍ୟରେ ଆରମ୍ଭ ହୋଇଛି ବାକ୍ ଯୁଦ୍ଧ । ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାରଙ୍କ ଉପରେ ବର୍ଷିବା ସହ ମଦମୃତ୍ୟୁ ପାଇଁ ନୀତିଶଙ୍କ ବେପାରୁଆ ନୀତି ଦାୟି ବୋଲି କହିଛି ବିଜେପି । ସେହିପରି ଏଲଜେପି ସାଂସଦ ଚିରାଗ ପାଶୱାନ ନିତିଶ ସରକାରଙ୍କ ଉପରେ ବର୍ଷିଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣା ଭିତରେ ମୁଖ୍ୟମନ୍ତ୍ରୀଙ୍କ ବୟାନ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି । ଶୁକ୍ରବାର ବିଧାନସଭାରେ ବିରୋଧୀଙ୍କ ପ୍ରଶ୍ନର ଉତର ଦେଇ ନୀତିଶ କହିଥିଲେ ଯିଏ ମଦ ପିଇବ ସେ ମରିବ । ମଦ ମୃତ୍ୟୁ ପାଇଁ ସରକାର ଗୋଟିଏ ଟଙ୍କାବି କ୍ଷତିପୂରଣ ଦେବେନି । ଗୋଟେ ପଟେ ମଦ ମୃତ୍ୟୁ ଓ ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଏଭଳି ବୟାନ । ବିହାର ରାଜନୀତିକୁ ହୁଲୁସ୍ଥୁଲୁ କରିଛି ।

## ବଢ଼ିବ ଶକ୍ତିଶାଳୀ ମିସାଇଲ ଅଗ୍ନି-୫ର ଲକ୍ଷ୍ୟଭେଦୀ କ୍ଷମତା




ନୂଆଦିଲ୍ଲୀ, ୧୭/୧୨ : ବଢ଼ିବ ପରମାଣୁ ଶକ୍ତି ସଂପନ୍ନ ଅଗ୍ନି-୫ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦୀ କ୍ଷମତା । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ଏହି ମିଜାଇଲର ରେଂଜ ରହିଛି ୫ହଜାର କିଲୋମିଟର । ହେଲେ ଏଥିରେ କିଛି ପରିବର୍ତନ କରାଯାଇ ଲକ୍ଷ୍ୟଭେଦ କ୍ଷମତାକୁ ୭ ହଜାର କିଲୋମିଟର କରାଯାଇପାରିବ ବୋଲି ଡିଆରଡିଓ ସୂଚନା ଦେଇଛି । ଏନେଇ ଭାରତ ସରକାରଙ୍କୁ ଡିଆରଡିଓ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଭାରତ ସରକାର ଚାହିଁଲେ ଅଗ୍ନି-୫ର ଲକ୍ଷ୍ୟ ଭେଦୀ କ୍ଷମତାକୁ ୫ ହଜାରରୁ ବଢାଇ ୭ ହଜାର କିଲୋମିଟର କରାଯିବ । ହେଲେ ଏ ସଂପର୍କରେ ଚୂଡାନ୍ତ ନିଷ୍ପତି ନେବେ ଭାରତ ସରକାର । ଡିସେମ୍ବର ୧୫ ତାରିଖରେ ଭଦ୍ରକ ଅବଦୁଲ କଲାମ ଦ୍ୱୀପରୁ ସଫଳତାର ସହ ଅଗ୍ନି-୫ର ସଫଳ ପରୀକ୍ଷଣ କରାଯାଇଥିଲା । ଆଉ ଏହାର ଠିକ ଦୁଇ ଦିନ ପରେ ଭାରତର ଏହି ଶକ୍ତିଶାଳୀ କ୍ଷେପଣାସ୍ତ୍ରର ରେଂଜ ବଢାଇ ହେବ ବୋଲି ସୂଚନା ଦେଇଛି ଡିଆରଡିଓ । ଆଉ ଯଦି ଅଗ୍ନି-୫ର ରେଂଜକୁ ୭ ହଜାର କିମି କରାଯାଏ, ତେବେ ଏହାର ରେଂଜରେ ପଡୋଶୀ ପାକିସ୍ତାନ, ଚୀନ ସମେତ ପୁରା ଆସିଯିବ । ଏହାଛଡା ୟୁରୋପର ଅଧା ଅଂଚଳ ଓ ଆଫ୍ରିକାର କିଛି ଦେଶ ମଧ୍ୟ ଅଗ୍ନି-୫ କ୍ଷେପଣାସ୍ତ୍ର ରେଂଜରେ ଆସିବ । କହିବାକୁ ଗଲେ ଅଗ୍ନି-୫ର ରେଂଜରେ ଅଧା ଦୁନିଆ ଆସିଯିବ । ଚଳିତ ମାସ ଆରମ୍ଭରେ ଚୀନ ସୀମାନ୍ତ ତୱାଙ୍ଗ ସେକ୍ଟରରେ ଡ୍ରାଗନ ସେନା ସହ ସଂଘର୍ଷ ଭିତରେ ଚାନ୍ଦିପୁରରୁ ସଫଳତାର ସହ ଅଗ୍ନି-୫ ମିଜାଇଲର ପରୀକ୍ଷଣ କରିଥିଲା ଭାରତ । ଆଉ ଏହାକୁ ଚୀନ ପାଇଁ ଚେତାବନୀ ବୋଲି କୁହାଯାଉଛି ।

## ନୂଆ ବର୍ଷରେ ହୋଇପାରେ ନୂଆ ମନ୍ତ୍ରିମଣ୍ଡଳ !



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ପଦ୍ମପୁର ବିଜୟ ପରେ ବିଜେଡିର ଲକ୍ଷ୍ୟ ୨୦୨୪ । ଏଥିପାଇଁ ନୂଆ ଟିମ୍ ଗଢିପାରନ୍ତି ନବୀନ । ଏପରିକି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି । କିଛି ନେତାଙ୍କୁ ମନ୍ତ୍ରୀପଦ ମିଳିପାରେ, କିଛି ମନ୍ତ୍ରିମଣ୍ଡଳରୁ ବାଦ ପଡିପାରନ୍ତି । ବିଜେଡିର ଜଣେ ବରିଷ୍ଠ ନେତାଙ୍କ ସୂଚନା ଆଧାରରେ ନୂଆବର୍ଷର ପ୍ରଥମ ସପ୍ତାହରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ । ୨୦୧୯ରେ ପଞ୍ଚମ ଥର ପାଇଁ ସରକାର ଗଢିବା ପରେ ଗତ ଜୁନ ମାସ ୫ ତାରିଖରେ ପ୍ରଥମ ମନ୍ତ୍ରିମଣ୍ଡଳ ପରିବର୍ତନ କରିଥିଲେ ମୁଖ୍ୟମନ୍ତ୍ରୀ । ସେତେବେଳେ ସବୁ ମନ୍ତ୍ରୀ ଇସ୍ତଫା ଦେଇଥିଲେ । କିଛି ବିବାଦୀୟ ନେତା ମନ୍ତ୍ରିମଣ୍ଡଳରୁ ବାଦ ପଡିଥିଲେ । ତେବେ ପୂର୍ବ ମନ୍ତ୍ରିମଣ୍ଡଳରୁ ୯ ଜଣଙ୍କୁ ରିପିଟ୍ କରାଯାଇଥିଲ ।

## ତୱାଙ୍ଗ ସୀମା ସଂଘର୍ଷକୁ ନେଇ ରାଜନୀତି

ନୂଆଦିଲ୍ଲୀ, ୧୭/୧୨ : ଭାରତ ଓ ଚୀନ ସେନା ମଧ୍ୟରେ ତୱାଙ୍ଗ ସଂଘର୍ଷ ଘଟଣାରେ ଲାଗିଛି ରାଜନୀତିର ବିବାଦୀୟ ରଙ୍ଗ । ଡିସେମ୍ବର ୯ରେ ଯେଉଁ ସୀମା ସଂଘର୍ଷ ଘଟିଥିଲା ତାକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବଡ ବୟାନ ଦେଇଛନ୍ତି । ରାହୁଲ କେବଳ କେନ୍ଦ୍ର ସରକାରଙ୍କ ଉପରେ ନୁହେଁ ବଂର ସେନାର ଆଭିମୁଖ୍ୟ ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି । ଭାରତ ଯୋଡ଼ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗୋଟେ ପରେ ଗୋଟେ ଅଭିଯୋଗ ଆଣି ମୋଦୀ ସରକାର ଓ ଭାରତୀୟ ସେନା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ ଚୀନ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି ଓ ସରକାର ଶୋଇଛନ୍ତି । କଂଗ୍ରେସ ସାଂସଦଙ୍କ ବୟାନକୁ ନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି । ବିଜେପି ସ୍ପଷ୍ଟ ଶବ୍ଦରେ କହିଛି ଚୀନ ସହିତ ରାହୁଲଙ୍କ ଘନିଷ୍ଠ ସମ୍ପର୍କ ରହିଛି । ତେଣୁ ଚୀନ କଣ କରିବ ନକରିବ ସେକଥା ପୂର୍ବରୁ ରାହୁଲଙ୍କ ପାଖରେ ସୂଚନା ରହିଛି । ରାହୁଲଙ୍କ ଏଭଳି ବୟାନ କେବଳ ସରକାର ବିରୋଧୀ ନୁହେଁ ବଂର ସେନାର ମନୋବଳକୁ ▶▶ପୃଷ୍ଠା ୭

## ୨୦୨୩ରେ ଚୀନ ପାଇଁ ଆସୁଛି ମହାବିପତ୍ତି



ନୂଆଦିଲ୍ଲୀ, ୧୭/୧୨ : ୨୦୨୩ରେ ଚୀନରେ ହେବ କରୋନାର ବିସ୍ଫୋରଣ । ଚୀନରେ କରୋନା ମାମଲା କ୍ରମାଗତ ଭାବେ ବଢିଚାଲିଛି । ପରିସ୍ଥିତି ସଙ୍କଟଜନକ ହେବାରେ ଲାଗିଛି । ଏହାରି ଭିତରେ ୨୦୨୩ ସୁଦ୍ଧା ପୁଣି ଥରେ ଚୀନରେ କରୋନା ବିସ୍ଫୋରଣ ହେବା ନେଇ ଆକଳନ କରିଛି ଆମେରିକାର ଚିକାଗୋ ସ୍ଥିତ ଇନଷ୍ଟିଚ୍ୟୁଟ ଫର୍ ହେଲଥ୍ ମେଟ୍ରିକ୍ସ ଆଣ୍ଡ ଏଭାଲ୍ୟୁମେଂଟର । ଚୀନରେ ହଠାତ୍ କରୋନା କଟକଣା ହଟାଇବା ଦ୍ୱାରା ଏହି ବିସ୍ଫୋରଣ ହେବା ନେଇ କୁହାଯାଉଛି । ଏଥିରେ ୧୦ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ ବୋଲି ଆକଳନ କରାଯାଇଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଏପ୍ରିଲ ପହିଲା ସୁଦ୍ଧା ଚୀନରେ କରୋନା ସଂକ୍ରମଣ ଶୀର୍ଷ ଛୁଇଁବ । ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଏଥିରେ ସଂକ୍ରମିତ ହେବେ । ଏଥିସହ ମୃତ୍ୟୁ ସଂଖ୍ୟା ୩ ଲକ୍ଷ ୨୨ ହଜାରରେ ପହଂଚିପାରେ । ଚାଇନା ସରକାର କୌଣସି ବୁଷ୍ଟର ଡୋଜ ବିନା କଟକଣାକୁ କୋହଳ କରିଛନ୍ତି, ଏହି କାରଣରୁ ପ୍ରତି ୧୦ ଲକ୍ଷ ଲୋକଙ୍କ ମଧ୍ୟରୁ ୬୪୮ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବାର ଆଶଙ୍କା ରହିଛି ।

## ୪ ଲୁଟେରାଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଭୁବନେଶ୍ୱରରେ ଆତଙ୍କ ଖେଳାଇଥିବା ୪ ଲୁଟେରାଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍ । ଏହି ୪ ଅଭିଯୁକ୍ତ ରାଜ୍ୟ ବାହାରର ହୋଇଥିବା ବେଳେ ସେମାନେ କାର କାଚ ଭାଙ୍ଗି ଟଙ୍କା ଓ ଲାପଟପ୍ ଚୋରି କରିଥାନ୍ତି । ଗିରଫ ବେଳେ ପୋଲିସ୍ ସେମାନଙ୍କ ଠାରୁ ୫୨ ହଜାର ଟଙ୍କା , ଲାପଟପ୍ ଓ ମୋବାଇଲ୍ ଜବତ କରିଛି । ସେମାନଙ୍କ ବିରୋଧରେ ରାଜଧାନୀ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଓଡିଶା ସମେତ ବିହାର ଓ ତାମିଲନାଡୁରେ ମଧ୍ୟ ଏମାନେ ଲୁଟ୍ କରୁଥିବା ଜଣାପଡିଛି ।

## ଗିରଫ ଓକିଲଙ୍କୁ ଜେଲ ଭିତରେ ଦିଆଯାଉଛି ଥାର୍ଡ ଡିଗ୍ରୀ : ଜୟନାରାୟଣ

ନୂଆଦିଲ୍ଲୀ, ୧୭/୧୨ : ସମ୍ବଲପୁରରେ ୫୪ ଜଣ ଆଇନଜୀବୀଙ୍କୁ ଛାଡି ଅନ୍ୟ ଓକିଲଙ୍କ ଉପରୁ ଅଙ୍କୁଶ ହଟିଥିଲେ ବି ଏ ଯାଏଁ କୋର୍ଟ କାମ ସ୍ୱାଭାବିକ ହୋଇପାରିନାହିଁ । ଡିସେମ୍ବର ୧୨ ତାରିଖରେ ବାର କାଉନସିଲ ଅଫ ଇଣ୍ଡିଆ ସମ୍ବଲପୁର ବାର ଆସୋସିଏନସର ସମସ୍ତ ସଭ୍ୟଙ୍କ ଲାଇସେନ୍ସ ବାତିଲ ନେଇ ନିର୍ଦ୍ଦେଶନାମା ଜାରି କରିଥିଲା । କିନ୍ତୁ ଗତକାଲିର ସାନି ନିର୍ଦ୍ଦେଶନାମାରେ ୫୪ ଜଣଙ୍କୁ ଛାଡି ସମ୍ବଲପୁର କୋର୍ଟରେ ଓକିଲାତି କରୁଥିବା ଅନ୍ୟ ସମସ୍ତ ଆଇନଜୀବୀଙ୍କୁ କାମ କରିବାକୁ ଅନୁମତି ଦିଆଯାଇଥିଲା । ତା ସତ୍ତ୍ୱେ ଅଚଳାବସ୍ଥା ଲାଗିରହିଛି । ନିଜ ମହକିଲଙ୍କ ମାମଲା ଲଢିବାକୁ ପଡୋଶୀ ବରଗଡ ଓକିଲ ସଂଘରୁ ଓକିଲ ଆସୁଛନ୍ତି । ସେପଟେ ବିରୋଧୀ ଦଳ ନେତା ଗିରଫ ଓକିଲଙ୍କୁ ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି । ଜୟନାରାୟଣ ମିଶ୍ର, କହିଛନ୍ତି, ଜେଲରେ ଥିବା ଓକିଲଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଉଛି । ଏହା ତଦନ୍ତ କରାଯାଉ । ସମ୍ବଲପୁରରେ ହାଇକୋର୍ଟ ବେଂଚ ନ ହେବା ନେଇ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ଦାୟୀ କରିଛନ୍ତି ଜୟନାରାୟଣ ମିଶ୍ର ।

## ବାର୍ଷିକ କ୍ରୀଡା ବେଳେ ଛାତ୍ରଙ୍କ ବେକରେ ପଶିଲା ଜାଭଲିନ୍



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଆଗଲପୁର ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବେଳେ ଜଣେ ଛାତ୍ରଙ୍କ ବକେରେ ଜାଭେଲିନ୍ ପଶି ଯାଇଛି । ଜାଭଲିନ୍ ବେକରେ ପଶି ଗୁରୁତର ହୋଇଥିବା ଛାତ୍ର ହେଲେ ନବମ ଶ୍ରେଣୀର ସଦାନନ ମେହେର । ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତି କରାଯାଇଥିଲା । ପ୍ରାୟ ଘଂଟାଏ କାଳ ଅପରେସନ ପରେ ଛାତ୍ରଙ୍କ ବେକରୁ ସୁରକ୍ଷିତ ଭାବେ ଜାଭଲିନକୁ ବାହାର କରାଯାଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଚିନ୍ତା ପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହତ ଛାତ୍ରକୁ ଉତମ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯିବ ବୋଲି କହିଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଛାତ୍ର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ▶▶ପୃଷ୍ଠା ୭

## ଧାମନଗର ମଡେଲକୁ ନେଇ ଦଳ ନିର୍ବାଚନ ଲଢିବ : ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟ ସରକାରଙ୍କ ଅପାରଗତା, ସ୍ଥାଣୁତା, ଭ୍ରଷ୍ଟାଚାରକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିବ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଓ ରାଜ୍ୟ ପଦାଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଯୋଗ ଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଉଭୟ ଗୁଡିଏ ବିଷୟରେ ୨୦୨୪କୁ ସାମ୍ନା କରିବା ପାଇଁ ଭାରତୀୟ ଜନତା ପାର୍ଟିକୁ ଶିକ୍ଷା ଦେଇଛି । ଆମ ପାଖରେ ଧାମନଗର ମଡେଲ ଅଛି । ବିଜେପି ଓଡ଼ିଶାର ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି । ଆଗାମୀ ନିର୍ବାଚନରେ ଲୋକମାନଙ୍କର ଦଳ ପାଖରୁ ଥିବା ଅପେକ୍ଷା ଅନୁଯାୟୀ ଓଡ଼ିଶା ସରକାରଙ୍କ ଅପାରଗତା, ସ୍ଥାଣୁତା, ଭ୍ରଷ୍ଟାଚାରକୁ ପ୍ରମୁଖ ପ୍ରସଙ୍ଗ କରାଯିବ । କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ରାଜନୈତିକ ପ୍ରସଙ୍ଗ ସହ ସଂଗଠନାତ୍ମକ ରଚନା ଓ ଏହାର ଦୃଢୀକରଣ ସମ୍ପର୍କରେ ଆଲୋଚନା ହେବ । ଏହି ବୈଠକ ଆଗାମୀ ଦିନରେ ଦଳକୁ ନିଶ୍ଚୟ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ସିନ୍ଦେ ସରକାର ଓ ମହାରାଷ୍ଟ୍ର ରାଜ୍ୟପାଳଙ୍କ ବିରୋଧରେ ମେଣ୍ଟର ରଣହୁଙ୍କାର



ନୂଆଦିଲ୍ଲୀ, ୧୭/୧୨ : ମହାରାଷ୍ଟ୍ର ସରକାରଙ୍କ ବିରୁଦ୍ଧରେ ମହାବିକାଶ ଅଗାଡି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଅନ୍ୟପଟେ ବିଜେପି ମଧ ଏହାକୁ କାଉଂଟର କରି ଆନ୍ଦୋଳନ କରିଛି । ରାଜ୍ୟପାଳ ଭଗତ ସିଂ କୋଶରିଆ ଛତ୍ରପତିଙ୍କୁ ଦେଇଥିବା ବିବାଦୀୟ ବୟାନ, କର୍ଣ୍ଣାଟକ –ମହାରାଷ୍ଟ୍ର ସୀମା ବିବାଦରେ ମହାବିକାଶ ଅଗାଡି ବିକ୍ଷୋଭ ପ୍ରଦର୍ଶନ କରିଛି । ସେପଟେ ଶିବସେନା ନେତା ସୁଷୁମା ଆନ୍ଧାରେଙ୍କ ହିନ୍ଦୁ ଦେବାଦେବୀଙ୍କୁ ନେଇ ଦେଇଥିବା ବିବୃତି ବିରୁଦ୍ଧରେ ଆନ୍ଦୋଳନ କରିଛି ବିଜେପି । ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶୟାରିଙ୍କ ବିବାଦୀୟ ବୟାନକୁ ନେଇ ଚାଲିଛି ଜୋରଦାର ବିକ୍ଷୋଭ ପ୍ରଦର୍ଶନ । ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି ଉଭୟ ଶାସକ ଓ ବିରୋଧୀ । ଶନିବାର ବିରୋଧୀ ମେଣ୍ଟ ମହାବିକାଶ ଅଘାଡି ପକ୍ଷରୁ ବିଭିନ୍ନ ମୁଦ୍ଦାକୁ ନେଇ ଏକନାଥ ସିନ୍ଦେ ସରକାର ବିରୋଧରେ ଜୋରଦାର ପ୍ରତିବାଦ କରାଯାଇଛି । ମହାବିକାଶ ଅଘାଡି ବା ଏମଭିଏ ଦ୍ୱାରା ଆୟୋଜିତ ବିଶାଳ ଶୋଭାଯାତ୍ରାରେ ପ୍ରାୟ ୫୦ରୁ ଅଧିକ ସଙ୍ଗଠନ, ବିଭିନ୍ନ ଗୋଷ୍ଠୀ, ରାଜନୈତିକ ଦଳ ଏବଂ ଏନଜିଓ ଗୁଡିକ ସାମିଲ ହୋଇଛନ୍ତି । ଏହି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ବିରୋଧୀ ଦଳ ନେତା ଅଜିତ ପାୱାର ଏବଂ ରାଜ୍ୟ କଂଗ୍ରେସ ମୁଖ୍ୟ ନାନା ପଟୋଲେ । ଦୀର୍ଘ ୫ କିଲୋମିଟର ବ୍ୟାପି ହୋଇଥିବା ଏହି ରାଲି ଜେ ଜେ ହସ୍ପିଟାଲ ନିକଟରୁ ଆରମ୍ଭ ହୋଇ ଦକ୍ଷିଣ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜା ଟର୍ମିନାସ ପର୍ଯ୍ୟନ୍ତ ଲମ୍ବିଥିଲା । ଏମଭିଏ ମେଣ୍ଟର ଅଭିଯୋଗ ଅନୁଯାୟୀ ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀ ମହାରାଜା ଏବଂ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଭଳି ମହାପୁରୁଷଙ୍କୁ ରାଜ୍ୟପାଳ ଅପମାନ କରିଛନ୍ତି । ତେଣୁ ରାଜ୍ୟପାଳଙ୍କୁ ତୁରନ୍ତ ହଟାଯାଉ ବୋଲି ବିରୋଧୀ ଦାବି କରିଛନ୍ତି । ମହାରାଷ୍ଟ୍ରରେ ହେବାକୁ ଥିବା ପୁଂଜି ବିନିଯୋଗ ଗୁଜରାଟ ଚାଲି ଯାଉଥିବାରୁ ଏହାକୁ ଏକ ବଡ ପ୍ରସଙ୍ଗ କରିଛି ମହାବିକାଶ ଅଘାଡି ମେଣ୍ଟ । ଏହାସହ ▶▶ପୃଷ୍ଠା ୭

## ଇଡିରେ ହାଜର ହେଲେ ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ହନି ଟ୍ରାପ ମାମଲାରେ ବାରମ୍ବାର ସମନ ହେବା ସତ୍ତ୍ୱେ ଇଡିରେ ହାଜର ହେଉନଥିବା ଶ୍ରଦ୍ଧାଞ୍ଜଳି ଆଜି ଇଡି ସାମନାରେ ହାଜର ହୋଇଥିବା ଜଣା ପଡିଛି । ଏହାକୁ ମିଶାଇ ସେ ତୃତୀୟ ଥର ପାଇଁ ଆଜି ଇଡିରେ ହାଜର ହୋଇଛନ୍ତି । ଏହା ପୂର୍ବରୁ ମଧ ଇଡି ତାଙ୍କୁ ଦୁଇଥର ଜେରା କରି ସାରିଛି । ଉଲ୍ଲେଖନୀୟ ଯେ ବର୍ତମାନ ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ଇଡି ଦ୍ୱିତୀୟ ଥର ପାଇଁ ରିମାଣ୍ଡରେ ନେଇଛି । ବାରମ୍ବାର ସମନ କରୁଥିଲେ ମଧ ମଧ ଶ୍ରଦ୍ଧାଂଜଳି ଇଡିରେ ହାଜର ହେଉନଥିଲେ ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗଜପତି ଜିଲ୍ଲାରକ ରାୟଗଡ଼ ପଞ୍ଚାୟତ ସମିତିର ସହକାରୀ ଯନ୍ତ୍ରୀଙ୍କ ଚଢାଉ କରିଥିବା ଜଣା ପଡିଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ । ଯନ୍ତ୍ରୀଙ୍କ ଘର ସମେତ ଗଜପତି ଓ ଗଂଜାମ ଜିଲ୍ଲାରେ ମୋଟ ଏକକାଳୀନ ୪ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି । ଚଢାଉରେ ଜଣେ ଏଏସପି, ୫ଜଣ ଇନିସ୍ପେକ୍ଟର, ୨ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ ଥିବା ଜଣାପଡିଛି ।

# ମହିଳା ଭିକ୍ଷୁକଙ୍କ ବଦାନ୍ୟତା : ମନ୍ଦିର ପାଣ୍ଠିକୁ ଦାନ କଲେ ଏକ ଲକ୍ଷ ଟଙ୍କା

କନ୍ଧମାଳ,୧୭/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ଜଗନ୍ନାଥ ମନ୍ଦିର ପରିସରରେ ଭିକ୍ଷାବୃତି କରୁଥିବା ତୁଳା ବେହେରା ନାମକ ଜଣେ ୭୦ ବର୍ଷୀୟା ମହିଳା ଭିକ୍ଷୁକ ମନ୍ଦିରକୁ ଦାନ କରିଛନ୍ତି ଏକ ଲକ୍ଷ ଟଙ୍କା ।

ଏ ଦୁନିଆରେ ସମସ୍ତେ ଧନ ସମ୍ପତି ଅର୍ଜନ ପାଇଁ ନ ଖାଇ ନ ପିଇ ଦିନ ରାତି ଏକ କରି ଉପାର୍ଜନ କରନ୍ତି ହେଲେ ଧନ ମିଳିଲା ପରେ ଦାନ କରିବା ପ୍ରାୟ ଭୁଲି ଯାଆନ୍ତି । କିନ୍ତୁ, ଏପରି ମଣିଷ ଆଜିବି ବଂଚିଛନ୍ତି ଯେଉଁମାନେ ତାଙ୍କର ଅର୍ଜିତ ଧନ ସର୍ବସ୍ୱ ଭାଗବାନଙ୍କ ନିକଟରେ ସମର୍ପଣ କରିଦିଅନ୍ତି । ସେହିପରି ଏକ କିମ୍ବଦନ୍ତୀ ମହିଳା ହେଉଛନ୍ତି ତୁଳା ବେହେରା । ତୁଳାଙ୍କ ସ୍ୱାମୀ ପ୍ରଫୁଲ୍ଲ ବେହେରା କୋଡିଏ ବର୍ଷ ତଳୁ ଆରପାରିକୁ ଚାଲିଗଲେଣି । ତୁଳାଙ୍କ କେହି ସନ୍ତାନ ସନ୍ତତି ନାହାଁନ୍ତି । ଭିକ୍ଷା ବୃତି କରି ଚଳୁଥିଲେ । ବିଶେଷ କରି ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଓ ବେଳେ ବେଳେ ସିରିଡ଼ି ସାଇ ମନ୍ଦିର ପରିସରରେ ବସନ୍ତି । ଯାହା ଆଦାୟ ହୁଏ ସେଥିରେ ସେ ଚଳିବା ସହ ବାକିଟଙ୍କା ବ୍ୟାଙ୍କରେ ଜମା କରୁଥିଲେ । ବ୍ୟାଙ୍କରେ ତାଙ୍କର ୧ ଲକ୍ଷ କୋଡିଏ ହଜାର ଥିଲା ଆଉ ସେ ଏହି ଅର୍ଥରୁ ୧ ଲକ୍ଷ ଟଙ୍କା ଆଜି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ସଦସ୍ୟଙ୍କ ଉପସ୍ଥିତିରେ ଦାନ କରି ସୃଷ୍ଟି କରିଛନ୍ତି ଏକ ଇତିହାସ । ଏହିଅର୍ଥରେ ବାହାରୁ ଆସୁଥିବା ସାଧୁ ସନ୍ଥମାନେ ରହିବା ପାଇଁ ଘର ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି । ବଂଚିଥିବା ଯାଏ ଆଉ କିଛି ସଂଚୟ କରି ଅର୍ଥ ଦେବେ ବୋଲି କହିଛନ୍ତି ସେ । ତୁଳାଙ୍କ ଏଭଳି ମନୋଭାବ ନିର୍ଶ୍ଚିତ ଅନ୍ୟ ମାନଙ୍କୁ ପ୍ରେରଣା ଦେବ ବୋଲି ଜଗନ୍ନାଥ ମନ୍ଦିର କମିଟି ସମ୍ପାଦକ ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା କହିଛନ୍ତି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ତୁଳାଙ୍କୁ ଉପଢୌକନ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତୁଳାଙ୍କ ଖାଇବା ପିଇବା, ରହିବା ସହ ତାଙ୍କର ସମସ୍ତ ଦାୟୀତ୍ୱ ବହନ କରିବ ବୋଲି କହିଛି କମିଟି ।

ଅନ୍ୟ ମାନଙ୍କ ମଧ୍ୟରେ ମନ୍ଦିର ସଦସ୍ୟ ଆଇନଜିବୀ ରଜତ କୁମାର ମହାନ୍ତି, ଆଇନଜିବୀ ଚନ୍ଦ୍ର ଶେଖର ପରିଡା, ଅଜୟ କୁମାର ସିଂ, ସିଦ୍ଧେଶ୍ୱର ଦାସ, ପ୍ରଦୀପ ମୁନି ଓ ଶଙ୍କର ପାଢ଼ି ପୂଜକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗଦିଶ ଚନ୍ଦ୍ର ନାୟକ ସରକାରି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଜୟପୁର,୧୭/୧୨ (ନି.ପ୍ର): ଜଗଦିଶ ଚନ୍ଦ୍ର ନାୟକ ସରକାରି ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବାର୍ଷିକ କ୍ରିଡା ପ୍ରତିଯୋଗିତା ଉଦଘାଟିତ ହୋଇଛି । ଏହି ପ୍ରତିଯୋଗିତାକୁ ସରକାରି ବାଳିକା ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ବିହାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତକା ଉତୋଳନ କରି ଉଦଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ଅଧିଷ୍ଠାତ୍ରୀ ମା ଭଗବତିଙ୍କ ମନ୍ଦିରରୁ ମଶାଲକୁ ବିଦ୍ୟାଳୟର କ୍ରିଡା ଖେଳ ପଡିଆକୁ ଆଣାଯାଇଥିଲା । ଏହି ମଶାଲକୁ ମୁଖ୍ୟ ଅତିଥି ବିହାରି ଛାତ୍ରଙ୍କ ଠାରୁ ଗ୍ରହଣ କରି ଉଦ୍ଦିଷ୍ଟ ସ୍ଥାନରେ ସ୍ଥାପନ କରିଥିଲେ । ପରେ ଛାତ୍ର ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ ଏହି ଉଦଘାଟନି ଉତ୍ସବରେ ଅଧକ୍ଷତା କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀମାଦ୍ରି ଅପ୍ପନା, ତ୍ରିନାଥ ପଟ୍ଟନାୟକ, ମହମ୍ମଦ ସରିଫ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶାରିରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ସ୍ୱାଗତ ଅଭିଭାଷଣ ଉପସ୍ଥାପନା କରିବା ସହ ଚଳିତ ବର୍ଷ ଏହି ସପ୍ତାହରେ ଓଡିଶାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରିଡା ଉତ୍ସବ ମାନ ଆୟୋଜନ କରି ପୁରୁଷ ବିଶ୍ୱ ହକି ପ୍ରତିଯୋଗିତାର ବାର୍ତା ଓ ହକିକୁ ଛାତ୍ର, ଅବିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଲୋକପ୍ରିୟତା କରିବା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟରେ ଦୌଡ, କୁଦ, ଭଲିବଲ, କବାଡି, ଖୋ ଖୋ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହାକୁ ବିଦ୍ୟାଳୟ ଶିକ୍ଷୟତ୍ରୀ ଏ. ସ୍ୱେତା, ମାଧୁରି ମଧୁମିତା, ସୁଧାରାଣି ଭୁବେତି, ମିନତି ପାତ୍ର, ମଞ୍ଜୁଳା ପାଣିଗ୍ରାହୀ, ଶିକ୍ଷକ କମଳଲୋଚନ ଶିସା, ବ୍ଲକ କ୍ରିଡା ସମ୍ପାଦକ ଶୁଭେନ୍ଦୁ ପ୍ରଧାନ, ଶାରିରିକି ଶିକ୍ଷା ଶିକ୍ଷକ ବାସୁଦେବ ସେନାପତିଙ୍କ ନେତୃତ୍ୱରେ ଖେଳ ପରିଚାଳନା କରାଯାଇଥିଲା ।

# କୋଦଳା ଏନଏସିରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଯୋଜନା କାର୍ଯ୍ୟକ୍ରମ

ଗଞ୍ଜାମ,୧୭/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଏନଏସି ପରିସରରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସମୟରେ ଖାଦ୍ୟସାର ଅଭାବରୁ ଗରୀବ ଶ୍ରେଣୀର ଟିବି ରୋଗୀ ମାନେ ସମସ୍ୟାରେ ପଡୁଥିବାରୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଅକ୍ଟୋବର ମାସରେ ଟିବି ରୋଗୀ ମାନଙ୍କୁ ଏହି ସୁଷମ ଖାଦ୍ୟ ବଂଟନ ଯୋଜନା ଆରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ଅଂଚଳର ପଚାଶ ଜଣ ଟିବି ରୋଗୀଙ୍କୁ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ନିଜସ୍ୱ ଅର୍ଥରେ ଭିଟାମିନ ଯୁକ୍ତ ଖାଦ୍ୟ ବଂଟନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମା ମୁକ୍ତ ଭାରତ କରିବା ଦୌଡ଼ରେ ଆମେ ଏକ ଛୋଟିଆ ପ୍ରୟାସ କରିଛୁ ବୋଲି କହିଛନ୍ତି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ।

ଏହି କାର୍ଯ୍ୟକ୍ରମରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏସଟିଏସ ଗୀତାରାଣୀ ପାଢ଼ୀ ଉପସ୍ଥିତ ରହି ଟିବି ରୋଗୀ ମାନଙ୍କୁ ସଚେତନ କରାଇବା ସହ ଯେପରି ଆଗାମୀ ଦିନରେ ସାରା କୋଦଳା ଏନଏସି ଏବଂ ବେଗୁନିଆପଡା ଅଂଚଳ କିପରି ସମ୍ପୂର୍ଣ ଟିବି ମୁକ୍ତ ହେବ ସେ ନେଇ ନିଜର ମତ ରଖିଥିଲେ । ଟିବି ମୁକ୍ତ ଭାରତ ଗଠନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମକୁ ଆଧାର କରି ଦେଶକୁ ଟିବି ମୁକ୍ତ କରିବା ପାଇଁ ଏହି ପ୍ରୟାସରେ ସମସ୍ତ ରୋଗୀ ମାନଙ୍କୁ ସୁଷମ ଖାଦ୍ୟ ବଂଟନ ସହ ସମସ୍ତେ ନିରୋଗୀ ରୁହନ୍ତୁ ବୋଲି କହିଥିଲେ କାଉନଶିଲର ମଧୁସୂଦନ ଜେନା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଦଳା ଏନଏସି ର ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

## ବ୍ଲକର ଅସହଯୋଗ ପାଇଁ ହୋଇପାରୁନି କଳାକାରଙ୍କ ଅଡିଶନ

କେନ୍ଦ୍ରାପଡ଼ା,୧୭/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅଧିନ ବଡିହ ପଂଚାୟତ ରେ ଥିବା ପୋଟିଆ ଗ୍ରାମର ମା' ଖରାଖାଇ ମହିଳା ସଂର୍କୀତନ ମଣ୍ଡଳୀ କଳାକାର ମାନଙ୍କୁ କଳାକାର ଭତା ପାଇଁ ଅଡିଶନ କରାଯାଉ ନଥିବା ଅଭିଯୋଗ ହୋଇଛି । ବ୍ଲକ ପ୍ରଶାସନ ଗ୍ରାମାଂଚଳର କଳାକାର ଓ ଲୋକ କଳା କଳାକାର ମାନଙ୍କ ଅଡିଶନ କରାଇବା ପାଇଁ ସରକାରୀ ନିର୍ଦ୍ଦେଶ ଥିବାବେଳେ ମହାକାଳପଡା ବ୍ଲକ କତୃପକ୍ଷ ଟାଳଟୁଳ ନୀତି କରି ମା' ଖରାଖାଇ ମହିଳା ସଂର୍କୀତନ ମଣ୍ଡଳୀ କଳାକାର ମାନଙ୍କୁ ଅଡିଶନ ପାଇଁ ଡାକୁ ନଥିବାରୁ ଏହି ସଂର୍କୀତନ ମଣ୍ଡଳୀର ସଦସ୍ୟା ମାନେ ଶୁକ୍ରବାର ଜିଲ୍ଲାପଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଲକ୍ଷ୍ମୀପ୍ରିୟା ଖଟୁଆ, ପୁଷ୍ପଲତା ପ୍ରଧାନ, ସରୋଜିନୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସାବିତ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଜୟପୁର,୧୭/୧୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର କ୍ରୀଡ଼ା ପ୍ରାଙ୍ଗଣରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁରୁଣାଗଡସ୍ଥିତ ହନୁମାନ ମନ୍ଦିରରୁ କ୍ରୀଡାବିତ୍ ଗଣ କ୍ରୀଡ଼ା ମଶାଲ ଆଣିବାପରେ ପ୍ରଧାନ ଶିକ୍ଷକ ସିମାଚଂଳ ମିଶ୍ର କ୍ରୀଡ଼ା ପତାକା ଉତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡଙ୍ଗୀ, ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଂଜନ ଗୌଡ଼ ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡାର ଉପାଦେୟତା ବିଷୟରେ ଆଲୋକପାତ କରିବା ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କ୍ରୀଡାର ନୀତିନିୟମ ମାନି କ୍ରୀଡା ପ୍ରଦର୍ଶନ କରିବା ପାଇଁ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ କୁମାର ରଥ, ଏନ୍. ପଦ୍ମାବତୀ, ସୋମନାଥ ସାକିଆ, ହିତକର ଚରତି, କଲ୍ୟାଣୀ ନାୟକ, ଶୁଭସ୍ମିତା ସାହୁ, ରଶ୍ମିତା ନାହାକ, ସନ୍ତୋଷିନୀ ପଣ୍ଡା, ସୁଚରିତା ପଟ୍ଟନାୟକ, ପପିତା ପ୍ରଧାନ, ବନିତା ପଣ୍ଡା, ବନିତା ଶତପଥୀ, ସାଗରିକା ପାତ୍ର, କାଳିପ୍ରସାଦ ମିଶ୍ର, ପ୍ରଭାକର ମହାରଣା, ରଜନୀ କାନ୍ତ ଘଡ଼େଇ, ଏ. ମୁରଲୀ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ପ୍ରମିଳା କୋମ୍ପୋଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲୁରହିବ ବୋଲି କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡଙ୍ଗୀ ଘୋଷଣା କରିଥିଲେ । ଓଡ଼ିଶା ସରକାରଙ୍କ ତରଫରୁ ବିଶ୍ୱକପ୍ ହକି ଖେଳର ପ୍ରଚାର ପ୍ରସାର ପାଇଁ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

# ଭବାନୀପାଟଣା ଟାଉନ ହାଇ ସ୍କୁଲରେ ବିଜ୍ଞାନ ଓ ଗଣିତ ପରିବେଶ ମେଳା ଅନୁଷ୍ଠିତ

ଭବାନୀପାଟଣା,୧୭/୧୨ (ନି.ପ୍ର): ବିଜ୍ଞାନର ଅବଦାନ ସମୁଦାୟ ବିଶ୍ୱକୁ ଏମ କରିପାରିଛି, ଭବାନୀପାଟଣା ସ୍ଥାନୀୟ ଟାଉନ ସରକାରୀ ହାଇସ୍କୁଲ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଆୟୋଜିତ କରାଯାଇଛି । ବ୍ଲକ ସାଧନ କେନ୍ଦ୍ର ସଭାପତି ଝାଙ୍କରଙ୍କ ଅଧକ୍ଷତାରେ ଆୟୋଜନ ଉଦଘାଟନି ସମାରୋହରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ବ୍ଲକ ଚେୟାରମ୍ୟାନ ପ୍ରଫୁଲ୍ଲ କୁମାର ସାହୁ ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର କୁମାର ଆଚାର୍ଯ୍ୟ, ଆୟୋଜକ କମିଟିର ପରିଚାଳନା ସମ୍ପାଦକ ତଥା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୁରେଖ ଚନ୍ଦ୍ର ସାହୁ ପ୍ରମୁଖ ମଂଚାସୀନ ଥିଲେ,ଏଥିରେ ଭବାନୀପାଟଣା ବ୍ଲକ ର ମନୋନୀତ ହୋଇଥିବା ଶିଶୁଭ ବୈଜ୍ଞାନିକ ମାନେ ସେମାନଙ୍କର ପ୍ରକଳ୍ପ ଉପସ୍ଥାପନା କରିଥିଲେ । ଚଳିତ ବର୍ଷର ପ୍ରକଳ୍ପ ଥିଲା ପ୍ରଯୁକ୍ତି ବିଦ୍ୟା ଓ ଖେଳନା ଜୁନିଅର ବିଭାଗରୁ ୪୭ଟି ସିନିୟର ବିଭାଗ ରୁ ୩୩ଟି ଏହିପରି ସମୁଦାୟ ୮୦ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା । ସମସ୍ତ ବକ୍ତା ମତ ଦେଇଥିଲେ । ଆଦି ପ୍ରଯୁକ୍ତି ବିଦ୍ୟା ସମଗ୍ର ପୃଥିବୀକୁ ଏକ କରିପାରିଛି । ବିଚାରକ ଭାବେ ଯୋଗ କରିଥିଲେ ସମୀର କୁମାର ବେହେରା, ସନ୍ତୋଷ କୁମାର କର, ଦେବାନନ୍ଦ ବାଗ,ଓ ଶ୍ରୀଯୁକ୍ତ ମହେଶ କୁମାର ଭାଟି,ଉଦଘାଟନି ଉତ୍ସବରେ ମଂଚ ପରିଚାଳନା କରିଥିଲେ, ମାଣିକେଶ୍ୱରୀ ହାଇସ୍କୁଲ ବରିଷ୍ଠ ଶିକ୍ଷକ ରବି ପ୍ରସାଦ କାନୁନଗୋ ଓ ସରିତା ରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ଓ ଛାତ୍ରଛାତ୍ରୀ ଙ୍କୁ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଅପରାହ୍ନ ରେ ଆୟୋଜିତ ଉଦଘାଟନି ସଭାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୁରେଖ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସରକାରୀ ବାଳିକା ଉଚ୍ଛ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଲନ୍ଦା ପଣ୍ଡା ଯୋଗ ଦେଇଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ନେଗୀ ଙ୍କୁ ମାନ ପତ୍ର ଦେଇ ସାମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକାଶ ନିଶ ଙ୍କ ମଂଚ ପରିଚାଳନା କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ରବୀନ୍ଦ୍ର ପଟନାୟକ, ସୁରେନ୍ଦ୍ର ପଟନାୟକ, ଶ୍ୟାମ ସୁନ୍ଦର ପଣ୍ଡା, ଅମରେଶ, ସୋମନାଥ ସାହୁ, ସୁଷମା ନାଏକ, ଶଶୀ କୁମାର, ସଞ୍ଜୟ କୁମାର ମିଶ୍ର ତଥା ଟାଉନ ହାଇସ୍କୁଲ ସମସ୍ତ ଚତୃର୍ଥ ଶ୍ରେଣୀ ସାହାଯ୍ୟ କରିଥିଲେ ।

# ରାସ୍ତା ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ପୁରୀ,୧୭/୧୨ (ନି.ପ୍ର): ଏକ ରାସ୍ତା ଦୁର୍ଘଟଣାରେ ଅବକାରୀ ବିଭାଗରେ କାର୍ଯ୍ୟରତ କନଷ୍ଟେବଳ ପର୍ଶୁରାମ ମହାନ୍ତିଙ୍କ ବିଧବା ପତ୍ନୀ ସଞ୍ଜୁକ୍ତା ମହାନ୍ତିଙ୍କୁ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଆଜି ନିଜ କାର୍ଯ୍ୟାଳୟରେ ଏହି ସହାୟତା ଅର୍ଥ ଶ୍ରୀମତୀ ମହାନ୍ତିଙ୍କୁ ତାଙ୍କ ପୁତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ । ଏକ ଆମ୍ବୁଲାନ୍ସ ଦୁର୍ଘଟଣାରେ ପର୍ଶୁରାମଙ୍କର ତା ୧୧.୪.୨୦୦୪ ରେ ମୃତ୍ୟୁ ହୋଇଥିଲା । ଏ ସମ୍ପର୍କୀତ ମାମଲାକୁ ବିଚାର କରି ବିଚାରାଳୟ ୨୦.୭.୨୦୧୨ ରେ କ୍ଷତିଗ୍ରସ୍ତଙ୍କ ନିକଟ ସମ୍ପର୍କୀୟଙ୍କୁ ୯ ଲକ୍ଷ ୭୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏ ସମ୍ପର୍କରେ ଆଇନ ପ୍ରକ୍ରିୟା ଚାଲିବା ପରେ ନ୍ୟାୟାଳୟଙ୍କ ଚୂଡାନ୍ତ ବିଚାର ଆଧାରରେ ଆଜି ପୂର୍ବ କ୍ଷତିପୂରଣ ଉପରେ ଶତକଡା ୭ ହାର ସୁଧରେ ମୋଟ୍ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ଶ୍ରୀମତୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ଏହା ଏକ ବହୁ ପୁରୁଣା ମାମଲା ଥିଲା । ଜିଲ୍ଲାପାଳ ଶ୍ରୀ ବର୍ମା ବ୍ୟକ୍ତିଗତ ଭାବେ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଏହାର କ୍ଷତିପୂରଣ ରାଶି ଯେପରି ଶିଘ୍ର ପ୍ରଦାନ କରାଯାଇ ପାରିବ ସେଥିପାଇଁ ପଦକ୍ଷେପ ନେଇଥିଲେ । ଜିଲ୍ଲାପାଳଙ୍କ ଉଦ୍ୟମ ଓ ପ୍ରଶାସନ ସହଯୋଗରେ ଏହି ଅର୍ଥ ପାଇଥିବାରୁ ଶ୍ରୀମତୀ ମହାନ୍ତି ଖୁସିବ୍ୟକ୍ତ କରିବା ସହ ବିଚାରାଳୟ, ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ ।

# ଶ୍ରୀ ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

କୋରାଇ,୧୭/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋଡି ସ୍ଥିତ ୧୬ ନମ୍ବର ଜାତୀୟ ରାପଥ କଡ ମାଳତୀ ହୋଟେଲ ନିକଟରେ ଥିବା ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀପଦ ଭକ୍ତି ବେଦାନ୍ତ ବିଦ୍ୱାନ ମହାରାଜ ଯୋଗଦେଇଥିବା ବେଳେ ଉଦଯାପନ କାର୍ଯ୍ୟକ୍ରମରେ କୋରାଇର ପ୍ରାକ୍ତନ ବିଧାୟକ ଥା ଓଡିଶା ସରକାରଙ୍କ ମୋ କଲେଜ ଅଧକ୍ଷ ଆକାଶ ଦାସନାୟକ ଯୋଗଦେଇ ରାମାୟଣ କଥା, ପ୍ରଭୁ ରାମଚନ୍ଦ୍ର, ମାତା ସୀତା ଏବଂ ପ୍ରଭୁ ହନୁମାନଙ୍କ ବିଷୟରେ ଚର୍ଚ୍ଚା କରିଥିଲେ ।

## ସାତ ହଜାର ଲିଟର ଦେଶୀ ମଦ ଗୋଟିଏ ସ୍ଥାନରେ ନଷ୍ଟ କଲା ବଲାଙ୍ଗିର ପୋଲିସ

ବଲାଙ୍ଗିର,୧୭/୧୨ (ନି.ପ୍ର): ଜିଲ୍ଲା ଅବକାରୀ ବିଭାଗ ଓ ଜିଲା ପୋଲିସ ଦ୍ୱାରା ବଲାଙ୍ଗିର ସ୍ଥିତ ବିଜାଖମନ ଠାରେ ଜିଲ୍ଲାର ୧୭ଟି ଥାନା ଯଥା ଟାଉନ ଥାନା, ସଦର ଥାନା, ଦେଓଗାଁ ଥାନା, ଲୋଇସିଂହା ଥାନା, ପୁଇଁନ୍ତଲା ଥାନା, ଲାଠୋର ଥାନା, ଲରମ୍ଭା ଥାନା, ବଙ୍ଗୋମୁଣ୍ଡା ଥାନା, ମୁରିବାହାଲ ଥାନା, କଣ୍ଟାବାଞ୍ଜି ଥାନା, ସିନ୍ଧେକେଲା ଥାନା, ସଇଁନ୍ତଲା ଥାନା, ଟିଟିଲାଗଡ଼ ଥାନା, ତୁରେକେଲା ଥାନା, ତୁଷୁରା ଥାନା, ବେଲପଡ଼ା ଥାନା ଆଦିରୁ ଜବତ ହୋଇଥିବା ୫୦୮ଟି ମାମଲାରେ ୭୦୦୦ ଲିଟରରୁ ଅଧିକ ଦେଶୀ ମଦକୁ ଆଜି ଏସ୍‌ପି ନୀତିନ୍ କୁଶଳ କରଙ୍କ ଉପସ୍ଥିତିରେ ଏକ ନୂଆ ଢଙ୍ଗରେ ଜିଲ୍ଲା ପୋଲିସ ନଷ୍ଟ କରିଛି । ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଅଧିକ ହୋଇଥିବା ବେଳେ ସମସ୍ତ ଥାନାର ଦେଶୀ ମଦକୁ ଗୋଟିଏ ଜାଗାରେ ରଖି ମଦ ଉପରେ ଜେସିବି ଚଢାଇ ନଷ୍ଟ କରାଯାଇଥିଲା ବୋଲି ଏସ୍‌ପି ନିତିନ କୁଶଲକର ସୂଚନା ଦେଇଛନ୍ତି । ଏହି ସମୟରେ ଅତିରିକ୍ତ ଏସପି ସୁରେଶ କୁମାର ନାଏକ, ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲି, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ସଦର ଏସ୍ ଡି ପି ଓ ତୁଫାନ୍ ବାଗ ସମେତ ବିଭିନ୍ନ ଥାନାର ଇନସପେକ୍ଟର ମାନେ ଉପସ୍ଥିତ ଥିଲେ ।

# ବରପାଲି ପଡାରୁ ୧୧୪ ବୋତଲ କଫ ସିରପ ଜବତ ଜଣେ ଗିରଫ

ବଲାଙ୍ଗିର,୧୭/୧୨ (ନି.ପ୍ର): ବଲାଙ୍ଗିର ଟାଉନ ଥାନା ଅନ୍ତର୍ଗତ ବରପାଲି ପଡାଠାରେ ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ଗତ କାଲି ବିଳମ୍ବିତ ରାତ୍ରୀରେ ଟାଉନ ପୋଲିସ ପକ୍ଷରୁ ଚଢାଉ କରାଯାଇ ୧୧୪ ବୋତଲ କୋରେକ୍ସ ଜବତ କରାଯାଇଥିବା ବେଳେ ଏହି ମାମାଲାରେ ରାଜ କୁମାର ମେହେର ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଥିବା ନେଇ ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି । କେଶ୍ ନଂ. ୬୮୮/ ୨୦୨୨ରେ ଏକ ମାମାଲା ରୁଜୁ କରି ଟାଉନ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ଡିସେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

କେନ୍ଦୁଝର,୧୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଡିସେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଡିସେମ୍ବର ୧୮ରୁ ୨୫ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା କାଳୀପଡିଆଠାରେ ଆୟୋଜନ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ଅବସରରେ ଚଳିତ ଡିସେମ୍ବର ୧୬ ତାରିଖ ଦିନ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ, କେନ୍ଦୁଝରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ କରୋନା ମହାମାରୀ ପରିପ୍ରେକ୍ଷୀରେ ଦୁଇବର୍ଷ ପରେ ଗୋନାସିକା କେନ୍ଦୁଝର ମହୋତ୍ସବ ଆୟୋଜନ କରାଯାଉଛି । ଏହି ଅବସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ପୁସ୍ତକମେଳା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ, ପରଂପରା, ଗ୍ରାମୀଣ ଶିଳ୍ପକଳାର ପ୍ରଚାର, ପ୍ରସାର, ବିକାଶ ସହିତ ଶିଳ୍ପୀ, କଳାକାରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି । ପଲ୍ଲିଶ୍ରୀ ମେଳାରେ ରାଜ୍ୟର ୨୬ଟି ଜିଲ୍ଲାର ତଥା ଭାରତର ୦୮ଟି ରାଜ୍ୟ ଯଥା ଦିଲ୍ଲୀ, ବିହାର, ପଞ୍ଜାବ, ଉତରପ୍ରଦେଶ,ଲଦାଖ, କାଶ୍ମୀର, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଆଦି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ/ ଦ୍ରବ୍ୟ ପ୍ରଦର୍ଶିତ ହେବା ସହିତ ବିକ୍ରୟ ହେବ । ଯାହାକି ସେମାନଙ୍କର ଆର୍ଥୀକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର,ଜିଲ୍ଲାର ବିଭିନ୍ନ ଅଂଚଳର ଲୋକକଳା ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲ୍ଲାର ସୁନାମଧନ୍ୟ ଲୋକକଳା ନୃତ୍ୟଦଳ ଅଂଶଗ୍ରହଣ କରିବେ । ଏତଦ୍‌ବ୍ୟତୀତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମହାରାଷ୍ଟ୍ର ଓ ଗୁଜୁରାଟ ଆଦି ରାଜ୍ୟର ଲୋକକଳା ଦଳ ଅଂଶଗ୍ରହଣ କରିବେ । ଏହା କେନ୍ଦୁଝର ତଥା ଓଡିଶା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ସଦ୍‌ଭାବନା, ଭାଇଚାରା, ମୈତ୍ରୀ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ପ୍ରଥିତଯଶା କଳାକାର ଋତୁରାଜ ମହାନ୍ତି, ଅସୀମା ପଣ୍ଡା,ସତ୍ୟଜିତ୍ ଜେନା, ଚଳଚିତ୍ର ତାରକା ବାବୁସାନ ଏବଂ ମଂଟୁ ଛୁରିଆ ମଧ ଗୋନାସିକା କେନ୍ଦୁଝର ମହୋତ୍ସବରେ ଦଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ନିମନ୍ତେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ସୂଚନାଯୋଗ୍ୟ ଯେ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସହିତ ଜିଲ୍ଲାରେ ବିଭିନ୍ନ ଅଂଚଳର ଲୋକନୃତ୍ୟ ଦଳ ଯଥା ଚାଙ୍ଗୁନୃତ୍ୟ, ସାନ୍ତାଳି ନୃତ୍ୟ, ମୁଣ୍ଡା ନୃତ୍ୟ, ପାଲା, ଖଞ୍ଜଣୀ ଭଜନ, ଝୁମର ନୃତ୍ୟ, ଛଉ ନୃତ୍ୟ, କଣ୍ଢେଇ ନୃତ୍ୟ ଦଳ ଅଂଶ ଗ୍ରହଣ କରିବେ । ପ୍ରତିଦିନ ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଲୋକକଳା ନୃତ୍ୟଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଏତଦ୍‌ବ୍ୟତୀତ ଡିସେମ୍ବର ୧୮ ତାରିଖ ସନ୍ଧ୍ୟାରେ ନୃତ୍ୟଭୂଷଣ ଡଃ ପିତାମ୍ବର ବିଶ୍ୱାଳଙ୍କ ଓଡିଶୀ ନୃତ୍ୟଦଳ (ଭୁବନେଶ୍ୱର), ସର୍ବେଶ୍ୱର ଭୋଇ (କଳାହାଣ୍ଡି)ଙ୍କ ଲୋକନୃତ୍ୟ ଦଳ, ପଶ୍ଚିମବଙ୍ଗର ଲୋକନୃତ୍ୟ ଦଳ, ଋତୁରାଜ ମହାନ୍ତି ଓ ଦଳ ଡିସେମ୍ବର ୧୯ ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗର ନୃତ୍ୟଦଳ, ମହାରାଷ୍ଟ୍ରର ଲୋକନୃତ୍ୟ ଦଳ, ଆନ୍ଧ୍ରପ୍ରଦେଶର ଲୋକନୃତ୍ୟ ଦଳ, ପୁରୀର ମାଲଖମ୍ବ, ଆସାମର ବିହୁ, ଖୋର୍ଦ୍ଧାର ପାଇକ ଆଖଡା, ଅସୀମା ପଣ୍ଡା ଓ ଦଳ, ଡିସେମ୍ବର ୨୦ ତାରିଖରେ ଆସାମର ବିହୁ, ଆନ୍ଧ୍ରପ୍ରଦେଶର ଲୋକନୃତ୍ୟ ଦଳ, ମହାରାଷ୍ଟ୍ରର ଲୋକନୃତ୍ୟ ଦଳ, କଳାଜୀବୀ ବରଗଡ, ପଲ୍ଲବୀ ମୟୁରଭଞ୍ଜ, ଚାନ୍ଦିନୀ ଜେନା ଓ ସାଥି, ସତ୍ୟଜିତ୍ ଜେନା ଓ ଦଳ, ଡିସେମ୍ବର ୨୧ତାରିଖରେ ଗଞ୍ଜାମର ପଶୁମୁଖା ନୃତ୍ୟଦଳ, କୋରାପୁଟର ଢେମ୍‌ସା, ପୁରୀର ଗୋଟିପୁଅ, ଗୁଜୁରାଟର ଲୋକନୃତ୍ୟ ଦଳ, ଚଳଚିତ୍ର ତାରକା ବାବୁସାନ ଓ ଦଳ, ଇସ୍ପାତ୍ କଳା ପରିଷଦ, ରାଉରକେଲା, ପଞ୍ଜାବର ଭାଙ୍ଗଡା ଏବଂ ବଲାଙ୍ଗିର ଜିଲ୍ଲାର ଶଙ୍କର ବେହେରାଙ୍କ ଦଳ, ଡିସେମ୍ବର ୨୨ତାରିଖରେ ପଇଁରି ସୋନପୁର, ଅର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟ ଶିଳ୍ପୀ ଶାଶ୍ୱତ ଯୋଶୀ ଓ ଦଳ, ପଞ୍ଜାବର ଭାଙ୍ଗଡା, ଗୁଜୁରାଟର ଲୋକନୃତ୍ୟ ଦଳ, ମଂଟୁ ଛୁରିଆ ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ନିମନ୍ତେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ଡିସେମ୍ବର ୧୮ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ କାଳୀପଡିଆଠାରେ ଉଦ୍‌ଘାଟନୀ ସମାରୋହ ଓ ଡିସେମ୍ବର ୨୨ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ।

# ମାଲକାନଗିରି ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ

ମାଲକାନଗିରି,୧୭/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ୪୨ତମ କ୍ରୀଡା ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଡଃ ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିବା ସହ ଛାତ୍ରଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡିୟ ପୋଲିସ ଅଧିକାରୀ ଶୁଭେନ୍ଦୁ ପାତ୍ର ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବା ସହ, ଅଭିବାଦନ ଗ୍ରହଣ କରି ଉଦ୍‌ଘାଟନ କରିଥିଲେ । ନମିତା ଦଣ୍ଡସେନା ଅଧାପିକା ଇତିହାସ ବିଭାଗର ମୁଖ୍ୟ ମଂଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ ଓ ଅଧାପିକା ପ୍ରେମରେଖା ଭତ୍ରା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ଜୀମୂତ ନାୟକ, ଅଧାପକ ସୁଶାନ୍ତ ମାଝୀ ସମେତ ଅଭିମନ୍ୟୁ ଦଳ ବେହେରା ପିଇଟି କ୍ରୀଡା ପରିଚାଳନା ସହ ସହଯୋଗ କରିଥିଲେ ।ସମ୍ମାନିତ ଅତିଥିରୂପେ ଲିଙ୍ଗରାଜ ମିଶ୍ର, ରମେଶ ଚନ୍ଦ୍ର ରାଉତ, ଗୋକୁଳ ନନ୍ଦ ପାତ୍ର, ତପନ କୁମାର ବେହେରା, ସୀତାଂଶୁ ମାଳିନୀ ପରିଡା, ଲକ୍ଷ୍ମୀ କୁଜୁର, ଜି ଗୁପତେଶ୍ୱର ରାଓ,ପ୍ରମିୟ କୁମାର ମହାନ୍ତି, ଭାରତୀ ଦିଗାଲ୍, ପ୍ରମୁଖ ବିଚାରକ ରୂପେ କାର୍ଯ୍ୟ ତୁଲାଇ ଥିଲେ । ଏଥିରେ ୧୫୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦାନ ସହିତ ୧୦୦ ମିଟର, ୨୦୦ ମିଟର,୪୦୦ ମିଟର, ୮୦୦ ମିଟର ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଜାଭେଲିନ୍ ଥ୍ରୋ ,ଡିସକସ୍,ସଟପୁଟ,ଆଦି ୧୧ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସଭାପତି ବସନ୍ତ ନାୟକ ସମେତ ଅନ୍ୟାନ୍ୟ ଅଣଶିକ୍ଷକ କର୍ମଚାରୀ ଯୋଗଦାନ କରି ଛାତ୍ର-ଛାତ୍ରୀଙ୍କୁ କ୍ରୀଡା ବିଷୟରେ ଉତ୍ସାହିତ କରି ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଡିସେମ୍ବର, ୨୦୨୨
email :
rabibarachayan2015@gmail.com

ରବିବାରଚ୍ଛି






.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୭ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଜାଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୦୩**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦେଖିଲି, ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଯାଇଛି । ମୁଁ ମଧ ଅଶ୍ରୁପୂର୍ଣ୍ଣ ନୟନରେ ତାଙ୍କୁ କହିଲି ଆପଣ ଶ୍ୟାମାକୁ ଚକ୍ଷୁଦାନ ଦେଇଅଛନ୍ତି । ଭଗବାନ ଶ୍ରୀକୃଷ୍ଣ ଯେପରି ଅନ୍ଧକୁ ଚକ୍ଷୁଦାନ ଦେଇଥିଲେ ବର୍ତ୍ତମାନ ଶ୍ୟାମାର ଭଗବାନ ଆପଣ । ସେ ଆପଣଙ୍କ ଋଣ କେତେ ଜନ୍ମରେ ସୁଦ୍ଧା ସୁଝି ପାରିବ ନାହିଁ । ଆପଣଙ୍କୁ ଶୁଭକାମନା ଛଡ଼ା ଆମ୍ଭେମାନେ ଆପଣଙ୍କୁ ଆଉ କଣ ଦେଇପାରିବୁ ?

ଡାକ୍ତର ମୃଦହାସ୍ୟ କରି ବଧକରକୁଟରେ ନମସ୍କାର କଲେ, ତତ୍ପରେ ଶ୍ୟାମାକୁ କିପରି ଘରେ ରଖିବାକୁ ହେବ, କିପରି ତାହାର ଯତ୍ନ କରିବାକୁ ହେବ, ସବିଶେଷ ଉପଦେଶ ଦେଲେ । ତତ୍ପରେ କେତେ ଆଦର ଓ ସ୍ନେହ କଥା କହି ବିଦାୟ ନେଲେ ।

୨୩.୮.୪୧ ଦିନ ଆମ୍ଭେମାନେ ପାଟଣା ତ୍ୟାଗ କରି ୨୪ ତାରିଖରେ ଘରେ ପହଂଚିଲୁ। ଶ୍ୟାମାକୁ ଦେଖି କାହାର ଆଖିରୁ ଯେ ଲୁହ ବୋହି ନଥିଲା ତାହା ନୁହେଁ । ସମସ୍ତେ ତାକୁ ଦେଖିବାକୁ ଘେରିଗଲେ । କାହା ମୁହଁରୁ ଶ୍ୟାମାର ସୌଭାଗ୍ୟ, କାହା ଭଗାବନଙ୍କ ଅସୀମ ଦୟା ତଥା ଉଚ୍ଛ୍ୱସିତ ହେବାକୁ ଲାଗିଲା । ଏହା ଉତ୍ତାରେ କେତେଦିନ ପର୍ଯ୍ୟନ୍ତ ଘରେ ଓ ବାହାରେ ପାଟଣାରେ ଅବସ୍ଥାନ କାଳର କଥା ମଧ୍ୟରେ ଏସ୍‌୩ ଔଷଧ ସଂଗ୍ରହ ଗଳ୍ପ ପ୍ରଧାନ ବିଷୟ ହୋଇଥିଲା । ଏହାର ପ୍ରାୟ ୧୫ ଦିନ ପରେ ଡାକ୍ତରଙ୍କ ଉପଦେଶ ମତେ ସୁଷମା ଓ ଶ୍ୟାମାର ସ୍ୱାସ୍ଥ୍ୟାନ୍ନତି ସକାଶେ ସେମାନଙ୍କୁ ନେଇ ସପରିବାର ପୁରୀ ଚାଲିଗଲି ଓ ସେଠାରେ ମାସେ କାଳ ରହିଲି ।

ପୁରୀରେ ଏକମାସ କାଳ ଅବସ୍ଥାନ ପରେ ସୁଷମା ବହୁ ପରିମାଣରେ ସୁସ୍ଥବୋଧକଲା । ଶ୍ୟାମାର ଚକ୍ଷୁମଧ କ୍ରମେ କ୍ରମେ ନିର୍ମଳ ଦେଖାଗଲା । ନିରୂପମା କଟକରେ ରେଭେନ୍ସା କଲେଜରେ ଏହି ସମୟରେ ବି.ଏ ତୃତୀୟ ବାର୍ଷିକ ଶ୍ରେଣୀରେ ଓ ଉମା ରେଭେନ୍ସା ବାଳିକା ସ୍କୁଲର ଦଶମ ଶ୍ରେଣୀରେ । ପୂଜା ଛୁଟିରେ ଏମାନେ ଆସି ପୁରୀରେ ଆମ୍ଭେମାନଙ୍କ ସଂଗେ ରହିଲେ । ଆଉ ସଂଗେ ଆସିଥିଲେ ତାହାର ଶିଶୁକନ୍ୟା ସହିତ ସୁରମା, ନିଳୀମା, ପୂର୍ଣ୍ଣିମା, ସତ୍ୟଭାମା ଓ ପୁତ୍ର ବିଭୂପ୍ରସାଦ । ଶ୍ରୀମାନ୍ ରାଧାନାଥ ମଧ ଆସି ଆମ୍ଭମାନଙ୍କ ସହିତ ମାସେକାଳ ରହିଲେ। ଏହି ମଧ୍ୟରେ ମୁଁ ଦିନାକେତେ ଇନ୍‌ଫ୍ଲୁଏଞ୍ଜା ରୋଗରେ ପୀଡ଼ିତ ହେଲି ଓ ମୁଁ ଏଥିରୁ ଆରୋଗ୍ୟ ଲାଭ ନକରୁଣୁ ଉମା ଭୀଷଣ ଜ୍ୱରରେ ଆକ୍ରାନ୍ତ ହେଲା ।

ଦିନକର ଅଲୌକିକ ସ୍ୱପ୍ନ ଘଟିତ ଘଟଣା ମୋର ମନେ ହେଉଅଛି- ଉମାର ସ୍ୱର୍ଗ ଯାତ୍ରା। ଉମାର ମୁହଁ ଉଦାସୀନତାର ଛାୟା ଦ୍ୱାରା ଆଚ୍ଛନ୍ନ । ସେ ସ୍ୱଭାବତଃ ଧୀର, ଶାନ୍ତ, ସ୍ୱଳ୍ପଭାଷିଣୀ । ଅସୁସ୍ଥତା ଯୋଗୁଁ ବୋଧହୁଏ ସମସ୍ତଙ୍କଠାରୁ ଅଲଗା ହୋଇ ରହୁଛି। କେବଳ ବେଳେ ବେଳେ ଭଉଣୀମାନଙ୍କ ସଂଗେ ଅଳ୍ପ କଥାବାର୍ତ୍ତା କରୁଛି।

କେହିଜଣେ ଆସି ତାଙ୍କୁ ଜଳକୁଣ୍ଡରେ ସ୍ନାନ କରାଇଦେଲା । ଅବଗାହନରୁ ଆସିବା ମାତ୍ରକେ ତା'ର ଦେହର ବର୍ଣ୍ଣ ପରିବର୍ତ୍ତିତ ହୋଇଗଲା । ତାହାର ମୁହଁରେ ଜ୍ୟୋତିର୍ମଣ୍ଡଳ ବିସ୍ତୃତ ହୋଇଗଲା । ମୁହଁ ପୂର୍ବାପେକ୍ଷା ଚିକ୍କଣ ଓ ଉଜ୍ଜ୍ୱଳତର ହୋଇଗଲା । ଗଣ୍ଡଦ୍ୱୟ ପୂର୍ଣ୍ଣ ହୋଇ ତାହାର ସ୍ୱଭାବିକ ରୂପ ଅପେକ୍ଷା ଆହୁରି ସୁନ୍ଦର ଦିଶିଲା । ବର୍ତ୍ତମାନ ତାହାର ରୂପ ଅନୁଭବର ବିଷୟ । କଥାରେ ବର୍ଣ୍ଣନା କରାଯାଇ ନପାରେ । ବର୍ତ୍ତମାନ ସେ ଆଦୌ କଥାକହୁନାହିଁ । ଯେତେ ଡାକିଲେ ଶୁଣୁ ନାହିଁ । ବାରମ୍ବାର ଚକ୍ଷୁଦ୍ୱୟ ଉନ୍ମିଳିତ ଓ ନିମିଳୀତ ହେଉଅଛି । ବୋଧହୁଏ କାହାକୁ ଚିହ୍ନୁନାହିଁ । ଯେତେ ଡାକିଲେ ଉତ୍ତର ନାହିଁ। ତାହାର ଗମ୍ଭୀର ରୂପଶ୍ରୀ କେବଳ ମୋର ହୃଦୟ ପୂର୍ଣ୍ଣ ହୋଇଅଛି । ମୋତେ ମଧ ଚିହ୍ନୁ ନାହିଁ । ଦେଖୁ ଦେଖୁ ବାକ୍‌ଶକ୍ତି ରୋହିତ କାଷ୍ଠପୁତ୍ତଳିକାବତ୍ ଛିଡ଼ା ହୋଇଛି । ପିନ୍ଧିଛି, ଆପାଦମସ୍ତକବରଣ ଦୁଗ୍ଧଫେନନିଭ ଶୁକ୍ଳ ମଲ ମଲ ତୁଲ୍ୟ ବସ୍ତ୍ର ।

ଚାହୁଁ ଚାହୁଁ ଗୋଟିଏ ଗୋଟିଏ ହୋଇ ଅନେକ ଗୁଡ଼ିଏ ବାଳିକା ଆସି ତାହାର ଡାହାଣ ବାମ ଓ ପଶ୍ଚାତଭାଗରେ ଛିଡ଼ା ହୋଇଗଲେ। ସମସ୍ତେ ପାଂଚବର୍ଷ ବୟସ୍କା ଶିଶୁ ଠାରୁ ବାରବର୍ଷ ବୟସ୍କା କିଶୋରୀ । ଅପୂର୍ବ ସୁନ୍ଦରୀ। ପରିଧେୟ ସମସ୍ତଙ୍କର ଉମାର ପରିଧେୟ ସଦୃଶ । ସମସ୍ତଙ୍କ ମୁଖ ଓ ମସ୍ତକ ବେଷ୍ଟନ କରି ଜ୍ୟୋର୍ତିମଣ୍ଡଳ ପରିସ୍ଫୁଟ। ସେମାନଙ୍କୁ ଦେଖି ମୋର ସର୍ବାଙ୍ଗ ପୁଲକିତ ହେବାକୁ ଲାଗିଲା । ମନରେ ଭୟ ଜାତ ହେଲା । ଏମାନେ କିଏ? ଏମାନେ ହଠାତ୍ ଆସି ଉମାର ଚର୍ତୁପାର୍ଶ୍ୱ ବେଷ୍ଟନ କରିଗଲେ।

ଉମାକୁ ଯେତେ ଡାକିଲି, କଥା କହିବାକୁ କହିଲି ଏକାବେଳେକେ ନିର୍ବାକ୍ । ମୋର ହୃଦୟ ତୀବ୍ର ବେଗରେ ସ୍ପନ୍ଦିତ ହେବାକୁ ଲାଗିଲା । ଶରୀର ଘର୍ମସ୍ନାତ ହେଲା । ପୁଣି ଡାକିଲି ଉମା! ତଥାପି କଥା ନାହିଁ, କେବଳ ଚକ୍ଷୁ ମିଟ୍ ମିଟ୍ କରୁଛି ଓ ଗମ୍ଭୀର ହୋଇ ଛିଡ଼ା ହୋଇଛି ।

ଉମାର ପାଦଦ୍ୱୟ ଭୂମି ତ୍ୟାଗ କରି କ୍ରମେ ଉର୍ଦ୍ଧ୍ୱକୁ ଉଠିବାକୁ ଲାଗିଲା । ଏ କ'ଣ? ଉମାକୁ ନେଇ ସମସ୍ତେ ଚାଲିଯାଉଛନ୍ତି। ଉମା ସହିତ ସେମାନେ କ୍ରମେ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର ପ୍ରଦେଶକୁ ଚାଲିଯାଉଛନ୍ତି । ହସ୍ତପ୍ରସାରଣ କରି ଉମାକୁ ଧରିବାକୁ ଚେଷ୍ଟାକଲି, ତା'ର ଦେହ ସ୍ପର୍ଶ କରି ପାରିଲି ନାହିଁ । କାତର କଣ୍ଠରେ ଡାକିଲି ଉମାରେ! ମୋର ପ୍ରାଣର ଉମା, ତୁ କଣ ସତ ଚାଲିଯାଉଛୁ? ମୁଁ ତୋତେ କେଡ଼େ ଯତ୍ନରେ ପାଳିଛି । କେତେ ସ୍ନେହରେ ପାଠ ପଢ଼ାଇଛି। ଏ ସବୁ ମାୟା ତ୍ୟାଗ କରି ମୋତେ ଛାଡ଼ି ଚାଲିଯାଉଛୁ କେଉଁଆଡ଼େ । ତୁ ତୁମ ସ୍କୁଲର ରତ୍ନ । ତୋର ଶିକ୍ଷୟିତ୍ରୀ ଓ ସହାଧ୍ୟାୟିନୀମାନେ ତୋର ଶାନ୍ତ ସ୍ୱଭାବ ଓ ସଦ୍‌ଗୁଣରେ କେତେ ପ୍ରଶଂସା କରନ୍ତି । ତୋର ପରୀକ୍ଷା ଯେ ନିକଟରେ । ତୁ ଏସବୁ ଛାଡ଼ି କେଉଁଆଡ଼େ ଚାଲିଯାଉଛୁ ? ଉମା ମା ଫେରିଆ, ଦେଖ୍ ତୋ ମାଆଙ୍କ ମନ କଣ ହେବ? ତୋ ଭଉଣୀମାନେ ତୋ ବିନା ରହି ପାରିବେନି, ମୋ ସ୍ନେହର ଉମା ଆ ମା' ଚାଲିଆ! ବାପା ବୋଲି ଥରେ ଡାକ। ଥରେ ମାତ୍ର ବାପା ଡାକ ଶୁଣିଲେ ତୋତେ ଯାଇ ମୁଁ ଫେରାଇ ଆଣିବି । ଆ ମାଆ ମୋର ଫେରିଆ ।

କିନ୍ତୁ ନାହିଁ, ସେ କ୍ରମେ କ୍ରମେ ଦୃଷ୍ଟି ପ୍ରଦେଶରୁ ଦୂରକୁ ଚାଲିଯାଉଅଛି । ରୂପ ପୂର୍ବପରି ଗମ୍ଭୀର । ପରୀମାନେ ତଦ୍ରୂପ । ଦେଖୁ ଦେଖୁ କେଉଁ ଉର୍ଦ୍ଧ୍ୱତମ ପ୍ରଦେଶରେ ସମସ୍ତେ ଅଦୃଶ୍ୟ ହୋଇଗଲେ । ମୁଁ ଚିତ୍କାର କରି ଉଠିଲି, ଚାରିଆଡ଼େ ଅଣ୍ଡାଳିଲି ଦେଖିଲି ଉମା ମାଆ ପାଖରେ ଶୋଇଛି ।

ଏବେ ବୁଝିଲି, ଅତି ଅଦ୍ଭୁତ ସ୍ୱପ୍ନ । ଉମାର ଦେହରେ ହାତ ବୁଲାଇଲି । ଭୀଷଣ ଗରମ ଲାଗିଲା । ଜ୍ୱରରେ ତାହାର ଜ୍ଞାନ ନାହିଁ । ତାଳ ତାଳ ଜ୍ୱଳ, ରାତି ପାହିବା ପର୍ଯ୍ୟନ୍ତ ଅପେକ୍ଷାକଲି । ସକାଳେ ଯାଇ ଡାକ୍ତରଙ୍କୁ ଡାକି ଆଣିଲି । ଦୁଇଦିନର ଚିକିତ୍ସାରେ ଜ୍ୱରରେ ଉପଶମ ହେଲା ।

ଶ୍ରୀମାନ୍ ରାଧାନାଥ ତ ବସାରେ ଆମ୍ଭମାନଙ୍କ ସଙ୍ଗେ ରହିଥିଲେ । ସେ ପାଟଣା କଲେଜରେ ମନୋବିଜ୍ଞାନର ଏମ୍.ଏ. ଛାତ୍ର। ସ୍ୱପ୍ନ ଅର୍ଥ ପଚାରିଲି । କହିଲେ, ଝିଅମାନଙ୍କ ପ୍ରତି ଅତ୍ୟଧିକ ମମତା- ଜନକ ମାନସିକ ବିକୃତିର ଫଳ।

ସୁଷମାକୁ ମେଡିକାଲ୍ କଲେଜରେ ଛାଡ଼ିଆସିବା ଓ ଶ୍ୟାମାକୁ ଆଉଥରେ ଡାକ୍ତରଙ୍କୁ ଦେଖାଇଆଣିବା ପାଇଁ ତା ୬.୧୦.୧୯୪୧ରେ ପାଟଣା ଯାତ୍ରା କଲି ଓ ପରଦିନ ରାତ୍ରିରେ ବସାରେ ପହଂଚିଲି। ଯିବା ପୂର୍ବେ ସୁଷମା କହିଲା ଯେ, ସେ ଅତ୍ୟନ୍ତ ସୁସ୍ଥ ବୋଧକରୁଅଛି । ବାଟରେ ବୃଷ୍ଟି ଯୋଗୁଁ ଥଣ୍ଡାଲାଗି ଛାତିରେ ଅଳ୍ପ ପୀଡ଼ା ଅନୁଭବ କଲା । ପୁଣି ପଢ଼ିବା ସକାଶେ ଉପଯୁକ୍ତ ହେଉଛି କି ନା ଏହି ଚିନ୍ତାରେ ସମୟ ଅତିବାହିତ ହେଉଥାଏ । ଦିନକର ବିଶ୍ରାମ ଉତ୍ତାରେ ତାକୁ ମେଡିକାଲ୍ କଲେଜର ପ୍ରିନସପାଲ୍ ଡାକ୍ତର ତ୍ରିଦିବନାଥ ବାନାର୍ଜୀଙ୍କ ଠାକୁ ନେଇଗଲି । ସେ ତାହାକୁ ପରୀକ୍ଷାକରି କହିଲେ ଯେ ତାହାର ଛାତିର ଦୋଷ ରହିଅଛି ଓ ସେହିବର୍ଷ ପାଇଁ ପଢ଼ା ବନ୍ଦ କରିବା ସକାଶେ କେତେ ଉପଦେଶ ଦେଲେ ।

(କ୍ରମଶଃ)

## ଅ ନ୍ୱେ ଷ ଣ

# ମଣିଷର ଭାବନା ତାର୍ ବ୍ୟକ୍ତିତ୍ୱର୍ ପରିଚୟ



■ ପ୍ରଶାନ୍ତ ଦାସ

ମଣିଷର ଭାବନା ତା'ର ବ୍ୟକ୍ତିତ୍ୱକୁ ନିର୍ମାଣ କରେ । ମଣିଷର ବ୍ୟକ୍ତିତ୍ୱ ତାର ପରିଚୟ ସୃଷ୍ଟି କରେ। ପରିଚୟ ସୃଷ୍ଟି ହେବା ପରେ ଯେତେବେଳେ ସେ ବ୍ୟକ୍ତିତ୍ୱ ସହ ପରିଚିତ ହୋଇଯାଏ ସେତେବେଳେ ସେ ନିଜ ଭିତରେ ଥିବା ଜ୍ଞାନର ଗହନତାକୁ ସ୍ପର୍ଶ କରିବାକୁ ପ୍ରୟାସ କରିବାର ଆବଶ୍ୟକତା ଅଛି । ଗୋଟିଏ ସଂଖ୍ୟାର ଆବଶ୍ୟକତା ଠାରୁ ସାମର୍ଥ୍ୟର ଆବଶ୍ୟକତା ବେଶି ଓଜନଦାର । ସବୁବେଳେ ଆଖିରେ ମଣିଷ ଦେଖିନଥାଏ, ବେଳେବେଳେ ମନରେ ମଧ ମଣିଷ ଦେଖିଥାଏ । ଯେତେବେଳେ ମନରେ ମଣିଷ ଦେଖେ ସେତେବେଳେ ଅସୁନ୍ଦର ମଧ ତାକୁ ଭାରି ସୁନ୍ଦର ଲାଗେ । କେବେକେବେ ବାଣ୍ଟିବା ଲୋକଙ୍କୁ ଈଶ୍ୱର ଶୂନ୍ୟ କରିଦେଇଥାଆନ୍ତି । ଯେତେସବୁ ଦାନୀ ବ୍ୟକ୍ତିମାନଙ୍କୁ ଈଶ୍ୱର ଶୂନ୍ୟ କରିଦିଅନ୍ତି, ତା ପରେ ପୁଣି ପୂର୍ଣ୍ଣ କରିଦିଅନ୍ତି । ବେଳେବେଳେ ମଣିଷ ଗୋଟଶଏ ସୋପାନରେ ପହଞ୍ଚେ ଯେଉଁଠି ଭିନ୍ନତା ନଥାଏ । ସବୁ ପରିସ୍ଥିତି, ଘଟଣା ଏବଂ ବ୍ୟକ୍ତି ତାକୁ ସମାନ ପରିଲକ୍ଷିତ ହୁଅନ୍ତି । ଭିନ୍ନ ଭିନ୍ନ ହୋଇ ମଧ ଯେଉଁଠି ଭିନ୍ନତା ନଥାଏ ସେଇଠି ସାମ୍ୟ ଥାଏ ।

ଜୀବନ ଏକ ପୂର୍ଣ୍ଣ ବିଶ୍ୱାସ । ମଣିଷର ଚାଲିବା ବାଟ ସର୍ବଦା ଶ୍ରଦ୍ଧାମୟ, ସହଯୋଗପୂର୍ଣ୍ଣ । ଶ୍ରଦ୍ଧା ଏବଂ ସହଯୋଗକୁ ମଣିଷ ଗୋଟିଏ ବିଶ୍ୱାସରେ ଆପଣେଇ ନେଇଛି । ବିଶ୍ୱାସର ପ୍ରଗାଢ଼ତାରେ ସଂପର୍କ ତିଆରି ହୋଇଥାଏ । ମଣିଷ ଯେତେବେଳେ ଆନନ୍ଦରେ ତନ୍ମୟ ହୁଏ, ସେତେବେଳେ ସେ ନିଜ ସତ୍ତା ସହିତ ରହେ ନାହିଁ । ସେ ଆନନ୍ଦ ସତ୍ତା ସହିତ ରହେ । ସେତେବେଳେ ତା ନିକଟରେ ଆତ୍ମସତ୍ତାରେ କେବଳ ଆନନ୍ଦ ଥାଏ । ସଂଯମ କରିବାର ଅର୍ଥ ପୋଷଣ କରିବା । ମୁଁ ନିଜ କ୍ରୋଧକୁ ସଂଯମ କରୁଛି, ଏହାର ଅର୍ଥ ମୁଁ ତାକୁ ମୋ ନିକଟରେ ପୋଷଣ କରୁଛି । କିଛି କଥା ମଣିଷ ପାଖରୁ କେବେ ଛାଡ଼ି ଯାଏ ନାହିଁ । ତାକୁ ନିଜ ପାଖରେ ପୋଷିଦେବା ହେଉଛି ନିର୍ମାଣ । ପ୍ରତ୍ୟେକ ଆଶା ମଣିଷର ପୂର୍ଣ୍ଣ ହୁଏ । ଶ୍ରମ ଏବଂ ସମୟ କେବେ ନିଷ୍ଫଳ ହୁଏ ନାହିଁ । ମଣିଷ ଭିତରେ ଥିବା ଧାରାବାହିକ ଉଚ୍ଛ୍ୱାସକୁ ଈଶ୍ୱର କେବେ ବିନାଶ କରନ୍ତି ନାହିଁ । କେବଳ ମାଧ୍ୟମର ପରିବର୍ତ୍ତନ କରିଥାନ୍ତି । ପୃଥିବୀରେ ଯେଉଁମାନେ ସୁନ୍ଦର ସ୍ୱପ୍ନ ଦେଖିଛନ୍ତି, ସେ ସ୍ୱପ୍ନକୁ ପୂର୍ଣ୍ଣ କରିବା ପାଇଁ ଈଶ୍ୱର ସର୍ବଦା ସଚେଷ୍ଟ ଥାଆନ୍ତି । ଆବଶ୍ୟକ ବେଳେ ମାଧ୍ୟମର ପରିବର୍ତ୍ତନ କରିଥାନ୍ତି । କିନ୍ତୁ ସେ ସ୍ୱପ୍ନର ମୃତ୍ୟୁ କେବେ ହୁଏ ନାହିଁ । ଜଗନ୍ନାଥ ଅଛନ୍ତି ବୋଲି ବଡ଼ପଣ୍ଡାମାନେ କହି ପାରନ୍ତିନି, କିନ୍ତୁ ବଳରାମ ଦାସ ପ୍ରମାଣ କରିଛନ୍ତି । ବାଙ୍କୀ ମୁହାଣରେ ବାଲିରଥ ତିଆରି କଲେ ଏବଂ କହିଲେ ଏଇ ରଥରେ ତୁ ଯିବୁ । ସେ ରଥରେ ତୁ ଯାଇପାରିବୁନି । ଜଗନ୍ନାଥଙ୍କର ଦର୍ଶନ ପାଇଲେ । ବଳରାମ ଦାସ ଭାବୁଥିଲେ, 'ମୋତେ ଜଗନ୍ନାଥଙ୍କ ଭାବରେ ଭାବମୟ ରହିବାକୁ ହେଲେ ମୋ ଭିତରେ ଆନନ୍ଦ ତିଆରି କରିବାକୁ ପଡ଼ିବ । ମୋତେ ଆନନ୍ଦର ସହିତ ଅନେକ ସମୟ ଅତିବାହିତ କରିବାକୁ ପଡ଼ିବ। ଯଦି ମୋ ମନର ପ୍ରସନ୍ନତା ମୋତେ ଈଶ୍ୱରଙ୍କ ସତ୍ତା ସହିତ ଯୋଡ଼ିଦେଇପାରେ, ତେବେ ମନର ଆକର୍ଷଣ ସହିତ ମୋତେ ଘଣ୍ଟା ଘଣ୍ଟା ବିତେଇବାର ଆବଶ୍ୟକତା ଅଛି । ଯେତେ ସମୟ କାଳିଆ ତୋ ପାଇଁ ଲେଖିବି, ତୋ ପାଇଁ ଭାବିବି, ତୋ ପାଖରେ ରହିବି । ଗୋଟିଏ ବର୍ଷ ରଥରେ ଏମିତି ସେ ଜୀବନର ଆନନ୍ଦ ପାଖେ ରହି ଭୁଲି ଯାଇଛନ୍ତି ଯେ ସେଦିନ ରଥ ବୋଲି । ହଠାତ୍ ନିଦ ଭାଙ୍ଗିବାରୁ ଭାବିଛନ୍ତି ରଥ ପରା ଆଜି, ରଥ ଟାଣିବିନି କି? ଭାବି ବିହ୍ୱଳ ହୋଇ ତନ୍ମୟରେ ଦୌଡ଼ିଛନ୍ତି ବଡ଼ଦାଣ୍ଡକୁ । ତାଙ୍କ କସ୍ତୁରୀ, ହଳଦୀ ତାଙ୍କ ଦେହରେ ଲାଗିଛି । ହାତରେ ଫୁଲହାରଟିକୁ ନେଇ ରଥ ଉପରକୁ ଉଠି କାଳିଆକୁ କହିଛନ୍ତି ନେ । ବଡ଼ ପଣ୍ଡା ସହ୍ୟ କରିପାରି ନାହାନ୍ତି । ବଳରାମ ଦାସଙ୍କୁ କହିଛନ୍ତି ଆମେ ଜାଣୁ ଆପଣ ଜଗନ୍ନାଥଙ୍କ ଭକ୍ତ । ସେଥିପାଇଁ ଆମେ ଆପଣଙ୍କୁ ସମ୍ମାନ ଦେଉ । ତା ବୋଲି ଆପଣ ଏମିତି ଅଶୌଚ ଅବସ୍ଥାରେ ରଥ ଉପରକୁ ପଳେଇ ଆସିବେ? ଫେରି ଯାଇଛନ୍ତି ବଳରାମ ଦାସ ଗଭୀର ଦୁଃଖରେ ।

ଏମିତି କେବେକେବେ ଆସକ୍ତିଗୁଡ଼ାକ ମଣିଷର ଶକ୍ତି ହୋଇଥାଏ । ଘୋର ଅପମାନିତ ହୋଇ ଫେରି ଆସିଛନ୍ତି ବଳରାମ ଦାସ । ବାଙ୍କୀ ମୁହାଣରେ ତିନୋଟି ବାଲିରଥ ନିର୍ମାଣ କରି ଜଗନ୍ନାଥଙ୍କୁ କହିଛନ୍ତି, ମୋର କିଛି ଶୁଣିବାର ନାହିଁ, ଏଇ ରଥରେ ତୁ ଯିବୁ । ଭକ୍ତ ଯେତେବେଳେ ଈଶ୍ୱରଙ୍କ ସହିତ କଥା କହିଛି, ସେତେବେଳେ ସେ ତା'ର ଶ୍ରେଷ୍ଠଭକ୍ତି ଈଶ୍ୱରଙ୍କୁ ଅର୍ପଣ କରିଛି । ହଠାତ୍ ବଳରାମ ଦାସ ଦେଖୁଛନ୍ତି ଏଇ ଉଜ୍ଜ୍ୱଳ ଆଲୋକ ରଥକୁ ଉଦ୍‌ଭାସିତ କରୁଛି । ତା ପରେ ସିଏ ଜଗନ୍ନାଥଙ୍କୁ ନିଜର ଅଭିମାନ ଶୁଣେଇଛନ୍ତି। ବଡ଼ପଣ୍ଡା କେମିତି ତାଙ୍କୁ ସମସ୍ତଙ୍କ ସମ୍ମୁଖରେ ଅପମାନିତ କଲେ ଏବଂ ରାଜା ମଧ ବଡ଼ପଣ୍ଡାଙ୍କର ତିରସ୍କାର ଶୁଣି ନୀରବ ରହିଲେ । ବଡ଼ଦାଣ୍ଡରେ ଶହଶହ ଭକ୍ତ ରଥ ଟାଣିବା ସତ୍ତ୍ୱେ ରଥ ଆଉ ଗଡୁନି । ତା ପରେ ଜଗନ୍ନାଥଙ୍କର ବଡ଼ପଣ୍ଡାଙ୍କୁ ନିର୍ଦ୍ଦେଶ ହେଲା ବଳରାମ ଦାସଙ୍କୁ ସମ୍ମାନର ସହିତ ରଥକୁ ଆଣିବାକୁ। ଭକ୍ତର ଆକୁଳତା ନାହିଁ ତ ସେ ନାହାନ୍ତି । କାହାରି ନା କାହାରି ଆକୁଳତା ଏକ ସତ୍ତାକୁ ଜୀବନ୍ତ କରୁଛି। କେବେକେବେ ମଣିଷ ଜୀବନରେ ଏକ ବଳିଷ୍ଠ ଅପମାନ ପାଇବାର ଆବଶ୍ୟକତା ଅଛି । ଏହା ତାର ପୁରସ୍କାର, ଏହା ତାର ଆନନ୍ଦ । କାଳିଦାସଙ୍କୁ ତାଙ୍କ ସ୍ତ୍ରୀ ଧିକ୍କାର କରିନଥିଲେ ସିଏ ପଣ୍ଡିତ ହୋଇ ।ରିନଥାନ୍ତେ। ପ୍ରଚଣ୍ଡ ଅପମାନ ମଣିଷ ଭିତରେ ପ୍ରଚଣ୍ଡ ଦିବ୍ୟଜ୍ଞାନ ସୃଷ୍ଟି କରିଛି । ଜୀବନରେ ଆସୁଥିବା ଘୃଣାମାନ କେବେକେବେ ପ୍ରେମରେ ରୂପାନ୍ତରିତ ହୋଇଥାଏ ।

କେତେବେଳେ ମଣିଷ ମନରେ ଦୁଃଖ ଆସେ, ଯେତେବେଳେ ତା ମନରେ ନିରାଶା ଜନ୍ମ ନିଏ, ନିରାଶା ସୃଷ୍ଟି ହୁଏ । ସେତେବେଳେ ତା ମନରେ କିଛି ପାଇବାର ଆଶା ଥାଏ । ପାଇବାର ଆଶାର ବିଫଳ ହେଲେ ଲୋକ ନିରାଶାରେ ରହେ । ଈଶ୍ୱର କହନ୍ତି, ତୁମେ ଯେତେବେଳେ ବୋଝ ବୋହି ନ ପାରୁଛ, ମୋ ପିଠିରେ ଛାଡ଼ିଦିଅ ଏବଂ ଭାବ ଈଶ୍ୱରଙ୍କର ଏକ ବିରାଟ ପିଠି ଅଛି ବୋଝ ବୋହିବା ପାଇଁ । ଆତ୍ମସନ୍ତୋଷ ହିଁ ଜୀବନର ଶ୍ରେଷ୍ଠ ପୁଞ୍ଜି । ଯଦି ମଣିଷ ଆତ୍ମସନ୍ତୋଷରେ ଅଛି, ତେବେ ସିଏ ଭଗବାନଙ୍କ ସହିତ ଅଛି ।

ଥରେ ଜଣେ ରାଜା ପ୍ରେମ କବିତା ଲେଖୁଥିବା କବିର କବିତାରେ ତନ୍ମୟ ହେଲେ । ତାଙ୍କ ମନରେ ପ୍ରଶ୍ନ ଆସିଲା ଏତେ ସୁନ୍ଦର କବିତା ରଚନା କରିପାରୁଥିବା କବିଙ୍କର ସ୍ତ୍ରୀ ନିଶ୍ଚୟ ଲାବଣ୍ୟବତୀ ହୋଇଥିବେ। ତେଣୁ ସେ କବିଙ୍କୁ ତାଙ୍କ ସ୍ତ୍ରୀଙ୍କୁ ରାଜଦରବାରକୁ ଆଣିବାକୁ ନିର୍ଦ୍ଦେଶ ଦେଲେ । ଦିନେ ଦରବାର ବସିଲା। ରାଜା ଏବଂ ସମସ୍ତ ମନ୍ତ୍ରୀ ପାରିଷଦଙ୍କ ମନରେ ଉତ୍ସୁକତା ଥାଏ କବିଙ୍କର ପତ୍ନୀ ଆସିବେ । କବି ଜଣେ ପରମ ଅସୁନ୍ଦରୀଙ୍କୁ ସାଙ୍ଗରେ ନେଇ ଚାଲିଥାନ୍ତି ରାଜଦରବାରକୁ । ତାଙ୍କୁ ଦେଖି ରାଜା ପ୍ରଶ୍ନ କଲେ 'ଇଏ କଣ ଆପଣଙ୍କର ପତ୍ନୀ ? କବିଙ୍କର ଉତ୍ତର ଥିଲା 'ହଁ ରାଜନ୍' । ପୁଣି ରାଜାଙ୍କର ପ୍ରଶ୍ନ ଥିଲା ତାଙ୍କୁ ଦେଖି ସେ କେମିତି ଏତେ ସୁନ୍ଦର କବିତା ଲେଖିପାରୁଛନ୍ତି । କବିଙ୍କର ଉତ୍ତର ଥିଲା ଯାହା ଅନୁଭବ କରୁଛି ତାହା ହିଁ ଲେଖୁଛି । ଆଖି କେବେ ଅନୁଭବ କରେ ନାହିଁ, ମନ ସବୁବେଳେ ଅନୁଭବ କରେ । ଯେଉଁଠି ମନ ଅଛି, ସେଇଠି ଜୀବନ ଅଛି । ପ୍ରଶିକ୍ଷିତ ମନଟିଏ, ଜୀବନକୁ ଜୀବନର ସ୍ୱାଦୁ ଚଖେଇଛି ।

♥ ବାଗବୃନ୍ଦାବନ, ବାଲେଶ୍ୱର
(ମୋ) ୯୯୩୭୯୩୨୫୭୦

## ଆମ ସମୟର କବିତା.....

### ॥ ଉତ୍ତରଣ ॥

**ଶରତ କୁମାର ଦାସ**



ଏପଟେ ଜଳୁଛି ନିଆଁ ହୁତୁହୁତୁ
ସେପଟେ ଦରପୋଡା
ଶବମାନଙ୍କର ନାକଫଟା ଗନ୍ଧ
ଦିକ୍ ଦିକ୍ ଦିହୁଡିମାନଙ୍କ ଶୋଭାଯାତ୍ରା
ମାଟିରୁ ଆକାଶ
ଉଦଣ୍ଡ ନୃତ୍ୟରେ ରତ ଅଗଣିତ ଆଶରୀରୀ
ହାଡ-ପାଉଁଶର
ବିଭୁତି ବୋଲି ସର୍ବାଙ୍ଗେ ।

ଗ୍ରାସ କଲାଣି କଳା ମଚମଚ ଅନ୍ଧାର
ମାଟି-ପାଣି-ପବନକୁ, ପୁଣି
ପୃଥିବୀ- ଆକାଶ-ପାତାଳକୁ ସଗର୍ବେ
ତାରାମାନେ ଘଷୁଛନ୍ତି ମୁହଁ
ପାହାଡ ଛାତିରେ।

ଛଳନା ଓ ଅହମିକାର
ଖେଳ ଚାଲିଛି ଚତୁର୍ଦ୍ଦିଗେ
ରକ୍ତର ରଙ୍ଗରେ ଝୋଟି ଆଙ୍କୁଛନ୍ତି
ସଇତାନମାନେ ଅହର୍ନିଶ
ମିଛ ଈଶ୍ୱରଙ୍କୁ ଢାଲ କରି ନର୍କର ବେଦୀରେ।

ଅଟ୍ଟହାସ୍ୟ ଶୁଭୁଛି ସମୁଦ୍ରର ଆରପଟୁ
ସୁଁ ସୁଁ କାନ୍ଦୁଛି କେଉଁଠାଏ ଆୟୁଷ
ପାପୁଲି ସନ୍ଧିରେ
ଈଶ୍ୱରଙ୍କ ଅସ୍ତିତ୍ୱ ଖୋଜାପଡିଲାଣି ପୁନଶ୍ଚ
ନାସ୍ତିକଙ୍କ ଭଙ୍ଗା ଭାବନାର ସହରରେ ।

ବାହାରି ଆସିବାକୁ ହେବ ଆମକୁ ଖୁବ୍ ଶୀଘ୍ର
ଆଦିମ ହିଂସ୍ରତାର ରକ୍ତ ରଂଜିତ ଖୋଳପାରୁ,
ନିଜକୁ ଉନ୍ମୁକ୍ତ କରିବାକୁ ହେବ କୁଢ କୁଢ
ଖଣ୍ଡ ବିଖଣ୍ଡିତ ପୁଣି ଅବାସ୍ତବ
ସ୍ୱପ୍ନମାନଙ୍କର ଶକ୍ତ ପଂଜୁରି ମଧ୍ୟରୁ ।

ଭେଦିବାକୁ ହେବ ସୃଷ୍ଟିର ଆଦ୍ୟ ରହସ୍ୟକୁ
ରୋମାଞ୍ଚରେ ଭରିଯିବ ହୃଦୟର ତନ୍ତ୍ରୀ
ସତ ଈଶ୍ୱରଙ୍କ ହଜିଲା ଠିକଣା
ପଡିଯିବ ଜଣା ଅନାୟସରେ ହୁଏତ ।

ଆସ ତିଳ ତର୍ପଣ କର ମନ ଖୋଲି
ଅନାବୃତ କର ନାସ୍ତିକତାର କଳା ଆବରଣ
ସମର୍ପି ଦିଅ ଯେତେ ଦମ୍ଭ ଅହଙ୍କାର
ନିଜକୁ ସଜାଡିନିଅ ଭଲକରି
ଶତାବ୍ଦୀ ଶତାବ୍ଦୀ ଧରି ବଂଚିରହିଥିବା
ଆସ୍ତିକତାକୁ ଉଖୁରେଇଦିଅ ।

ଦେଖିବ, ପୁନର୍ଜନ୍ମ ନେବେ ଈଶ୍ୱର ନିଶ୍ଚୟ
ପରସ୍ତ ପରସ୍ତ ଅନ୍ଧାରକୁ ଭେଦ କରି,
ଝୁଣା-ଧୂପ-ଅଗରୁ ସୁଗନ୍ଧରେ
ମହମହ ବାସୁଥିବ ପୃଥିବୀ ପୁନଶ୍ଚ ।

ସେତେବେଳେ ଆଉ ଅନ୍ଧାର ନଥିବ
ନଥିବ ବି ଶଠତାର କ୍ରୂର ପରିହାସ
ଅଙ୍କୁରିତ ହେବ ସ୍ୱଚ୍ଛ ବିଶ୍ୱାସର ସବୁଜ ଗୁଳ୍ମ
ଉତ୍ତରଣର ମହାସଂଯୋଗରେ ,
ଆଉ ଯେତେ ଅବିଶ୍ୱାସ ଘେରା
ଉଗ୍ର ଉନ୍ମାଦନା
ଶୋଇଥିବେ ମୁହଁମାଡି
ନିଘୋଡ ନିଦରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର

### ॥ ସମୟର କାଳଖଣ୍ଡ ॥

**ସିପୁନୁ ଜେନା**



ସମୟ ମୋ ହାତରେ ଅଛି
ନା ତମ ହାତରେ ?
ଆମ ପାଇଁ ଘଟୁଥିବା ଘଟଣା ହୁଏତ
ଆମ ନିୟନ୍ତ୍ରଣରେ ଥାଇପାରେ
ଯାହା ଆମେ ମୂଳଦୁଆ ପକେଇଛନ୍ତି ।

ଆମର ଗୋଟେ ନିଷ୍ପତ୍ତି,
ଗୋଟେ ବିଚାର ଅବା ଗୋଟେ କାର୍ଯ୍ୟ
ଅନେକ ପରିବର୍ତ୍ତନ କରିଦେଇ ପାରେ
ସମୟର କାଳଖଣ୍ଡକୁ
ଓ ଇତିହାସର ପୃଷ୍ଠଭୂମିକୁ !

ଆମ ଭାବନା ପରିବର୍ତ୍ତନ କରିପାରେ
ଶାନ୍ତି ମୈତ୍ରୀର ଭୂଖଣ୍ଡକୁ
ଜ୍ୱଳନ୍ତ ଉଲକା ପିଣ୍ଡ ସଦୃଶ ।
ପରିବର୍ତ୍ତନ କରିପାରେ ସ୍ମୃତିର ରୂପରେଖକୁ
ଗଦା ଗଦା ପାଉଁଶ ରୂପରେ !

କେହି କେବେ ଖୋଜିବେନି ଦୋଷ
କାହାର ?
କାହିଁକି ସୁନେଲି ସ୍ୱପ୍ନ ଦେଖୁଥିବା
ମଣିଷମାନେ କାନ୍ଦିଲେ
ରାତିରେ ଶାନ୍ତିରେ ଶୋଇବା ସମୟରେ
ଆଶ୍ରୟ ଚିନ୍ତାରେ ଗଳିକନ୍ଦି ବୁଲିଲେ !

ଏଠି ଦୋଷ ସମୟର ନା ପରିବର୍ତ୍ତନର ?
ଏଠି ଦୋଷ ତ
ଗୋଟେ ନିଷ୍ପତ୍ତି ଆଉ ବିଚାରର ।
ଅଧା ଲେଖା ଇତିହାସରେ
କେଉଁ ଫର୍ଦ୍ଦ ଯୋଡାହେବ
କଳଙ୍କିତ ଅଧ୍ୟାୟ ନା ସ୍ୱର୍ଣ୍ଣିମ ସ୍ୱାକ୍ଷର ?


ଏ ବି ହେଇପାରେ
ଲୁଚେଇ ଦିଆଯାଇପାରେ ଗୋଟେ ସମୟକୁ
ବର୍ତ୍ତମାନର ଚିତ୍ରମାନଙ୍କ ଭିଡରୁ ।
କଞ୍ଚାମାଟିରେ ପୁଣି ଯୋଡି ହେଇପାରେ
ଭଙ୍ଗା କାନ୍ଥର ଇଟାକୁ
କିନ୍ତୁ ସେ ମନ ତଳେ ଲାଗିଥିବା କ୍ଷତ
ଆଉ ଆଖି ଦେଖିଥିବା ଚିତ୍ରପଟ କି
ଏତେ ସହଜରେ ଲିଭିଯିବ !

ନିଜ ମାଟିରେ ନିଜେ ଦଗ୍ଧୀଭୂତ ହେଇ
ଛଟପଟ ହେବାକୁ କେହି ଚାହିଁ ନଥିଲା
କେହି ଖୋଜି ନଥିଲା ନିର୍ମଳ ଆକାଶ
ବୁକୁରେ ଧୂଆଁର ଆସ୍ତରଣ
ତଥାପି ନିଜପାଇଁ
ଅଟକେଇ ପାରିଲେ କି ସମୟକୁ!

♥ ତର୍କାବେଡା, କଡଲା, ମେରାମଣ୍ଡଳୀ
ଢେଙ୍କାନାଳ - ୭୫୯୧୨୧
ମୋ: ୮୭୬୩୦୭୦୫୩୫

### ॥ କିଶୋରୀ ଶୀତର ଗାଁ ॥

**ପୂର୍ଣ୍ଣ ଦାସ**



ଶୀତ ଛିଟିଛିଟ ନୀଳ ପ୍ରଜାପତି
ଫୁଲରୁ ଫୁଲକୁ ଉଡ଼େ,
ଶୀତ ଛନଛନ ନାଉଡଙ୍କ ପରି
ପିଢ଼ାରୁ ପିଢ଼ାକୁ ମାଡ଼େ ।

ଶୀତ ତ କିଶୋରୀ ହଳଦୀବସନ୍ତ
ଉଡ଼ି ଉଡ଼ି ଖୋଜେ ସାଥୀ,
ଶୀତ ଲେଉଟାଣି କୁହୁଡ଼ିର ତମ୍ବୁ
ଭୋଗିବାକୁ ଜହ୍ନରାତି ।

ଶୀତ ହୁତୁହୁତୁ ଧୂନି ଜାଳିଲାଣି
ଗାଆଁଦାଣ୍ଡ ବରମୂଳେ ,
ଶୀତ ଜାରିଲାଣି ବିରହ ଦରଜ
ନବବଧୂ ଛାତି ତଳେ ।

ଶୀତ ପାରିଲାଣି କାନ୍ଥରେ କାନ୍ଥରେ
ମାଣବସା ଝୋଟିଚିତା,
ଚୁଆ ଚନ୍ଦନର ମହକରେ ଶୀତ
ଗାଉଛି ଜୀବନ-ଗୀତା ।

ଶୀତ ବୁଣିଲାଣି ଘାସ ପତରରେ
କାକରର ହୀରାମୋତି,
ପ୍ରିୟା, ସ୍ମୃତି ତୋର, କରେ ଜରଜର
ଛାତିରେ ମୋ ଶୀତରାତି ।

♥ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର - ୭୫୫୦୧୩
(ମୋ)୯୩୩୭୫ ୪୮୮୯୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୮ ଡିସେମ୍ବର, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୭୩)



## ॥ ପାପ ଗୋଟେ ଇନ୍ଦ୍ରଜାଲ ॥


ସ୍ୱର୍ଗ କିଏ ସେ ଦେଖିଛରେ ସଖୀ !
ପାପର ପୃଥିବୀ ଭଲ,
ଯେଉଁଠାରେ ନାହିଁ ତୁମ ପଦ ଚିହ୍ନ
ସିଏତ ନରକ ତୁଲ ।

ଭଲ ପାଇବାଟା ପାଲ ଯଦି ହୁଏ
ସେ ପାପ ମୁଁ କରୁଥିବି,
ତୁମରି ପ୍ରେମରେ ଏଇ ମରତରେ
ସ୍ୱର୍ଗ ମୁଁ ରଚିଯିବି,
ସ୍ୱର୍ଗ ସୁଖଠୁ ବଳି ଯେଉଁ ସୁଖ
ଥରେ ଚାଖିନେବା ଚାଲ ।


ତୁମେ ଯେଉଁଠାରେ ପୁଣ୍ୟ ସେଠାରେ
ସ୍ୱର୍ଗ ବି ସେଠି ଅଛି,
ପାପ ବୋଲି ଯେଉଁ ଦୁଇଟି ଅକ୍ଷର
ମର୍ତ୍ତ୍ୟ ବୋଲି ନାହିଁ କିଛି,
ପ୍ରେମ ଅଟେ ସ୍ୱର୍ଗ ପ୍ରେମ ଅଟେ ପୁଣ୍ୟ
ପାପ ଗୋଟେ ଇନ୍ଦ୍ରଜାଲ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧


## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୩୨)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ
ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ସଂକ୍ଷେପରେ ଅଧିକାର ॥

ମଣିଷ ପୃଥିବୀରେ ପାଦ ଦେବା କ୍ଷଣି ବଞ୍ଚି ରହିବାର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ ଆରମ୍ଭ କରେ । ସେହି ବଞ୍ଚି ରହିବାର ଅଧିକାର କେବଳ କର୍ମରେ ହିଁ ପ୍ରାପ୍ତ ହୋଇଥାଏ । କିନ୍ତୁ ମଣିଷ ହାତ ଗୋଡ଼ ଥାଇ ବି ଅନେକ ସମୟରେ କର୍ମଗତ ଅଧିକାରରୁ ବଂଚିତ ହେବାକୁ ପଡ଼ିଥାଏ । ଶକ୍ତି ଥାଇ ବି ହାତଗୋଡ଼ ବାନ୍ଧିଦେଇ ଚୁପ୍ ରହେ । କାରଣ ତାର ଜନ୍ମଗତ । ଯାହାକି ତାର ନିଜ ଦ୍ୱାରା ନିୟନ୍ତ୍ରିତ ନୁହେଁ । ଅନ୍ୟର କର୍ମ ଫଳରେ ଜନ୍ମିତ ମଣିଷ ନିଜ କର୍ମ ପାଇଁ ଅଧିକାରରୁ ବଂଚିତ ହୁଏ । ଜାତି ଗୋତ୍ର ଧର୍ମ ବର୍ଣ୍ଣର ସଂକୀର୍ଣ୍ଣତାରେ ସେ ଅଥର୍ବ ହୋଇ ଯିବାର ଦୃଷ୍ଟାନ୍ତ ସୃଷ୍ଟି କରେ । ତା ମନରେ ସ୍ୱତଃ ପ୍ରଶ୍ନ ଉଠେ ଅଧିକାର ଜନ୍ମରେ ନା କର୍ମରେ ?

ଏକଥା ନିଶ୍ଚିତ ଯେ ଏ ପୃଥିବୀରେ ମଣିଷ ସୃଷ୍ଟି ହେବାର ବହୁ ବର୍ଷ ପୂର୍ବରୁ ଉଦ୍ଭିଦ ଜଗତର ସୃଷ୍ଟି ହୋଇ ସାରିଥିଲା ଏବଂ ସମୟ କ୍ରମେ ସେହି ଉଦ୍ଭିଦ ଜଗତ ତାର ସବୁଜ କୋଳରେ ମଣିଷ ଭଳି ଏକ ସୁନ୍ଦର ସୃଷ୍ଟିକୁ କଳ୍ପନା କରି ବସିଲା । ନିଜ ଫୁଲ ଫଳ ଡାଳ ଉପରେ ମଣିଷ ସବୁ ତକ ସ୍ୱପ୍ନକୁ ସଜେଇ ଦେଲା, କିନ୍ତୁ ମଣିଷ... ଗଛର ଏ ନିଃସ୍ୱାର୍ଥପର ଭୂମିକାକୁ ସିଧାସଳଖ ଭାବରେ ସ୍ୱୀକାର କରି କୃତଜ୍ଞତା ଜ୍ଞାପନ କରିବାର ପ୍ରୟାସ ବି କରି ନଥିଲା । ସେ କେବଳ ଗଛର ଡାଳ ପତ୍ର ଫୁଲ ଫଳକୁ ନିର୍ଦ୍ଦୟ ଭାବରେ ବ୍ୟବହାର କରି ସ୍ୱର୍ଗ ସୁଖ ଭୋଗର କଳ୍ପନା କଲା । ସେ କାଳ୍ପନିକ ସୁଖ ମଣିଷକୁ ମିଳିଛି କି ନା ସେ କଥା ସମୟ କହିବ, କିନ୍ତୁ ଏକଥା ନିଶ୍ଚିତ ଯେ ମଣିଷ ଗଛ ପ୍ରତି କର୍ତ୍ତବ୍ୟକୁ ଭୁଲି ଯାଇଛି ।

ଏମିତି ଏକ ଯୁଗ୍ମ ଚେତନାର ଉଦାହରଣ 'ଡମ୍ବରୁ' । ଅଜ୍ଞାତ କୁଳଶୀଳ ଜାତି ଜାତକ ହୀନ ବାଇଶି ବର୍ଷିଆ ଭେଣ୍ଡିଆ, ଯିଏକି କୌଣସି ଏକ ବର୍ଷଣମୁଖର ରାତ୍ରିରେ ଏ ସମାଜର ନାଲି ଆଖିର ଆଢୁଆଳରେ ଏକ ଡିମିରି ଗଛ ତଳେ ଜନ୍ମିଥିଲା । ଆଜି ତା ଦେହରେ ଯୌବନର ଉଦ୍ଦାମତା, ଶକ୍ତିର ଉଦ୍‌ଗୀରଣ, ପର୍ବତକୁ ତାଡ଼ି ପକାଇବାର କ୍ଷମତା, କିନ୍ତୁ ତାର ସବୁ ଥାଇବି କିଛି ନଥାଏ । କାରଣ ଏ ସମାଜରେ ପରିଚିତି ହିଁ ସବୁଠାରୁ ବଡ଼ ସାର୍ଟିଫିକେଟ୍ । ଯାହାର ପଦବୀ ନାହିଁ ବା ପରିଚିତି ନାହିଁ ସେ ମଣିଷ ପଦବାଚ୍ୟ ନୁହେଁ । କେବଳ ବାହୁ ଯୋଡ଼ିକୁ ଭରସା କରି କାମଟିଏ ପାଇଁ ସେ ଯେତେବେଳେ ସମାଜର ଦ୍ୱାରସ୍ଥ ହୁଏ, ସେତେବେଳେ ଏ ସମାଜ ତାକୁ ଭିନ୍ନ ଆଖିରେ ଦେଖେ । ଲଙ୍ଗଳ ଧରିବା ମାତ୍ରେ ଖଣ୍ଡାୟତର ପ୍ରତିନିଧି ବରଜୁ ସାଆନ୍ତ ଆଖି ଦେଖାନ୍ତି- 'ତୋର ତ ଜନ୍ମ ଜାତିର ହିସାବ ନାହିଁ, ତୁ ବ୍ରାହ୍ମଣ ହୋଇଥାଇ ପାରୁ । ବ୍ରାହ୍ମଣ ହଳ କଲେ ଏ ବସୁଧା ସହିବ ? ମହାପାପ ହବ । ତୁ ହଳ କରି ପାରିବୁନି ।' ଅନେକ ଆଶା ନେଇ ମନ୍ଦିର ଯାଏ, ସାମ୍ନା କରେ ପଦନ ପତିଙ୍କୁ । ନା ନା କିଏ କହିଲା ତୁ ବ୍ରାହ୍ମଣ ବୋଲି, ତୋର କଣ ଜନ୍ମ ଜାତିର ହିସାବ ଅଛି ? ତୋର ମନ୍ଦିର ପ୍ରବେଶ ନିଷିଦ୍ଧ । ତୁ ହରିଜନ ହୋଇଥାଇପାରୁ । ହରିଜନ ହେଲେ ଅନେକ ସୁଯୋଗ ଅଛି । ଦୌଡ଼େ ସରକାରୀ ଦପ୍ତରକୁ 'ନା ତୋର କାଷ୍ଟ ସାର୍ଟିଫିକେଟ୍ କାହିଁ ?'

ବିଚରା ଡମ୍ବରୁର ଉପାୟ କଣ ? ଘୂରିବୁଲେ ନିଜ ଜନ୍ମର ଠିକଣା ଖୋଜି ଖୋଜି କେବଳ ଗୋଟିଏ କଥା ଶୁଣେ ଯେ ତାର ଜନ୍ମ ଏହି ଡିମିରି ଗଛ କୋଳରେ । ଭାବରେ ବିହ୍ୱଳ ହୋଇ ଯାଏ । ପ୍ରଶ୍ନ କରେ ସେହି ଡିମିରି ଗଛକୁ । ଉତ୍ତର ନ ପାଇ ହତାଶରେ କୁରାଢ଼ି ଧରେ । କିନ୍ତୁ ସେହି ଗଛକୁ ଦେବତା ଭାବି ପ୍ରତିଦିନ ଫୁଲ ଚନ୍ଦନ ଦେଇ ପୂଜା କରୁଥିବା ପାର ପାଗଳୀ ଡମ୍ବରକୁ ପିଟି କୁରାଢ଼ି ଛଡ଼େଇ ମାରି ଗୋଡ଼ାଏ । ଏହି ସମୟରେ ପହଞ୍ଚିଯାଏ ନୀଳକଣ୍ଠ ଦଳେଇ । କୁରାଢ଼ି ଧରିନିଏ । ଡମ୍ବରୁ ଫେରିଯାଏ । ଗାଁରେ ଗୋଟେ ଚହଳ ପଡ଼ିଯାଏ । ବରଜୁ ସାଆନ୍ତଙ୍କ ପୁଅ ଚନ୍ଦ୍ର ଡାକ୍ତରୀ ପଢ଼ି ଗାଁକୁ ଫେରି ଆସେ । ଗାଆଁର ଶ୍ରୀହୀନ ଅବସ୍ଥାରେ ବ୍ୟଥିତ ହୁଏ । ଘରେ ଘରେ ମଦର ରାଜତ୍ୱରେ ମର୍ମାହତ ହୁଏ । ସାମନାରେ ପାଏ ସେ ଗାଆଁର ନୈଷ୍ଠିକ ଭଜ ଦଳେଇ ଯିଏକି ଦଳେଇ କୁଳରେ ଜନ୍ମି ମଧ ଦାସ କାଠିଆ ସାହିତ୍ୟର ଉପାସନା କରି ବ୍ରାହ୍ମଣମାନଙ୍କ ସହ ପ୍ରତିଦ୍ୱନ୍ଦିତା କରି ଦାସକାଠିଆକୁ ଲୋକପ୍ରିୟ କରିଥାଏ । ଆଜି କିନ୍ତୁ ମଦ ପିଇ କାଠି ଫିଙ୍ଗି ଦେବାର କାଳରେ ଚନ୍ଦ୍ର ଆବିର୍ଭୂତ ହୋଇ ପୁଣି ଥରେ ଗାଆଁର ପୂର୍ବାବସ୍ଥା ଫେରାଇ ଆଣିବାକୁ ଅନୁରୋଧ କରେ । ଭଜ ନୂତନ ଉଦ୍ଦିପନାରେ ଅଣ୍ଟା ଭିଡ଼େ । ପେଟ ପାଟଣା ଗାଆଁର ଇତିହାସ ଦାସକାଠିଆ ମାଧ୍ୟମରେ ବଖାଣିବାର ପ୍ରତିଜ୍ଞା କରେ । ଏଣେ ଡମ୍ବରୁ ସେହି ଡିମିର ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବା କାଳରେ ଚନ୍ଦ୍ର ଦ୍ୱାରା ରକ୍ଷା ପାଏ ଏବଂ ଉଭୟେ ଭଜ ମଉସାର ଦ୍ୱାରସ୍ଥ ହେବା କାଳରେ ଶୁଣନ୍ତି 'ଡମ୍ବରୁ ଚରିତ କଥା' । ଡମ୍ବରୁ ମା ପାର ପାଗଳୀ କିପରି ସ୍ୱାମୀ ନୀଳକଣ୍ଠକୁ ହରାଇ ବରଜୁ ସାଆନ୍ତ, ପଦନ ପତି ଓ ଗୋବରା ଜେନାର କାମ ଲାଳସାରେ ଶୀକାର ହେଇ ଡମ୍ବରକୁ ଜନ୍ମ ଦିଏ । ତା ପରେ ଚନ୍ଦ୍ର ହାତରେ ବୈପ୍ଳବିକ ମଶାଲ ଜଳି ଉଠେ । ଡମ୍ବରୁ ତ୍ରୀଶୂଳ ଧରି ତାଣ୍ଡବ କରେ । ପରିସ୍ଥିତିର ପ୍ରେକ୍ଷାପଟରେ ଅଡୁଆ ସୂତା ଉନ୍ମୋଚିତ ହୁଏ । ପ୍ରତି ଜାତିର ରକ୍ତ ବିନ୍ଦୁରେ ଡମ୍ବରୁର ଜନ୍ମ ସାବ୍ୟସ୍ତ ହୁଏ ଏବଂ ସବୁ କର୍ମରେ ତାର ଅଧିକାରକୁ ସ୍ୱୀକୃତି ମିଳେ । ଶେଷରେ ଏମିତି ଏକ ସନନ୍ଦ ପତ୍ର ଘୋଷିତ ହୁଏ, ଯେଉଁଥିରେ କର୍ମ ପାଇଁ ଜନ୍ମ ଜାତି ଜାତିକକୁ ବାଜ୍ୟାପ୍ତି କରାଯାଇ କର୍ମ ଉପରେ ସାମ୍ୟବାଦର ପ୍ରଭୁତ୍ୱକୁ ସ୍ୱୀକୃତି ମିଳେ । ଭଜ ଦଳେଇର ଦାସ କାଠିଆ ଠକ୍ ଠକ୍ କରି କହି ଯାଏ

ଡମ୍ବରୁ ଯେ ପିଟି ପିଟି ଘୋଷଣା କରିବ
କର୍ମ ପାଇଁ ଜନ୍ମ ଜାତି ବାଧା ନ ରହିବ
ଜନ୍ମରେ ନିଜର ହାତ ନଥାଏ କାହାର
କର୍ମ ପାଇଁ ନିଜେ ଦାୟୀ କର୍ମେ ଅଧିକାର । (କ୍ରମଶଃ)

---

ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ

♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଭାଗ-୧୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସେ ପରିବାରର ବଡ଼ ପୁଅ । ତାଙ୍କ ତଳ ଭାଇ ଦୁଇଜଣ ବିରଞ୍ଚି ଓ ଗୋପ ବାହାହୋଇଛନ୍ତି । ବାକି ଦୁଇ ଭଉଣୀ ବାଲିଆପଳା କଲେଜରେ ପଢ଼ନ୍ତୀ । ଝୁମା ଓ ଜିନା ।

ସେ ବିଛଣାରେ ପଡ଼ିବା ଦିନଠାରୁ ଘରକୁ ସବୁବେଳେ ଲୋକ ଧାଇଁଛନ୍ତି। ସେଇ ବିଛଣାରେ ଶୋଇ ସେ ସେମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । କଣ କରାଯିବ, ନ କରାଯିବ, ବତାଉଛନ୍ତି । ଏଣେ ନଟବର ପ୍ରଧାନଙ୍କର ମୁଣ୍ଡର ଘା ଆହୁରି ଶୁଖିନି । ସେପଟିକ ହୋଇଯାଇଛି । ମାସେ ହେବ ସେ ମଧ ଶଯ୍ୟାଶାୟୀ ।

ତାଙ୍କ ନିର୍ଦ୍ଦେଶମତେ କ୍ଷେପଣାସ୍ତ୍ର ଘାଟୀରେ ପ୍ରସ୍ତାବିତ ଅଞ୍ଚଳ ଭିତରକୁ ସରକାରୀ ଅନୁପ୍ରବେଶ ବନ୍ଦ କରିବାଲାଗି କାଳୁପଦାଠାରେ ବିରାଟ ଚେକଗେଟ ତିଆରି ହୋଇଛି। ଲୋକେ ପାଳି କରି ଚବିଶଘଣ୍ଟା ପହରା ଦେଉଛନ୍ତି । ସରକାରୀ ଗାଡ଼ି କିମ୍ବା କୌଣସି ସରକାରୀ ଲୋକ ଦେଖିବା ମାତ୍ରେ ପହରା ଦେଉଥିବା ଲୋକ ଶଙ୍ଖ ବଜାନ୍ତି । ତାର ଉତ୍ତରରେ ପ୍ରତି ଘରେ ଶଙ୍ଖ ବାଜିଉଠେ । ଲୋକ ଜାଣିପାରନ୍ତି, ଏ ବିପଦ ସଙ୍କେତ। ସମସ୍ତେ ଲାଠି, ବାଡ଼ି ଧରି ଛୁଟିଯାନ୍ତି, ଚେକଗେଟ ନିକଟକୁ ।

ତା ଛଡ଼ା ଲୋକେ ସରକାରୀ ସାହାଯ୍ୟ ଅବା ଅନୁଦାନକୁ ପ୍ରତ୍ୟାଖ୍ୟାନ କରିବା ଆରମ୍ଭ କରିଛନ୍ତି । ବାଲିଆପାଳର ସମସ୍ତ କଣ୍ଟ୍ରୋଲଦୋକାନରୁ କେହି କିଛି କିଣୁନାହାନ୍ତି । ଏପରିକି ବ୍ଲକଅଫିସରୁ ଦିଆଯାଉଥିବା ଋଣ କି ରିଲିଫ ନେବାକୁ କେହି ଯାଉନାହାନ୍ତି । ସରକାରୀ କଳ ଅକାମୀ ହୋଇପଡ଼ିଛି ।

ଶାସକଦଳର କୌଣସି ନେତା, ମନ୍ତ୍ରୀ ଅବା କର୍ମଚାରୀ ଘାଟୀ ଅଞ୍ଚଳକୁ ପ୍ରବେଶ କରିପାରୁନାହାନ୍ତି । ଥରକୁଥର ସେମାନଙ୍କର ଘାଟୀ ଅଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ ବାତିଲ ହୋଇଯାଉଛି ।

ସଦେିନର ସଭାରେ ସେଇ ନିରସ୍ତ୍ର, ଅସହାୟ ଜନସାଧାରଣଙ୍କର ଏ ନୂତନ ସଶସ୍ତ୍ର ଯୋଦ୍ଧା ରୂପ ଦେଖି ସରକାର ଭୟ ପାଇଯାଇଛନ୍ତି । ବୁଝିଛନ୍ତି, କାପୁରୁଷ ଭଳି ଛଦ୍ମବେଶରେ ବାଲିଆପାଳବାସୀଙ୍କୁ କାବୁ କରିବା ଯେତିକି ସହଜ, ସମ୍ମୁଖ ରଣରେ ସେମାନଙ୍କୁ ସାମ୍ନା କରିବା ସେତିକି ଦୂରୁହ କାର୍ଯ୍ୟ ।

ଅଥଚ ଏ ଛଳନା, ଏ ପ୍ରତାରଣାର କାହାଣୀ ବାଲିଆପାଳବାସୀଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ । ଖବରକାଗଜରେ ବାହାରିଲା, ଘାଟୀ କମିଟି ମଧରେ ବିଭେଦରୁ ଏ ଗଣ୍ଡଗୋଳ ଘଟିଲା । ପ୍ରମାଣ କାହିଁ ? ସେମାନେ ୟୁନିଫର୍ମରେ ନଥିଲେ ।

ଅଥଚ ସେଦିନ ଅନେକ ରାତିରେ ପୋଲିସ ଭ୍ୟାନଟିଏ ଆସି ଛଦ୍ମବେଶୀ କନେଷ୍ଟବଲ, ଇନସପେକ୍ଟରମାନଙ୍କୁ ବାଲେଶ୍ୱର ନେଇ ଯାଇଥିଲା । ଦିବାକର ଜେନା ଭଳି ଅନେକ ଦେଖିଛନ୍ତି ।

ସେ ତକିଆତଳୁ ନଟବର ପ୍ରଧାନଙ୍କ ଚିଠିଟା କାଢ଼ିଆଣିଲେ ।

ସୁଧାକର ଗିରିଙ୍କୁ କଅଣ ଅଚିହ୍ନା ରୋଗ ହୋଇଛି । ଡାକ୍ତରମାନେ ଧରିପାରୁ ନାହାନ୍ତି ।

ସେ ଦୀର୍ଘଶ୍ୱାସଟିଏ ପକାଇଲେ । ଘାଟୀ ଆନ୍ଦୋଳନ କଥା ତାଙ୍କୁ ବାଦ ଦେଇ ଭାବିହୁଏ ନାହିଁ ।

ଲୋକଟା ସହିତ ତାଙ୍କର କେବେ ସଦଭାବ ନଥିଲା । ଲୋକଟା କ୍ଷଣକୋପୀ । ବାଲିଆପାଳରୁ ଏମଏଲଏ ହେବାପରେ ଥରେ କଅଣ ଗୋଟାଏ କଥାରେ ତା ସହିତ ତାଙ୍କର ଝଗଡ଼ା ହୋଇଯାଇଥିଲା ।

ହେଲେ ସେଇ ଲୋକଟା ପ୍ରତି ତାଙ୍କର ଧାରଣା ବଦଳିଗଲା ଯେବେ ଶୁଣିଲେ, ଘାଟୀ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବାରେ ସେ ପ୍ରଥମ । ସେଇ ମୁହୂର୍ତ୍ତରେ ଲୋକଟା ଯେମିତି ତାଙ୍କ ଲାଗି ବଦଳିଗଲା ।" ମୁଁ ବଞ୍ଚିଥାଉଁ ଥାଉଁ ବାଲିଆପାଳରେ ଘାଟୀ କରାଇଦେବି ନାହିଁ, ଯଦି ଘାଟୀ ହୁଏ, ମୋ ମୃତ୍ୟୁପରେ ହିଁ ହେବ ।" ଏଇ ଗୋଟିଏ ଧାଡ଼ି ବାକ୍ୟ ତାକୁ ଯେମିତି ନୂତନ କରି ଚିହ୍ନାଇଦେଲା । ତାର ବ୍ୟକ୍ତିତ୍ୱକୁ ନୂତନ ତେଜରେ ଝଲସାଇ ଦେଲା ।

ସେଇ ପ୍ରଚଣ୍ଡ ବ୍ୟକ୍ତିତ୍ୱଟି ପ୍ରତି ଆଜି ସାରା ବାଲିଆପାଳବାସୀଙ୍କର ଶ୍ରଦ୍ଧା ଓ ଭକ୍ତିର ସୀମା ନାହିଁ !

ସେଇ ଜଣେ ଅଶୀତିବର୍ଷର ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ଦାସ ।

ଘାଟୀରକ୍ଷା ଯଜ୍ଞରେ କେତେ କେତେ ଆବାଳବୃଦ୍ଧବନିତା ଡେଇଁପଡ଼ିଛନ୍ତି । ହେଲେ ସୁଧାକର ଗିରି ଅସୁସ୍ଥ ହୋଇପଡ଼ିଲେ ଆନ୍ଦୋଳନକୁ ଆଗେଇ ନେବ କିଏ ?

କି ରୋଗ ସେ ? ଡାକ୍ତରମାନେ ଧରିପାରୁ ନାହାନ୍ତି କାହିଁକି ?

ସେ ପୁଣି ବିଷର୍ଣ୍ଣ ହୋଇଗଲେ ।

ତାଟି ପାଖରେ କିଏ ଆସୁଛି ? କିଏ ଦୁଇଜଣ ଲୋକ ଖୁବ ବ୍ୟସ୍ତ ହୋଇ ଆସୁଛନ୍ତି ଯେମିତି । କିଏ ?

ଚଷମାଟା କୁଆଡ଼େ ରହିଲା ? ସେ ତକିଆତଳ ଅଣ୍ଡାଳିଲେ ।

ସେ ଦୁଇଜଣ ଲୋକ ପିଣ୍ଡା ଉପରକୁ ଉଠି ତାଙ୍କୁ ଓଳଗି ହେଲେ । ଦେହରେ ଧୋତି ଓ ଗାମୁଛା । ଖାଲି ପାଦ ।

ଖାଲି ଆଖିରେ ମଧ ସେ ଚିହ୍ନିଲେ । ଜଣେ ଆମ୍ବରୁଖି ଗାଆଁର ଚାଷୀ ଅଗରା ମଳିକ, ଆଉ ଜଣେ ସେଇ ଗାଆଁର ପାନ ବରଜିଆ ହରି ସାହୁ ।

ଅନାସ୍ୱାଦିତ ଏକ ତୃପ୍ତିରେ ତାଙ୍କ ମନ ଭରିଗଲା ।

ମାଟି ରକ୍ଷା କରିବାର ଦାୟ ଯଦି ଦୁଇଜଣଙ୍କର ବିଭେଦ ଘୁଞ୍ଚାଇ ଏକାଠି କରିପାରେ, ଘାଟୀରକ୍ଷା ଆନ୍ଦୋଳନ ସଫଳ ହେବାକୁ ଡେରି ନାହିଁ ।

॥ କୋଡ଼ିଏ ॥

ଗତ ସପ୍ତାହେ ଧରି ବାଲିଆପାଳରେ ତୁମୂଳ ରଣସଜ୍ଜାର ଆୟୋଜନ ଆରମ୍ଭ ହୋଇଯାଇଛି ।

ଶହଶହ ଲାଠିଧାରୀ, ବନ୍ଧୁକଧାରୀ ପୋଲିସ ବିଭିନ୍ନ ଭ୍ୟାନ, ଜିପ୍, ଟ୍ରକରେ ଆସି ପହଞ୍ଚିଛନ୍ତି । ହାଇସ୍କୁଲ ପଡ଼ିଆରେ ଶହ ଶହ ତମ୍ବୁ ବନ୍ଧା ଚାଲିଛି । ତା'ଛଡ଼ା ଡାକ୍ତରଖାନା ପଡ଼ିଆ, ସିମୂଳିଆ ହାଟରେ ମଧ ସେମାନେ ତମ୍ବୁ ପକାଇଛନ୍ତି ।

ବାଲିଆପାଳର ବଜାର ଉତ୍ତେଜନାରେ ଥମ ଥମ ।

ସେମାନଙ୍କୁ ପଚାରିଲେ ଉତ୍ତର ମିଳୁଛି, ଆସନ୍ତା ମାସରେ ଶାସକଦଳର ଏକ ଜରୁରୀ ବୈଠକ ହେବାର ଅଛି । ତେଣୁ ଏ ରଣସଜ୍ଜା । ହେଲେ ଲୋକେ ବିଶ୍ୱାସ କରୁନାହାନ୍ତି ।

ସେମାନେ ଖବର ପାଇଛନ୍ତି, ଏ କେନ୍ଦ୍ର ସରକାରରଙ୍କର ନବୀନତମ ଚାଲ । ଆସନ୍ତା ମାସରେ ପୋଲିସ ଫୋର୍ସ ନେଇ ଜିଲ୍ଲାପାଳଙ୍କ ସହ ଘାଟୀ କର୍ମକର୍ତ୍ତାଗଣ ପ୍ରସ୍ତାବିତ ଘାଟୀ ଅଞ୍ଚଳକୁ ପ୍ରବେଶ କରିବେ ।

ଗତ କିଛିମାସହେଲା ବାଲିଆପାଳବାସୀ ସରକାରୀ ଶାସନକଳକୁ ଏକପ୍ରକାର ସ୍ଥାଣୁ କରି ରଖିଛନ୍ତି । ଘାଟୀ ଅଞ୍ଚଳକୁ କୌଣସି ସରକାରୀ ଲୋକ ପ୍ରବେଶ କରିପାରୁ ନାହାନ୍ତି ।

ଏଣେ ଏ ନେଇ ଆଲୋଚନା, ସମାଲୋଚନାର ଅନ୍ତ ନାହିଁ । ଘାଟୀବିରୋଧୀ କମିଟିର ପୁରୋଧାମାନେ ସରକାରଙ୍କୁ ଚିଠି ପରେ ଚିଠି ଦେଇଚାଲିଛନ୍ତି । ଆସେମ୍ବ୍ଲିରେ ଥରକୁ ଥର ପ୍ରଶ୍ନ ଉଠୁଛି । ଶାସକଦଳ ସହିତ ବିରୋଧୀ ଦଳଙ୍କର ଆଲୋଚନା ଚାଲୁଛି ।

ଶାସକଦଳ ନିଜ ଜିଦ୍ ରେ ଅଟଳ । ଏଣେ ବାଲିଆପାଳ ବାସୀ ନିଜ ସଂକଳ୍ପରେ ଅଟଳ ।

ହାଇସ୍କୁଲ ପଡ଼ିଆ ହାଲୋଳ ଦିଶୁଛି ।

ଠାଆ ଠାଆ ଉଠାଚୁଲି ଲାଗିଛି । ବଡ଼ ବଡ଼ ଡେକଚି, କରେଇରେ ରୋଷେଇ ଚାଲିଛି ।

ଶହଶହ ପୋଲିସ୍ ପଇଁତରା ମାରୁଛନ୍ତି ରାସ୍ତାରେ । ଅଧିକଂଶଙ୍କ ଚାଲିବାଭଙ୍ଗୀରୁ ଜଣାପଡୁଛି, ସେମାନେ ହୋସରେ ନାହାନ୍ତି । ଯେଉଁମାନେ ଆସିଛନ୍ତି, ଅଧିକାଂଶକୁ କୁଆଡ଼େ ଦାମୀ ହୁଇସ୍କି ମିଳିଛି । ମୋଟା ଟି.ଏ ଖର୍ଚ୍ଚ ମଧ । ଖାଲି ଗୋଟାଏ କାମ, ସେମାନଙ୍କୁ ଘାଟୀ ଲାଗି ନିରୂପିତ ଅଞ୍ଚଳ ଦଖଲ କରିବାକୁ ହେବ । ସରକାରଙ୍କର ନିର୍ଦ୍ଦେଶ । ତେଣେ ଘାଟୀ ବିରୋଧୀ କମିଟି ତରଫରୁ ପ୍ରତିରୋଧର ଆୟୋଜନ ଚାଲିଛି । କମିଟିର ସଭ୍ୟମାନେ ଘର ଘର ବୁଲି ପ୍ରଚାର କରୁଛନ୍ତି । ମାଇକରେ ଲୋକଙ୍କୁ ସତର୍କ କରିଦିଆଯାଉଛି ।

ବାଲିଆପାଳର ସ୍କୁଲ, କଲେଜ ବନ୍ଦ ଅଛି ।

ଆନ୍ଦୋଳନ ସହିତ ସାମିଲ ହୋଇଯାଇଛନ୍ତି, ବାଲିଆପାଳର ଶିଶୁ, କିଶୋର କିଶୋରୀ, ଯୁବକ ଯୁବତୀ ଓ ବୃଦ୍ଧ ବୃଦ୍ଧା ।

ଅଶୀବର୍ଷକର ବୃଦ୍ଧ ଘନଶ୍ୟାମ ଦାସ ଘର ଆଗ ତୁଳସୀ ଚଉରାରେ ବସିଥିଲେ । ଉଜ୍ଜ୍ୱଳ ଗୌରବର୍ଣ୍ଣର ସେଇ ଦୀର୍ଘ ବଳିଷ୍ଠ ଶରୀରଟି ବୟସର ଭାରରେ ଆଜି ଶିଥିଳ। ଲୋଳିତଚର୍ମ । ଦୁର୍ବଳ । କେବଳ ବ୍ୟତିକ୍ରମ ଆଖିର ଦୁଇମଣି । ଆଶତୀତ ଭାବେ ଦୀପ୍ତ ଏବଂ ସଜାଗ ।

ତାଙ୍କୁ ଘେରି ଛିଡ଼ାହୋଇଥିଲେ ଶହ ଶହ ଜନତା ।

ଘାଟୀ ଆନ୍ଦୋଳନର ଅନ୍ୟତମ ପୁରୋଧା ସୁଧାକର ଗିରିଙ୍କର ଆକସ୍ମିକ ଅସୁସ୍ଥତା ପରେ ଆନ୍ଦୋଳନର ଦାୟିତ୍ୱ ପଡ଼ିଛି ଅଶୀତିବର୍ଷର ବୃଦ୍ଧ ଘନଶ୍ୟାମଙ୍କ ହାତରେ ।

ସେ କହୁଥିଲେ, ଭାଇମାନେ, ସର୍ବନାଶର ମୁହୂର୍ତ୍ତ ପାଖେଇ ଆସିଲାଣି । ଆଉ ସମୟ ନାହିଁ । ଗୋଟାଏ ସପ୍ତାହ ପରେ ସେମାନେ ପୋଲିସ ନେଇ ପଶିବେ । ଯିଏ ବାଧା ଦେବ, ମରିବ । କୁହ ରକ୍ତ ଦେଇ ମରିବ ନା ଘାଟୀ ଲାଗି ରାସ୍ତା ଛାଡ଼ିଦେବ ?

ସମସ୍ତେ ସମ୍ମିଳିତ କଣ୍ଠରେ ଚିତ୍କାର କଲେ, ରକ୍ତ ଦେବୁ, ମାଟି ଦେବୁନି ।

ତେବେ ଆଜି ସମସ୍ତେ ନିଜ ରକ୍ତରେ ମରଣ ସେନା ଲାଗି ନାମ ଲେଖିଦିଅ । ମରିବା ଯଦି, ଲଢ଼ି ମରିବା, ଆଗେଇ ଆସ ।

ତାପରେ ସେ ଏକ ଆବେଗସଜଳ ଦୃଶ୍ୟ ।

ଅଶୀବର୍ଷର ସେଇ ବୃଦ୍ଧ ନହୁରୁଣୀ ଲଗାଇଦେଲେ ଶିରାଳ ଦୁଇ ଆଙ୍ଗୁଠିରେ । ପିଚକାରୀ ମାରି ରକ୍ତ ବାହାରି ଆସିଲା । ସେଇ ରକ୍ତରେ ସେ ହାତରେ ଧରିଥିବା କାଗଜରେ ନିଜ ନାମ ଆଙ୍କିଦେଲେ, ଘନଶ୍ୟମ ଦାସ ।

ତାପରେ ଜଣେ, ତାପରେ ଆଉ ଜଣେ ।

ମରଣ-ସେନାର ତାଲିକାରେ ଶହ ଶହ ନାମ ଲେଖା ଚାଲିଛି । ଅନାଦି ସାହୁଙ୍କର ହାତ ବଥେଇ ଗଲାଣି ।

ଆମ୍ବଚୁଆ ଗାଆଁର ଜଣେ କେଉଟ ଗୟା ମାଝି ତାର ତିନିବର୍ଷର ନାତିର ହାତ ଧରି ଭିଡ଼ ଠେଲି ଆଗେଇ ଆସୁଛି । ଲେଖ ବାବୁ, ୟା ନାମ ଲେଖ ।

ସମସ୍ତେ ବିମୂଢ଼ ଦୃଷ୍ଟିରେ ଅନାଇଲେ ।

ତିନି ବର୍ଷର ଅପଗଣ୍ଡ ଶିଶୁ । କଅଁଳ ଦେହ। ଚିକିଚିକି ଦୁଇ ଆଖିରେ ସୃଷ୍ଟିର ସବୁ ନୀରିହତା । ନିଷ୍ପାପତା । ଜୁଳୁଜୁଳୁ ଆଖିରେ ସେ ଅନାଇଛି ସମସ୍ତଙ୍କୁ ।

ଅନାଦି ସାହୁଙ୍କର ହାତ ଅଟକିଗଲା ?

ତମେ ପାଗଳ ହେଲ କି ଗୟା ମାଝି ? ଏଇ କଅଁଳା ଛୁଆଟାକୁ ଯମମୁହଁକୁ ଠେଲି ଦେବ ? ନା ନା....

ଗୟା ମାଝି ରଡ଼ନିଆଁ ଭଳି ଜଳିଉଠିଲା । (କ୍ରମଶଃ)

---

# ନିର୍ଭୀକ ସନ୍ଥ ଓ ସମ୍ରାଟ

ସନ୍ଥ ଗପ




ନଗେନ୍ଦ୍ର ନାଥ ପଟ୍ଟନାୟକ


ରୋମରେ ବାଜିଲ ନାମକ ଜଣେ ବିଖ୍ୟାତ ସନ୍ଥ ଥିଲେ । ସଦାଚାର ଓ ଧର୍ମ ଅନୁସରଣ କରିବାକୁ ସେ ଜନସାଧାରଣଙ୍କୁ ସଦାସର୍ବଦା ପ୍ରେରଣା ଦେଉଥିଲେ । ତା ଛଡା, ଅନ୍ୟାୟ ଓ ଅନୀତି ଆଗରେ ମଥାନତ ନ କରିବା ନୀତି ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିଲେ । ରୋମର ସମ୍ରାଟ ଥିଲେ କୁପ୍ରବୃତି ସମ୍ପନ୍ନ, ଭ୍ରଷ୍ଟାଚାରୀ, ଦୂରାଚାରୀ ଓ ଅତ୍ୟାଚାରୀ ଶାସକ ହିସାବରେ ସେ କୁଖ୍ୟାତି ଅର୍ଜନ କରିଥିଲେ । ସେ ସଦାସର୍ବଦା ବିଳାସ ବ୍ୟସନରେ ବୁଡି ରହୁଥିଲେ । ଚବିଶ ଘଂଟା ନିଶା ସେବନରେ ଲିପ୍ତରହି ମଜାମସ୍ତିରେ ଜୀବନ ବିତଉଥିଲେ । ତାଙ୍କର ଏହି ଅନୈତିକ କାର୍ଯ୍ୟ ବିରୁଦ୍ଧରେ ଯିଏ ସ୍ୱର ଉତୋଳନ କରୁଥିଲା ତାଙ୍କୁ ଅବଳମ୍ବେ ଫାଶୀ ଖଂଟରେ ଝୁଲାଇ ଦେଉଥିଲେ । ରୋମାନ ସମ୍ରାଟଙ୍କ ଦୌରାତ୍ମ୍ୟରେ ତ୍ରାହିତ୍ରାହି ଡାକିଲେ ପ୍ରଜାକୁଳ । କିନ୍ତୁ ସନ୍ଥ ବାଜିଲ ରାଜାଙ୍କର ଘନଘନ ଉପଦ୍ରବ କଥା ଶୁଣି ମୁହଁରେ ତାଲା ଝୁଲାଇ ବସିନଥିଲେ । ବରଂ ନିର୍ବିକାର ଚିତ୍ତରେ ରାଜରାସ୍ତାକୁ ଓହ୍ଲାଇଆସି ଖୋଲାଖୋଲି ଭାବେ ରାଜାଙ୍କ ଅନ୍ୟାୟ ଓ ଅନୀତି କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ଖାଲି ସେତିକି ନୁହେଁ ଘୋର ବିରୋଧ କରିବା ମଧ୍ୟ ଆରମ୍ଭ କରିଦେଲେ ।



ତୁଣ୍ଡ ବାଇଦ ସହସ୍ର କୋଶ । କଥାର ବି କାନ ଅଛି । ଘରପୋଡିର ଅଗ୍ନିଝୁଲ ଖେଳିଗଲା ପରି ଏ କାନରୁ ସେ କାନ ହୋଇ କଥାଟା ରୋମସାରା ରାଷ୍ଟ୍ର ହୋଇଗଲା । ସେମିତି ସେକଥାଟି ସମ୍ରାଟ କାନରେ ବି ବାଜିଲା । ଅତ୍ୟାଚାରୀ ସମ୍ରାଟ ବେଶ୍ ଭଲ ଭାବରେ ଜାଣିଥିଲେ ଯେ ରୋମବାସୀଙ୍କ ଉପରେ ଅଖଣ୍ଡ ପ୍ରଭାବ ରହିଛି ସନ୍ଥଙ୍କର । ଜନତାଙ୍କ ଆସ୍ଥା ବିଶ୍ୱାସ ବି ତାଙ୍କ ଉପରେ ଅତୁଟ, ଅଟଳ ରହିଛି । ଯଦି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପନ୍ଥା ଗ୍ରହଣ କରାଯାଏ ତେବେ ପ୍ରଜାମାନେ ଗଣବିଦ୍ରୋହ କରିବାକୁ ରାଜରାସ୍ତାକୁ ଓହ୍ଲାଇ ଆସିବେ । ଏଇଆ ଭାବି ସମ୍ରାଟ ଦୂତ ହାତରେ ତାଙ୍କ ପାଖକୁ ସନ୍ଦେଶ ପ୍ରେରଣ କଲେ-ଆପଣ କୁଟୀରରେ ନିବାସ କରି ଦୟନୀୟ ଜୀବନଯାପନ କରୁଛନ୍ତି । ଆପଣଙ୍କ ନାମରେ ଅଚଳାଚଳ ସମ୍ପତି କରି ଦିଆଯିବ । ଏଣିକି ସମ୍ରାଟ ବିରୁଦ୍ଧରେ ବିଦ୍ରୋହ କରିବା ବନ୍ଦ କରିଦିଅ । ସନ୍ଥ ବାଜିଲ ସମ୍ରାଟ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରେରଣ କଲେ-ମୁଁ ଏ ଦେଶର ପ୍ରଜାମାନଙ୍କ ଦ୍ୱାରା ପ୍ରଦତ୍ତ ଦାନା ଖାଉଚି । ମୋର ପ୍ରଥମ ତଥା ପ୍ରଧାନ କର୍ତ୍ତବ୍ୟ ହେଉଛି ସେମାନଙ୍କ ସୁରକ୍ଷା ନିମନ୍ତେ ତତ୍ପରତା ପ୍ରକାଶ କରି ଅତ୍ୟାଚାର ବିରୁଦ୍ଧରେ ସଂଘର୍ଷ କରିବାକୁ ପ୍ରେରଣା ପ୍ରଦାନ କରିବା । ଏ ଦୂରାଚାରୀ ସମ୍ରାଟ ମୋ ଶରୀରକୁ ନାଶ କରିପାରନ୍ତି , କିନ୍ତୁ ଆତ୍ମାକୁ ନୁହେଁ । କାରଣ ଆତ୍ମା ଅଜର, ଅମର ଓ ଅବିନାଶୀ । ସନ୍ଥଙ୍କ ତୁଣ୍ଡରୁ କଥାପଦକ ଶୁଣି ସମ୍ରାଟଙ୍କ ଅନ୍ତରାତ୍ମା ଚେଇଁଉଠିଲା । ମନରେ ସୁପ୍ତ ବିବେକ ଜାଗ୍ରତ ହେବାକୁ ଲାଗିଲା । ପ୍ରଥମଥର ପାଇଁ ନିର୍ଭୀକ ମହାତ୍ମାଙ୍କ ସମ୍ମୁଖରେ ଦୁରାତ୍ମା ସମ୍ରାଟ ଅବଶ ହୋଇ ପଡିଥିଲେ । ସାଙ୍ଗେ ସାଙ୍ଗେ ସେ ସନ୍ଥଙ୍କ କୁଟୀରରେ ପଦାର୍ପଣ କରି ଆଗତ ଭବିଷ୍ୟତରେ ଅତ୍ୟାଚାର ଜୁଲମ ନକରିବାକୁ ଦୃଢ ପ୍ରତିଜ୍ଞା କଲେ ।


♥ ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯
ଲକ୍ଷ୍ମୀସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

# ସଖୀ କଣ୍ଢେଇ : ଏକ ଦୃଷ୍ଟିପାତ



ବିନ୍ଦୁ ନିବେଦିତା

ସଖୀ କଣ୍ଢେଇର ସ୍ରଷ୍ଟା; ଔପନ୍ୟାସିକା ଶ୍ୱେତପଦ୍ମା ପାଢ଼ୀଙ୍କ ଏହା ପ୍ରଥମ ଉପନ୍ୟାସ ଓ ପ୍ରଥମେ ଇଂରାଜୀ ଲେଖାଲେଖିରେ ରୁଚି ରଖୁଥିବା ଶ୍ୱେତା,...ଏବେ ମାତୃଭାଷା ମୋହରେ ଜଣେ ଯୁବ ଲେଖିକା ଭାବେ କଥାସାହିତ୍ୟ ଜଗତରେ ବେସ ପରିଚିତା । ରହସ୍ୟ ଓ ରୋମାଞ୍ଚକୁ ଭଲପାଉଥିବା ଏହି ଔପନ୍ୟାସିକା ଗତାନୁଗତିକ ଧାରାରୁ ହଟି କିଛି ଭିନ୍ନ ପ୍ରୟାସ କରିବାକୁ ସବୁବେଳେ ପସନ୍ଦ କରନ୍ତି ଓ ଯେମିତି କି ଏ ଉପନ୍ୟାସକୁ ଧରାଯାଇପାରେ । ଆମେ ପ୍ରାୟ ପଢିଥିବା ଉପନ୍ୟାସର ବିଷୟବସ୍ତୁ କୌଣସି ସାମାଜିକ, ରାଜନୈତିକ ଐତିହାସିକ, ପୌରାଣିକ, ଆଧୁନିକ ବା ପାରମ୍ପରିକ ଆଦି ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ ହୋଇଥାଏ । କିନ୍ତୁ ଏକ ଭୌତିକ ରୂପକଳ୍ପକୁ ବାସ୍ତବତା ସହ ଫେଣ୍ଟାଫେଣ୍ଟି କରି ଏକ ଉପନ୍ୟାସର କଳେବର ଦେବା ନିଶ୍ଚୟ ଏକ ସାହସିକ ପଦକ୍ଷେପ ଏବଂ ଏହିପରି ଉପନ୍ୟାସର ସଂଖ୍ୟା ତୁଳନାତ୍ମକ ଭାବେ ମଧ କମ୍ ଓ ତଥାପି ପରୀକ୍ଷାନିରୀକ୍ଷାକୁ ଭଲପାଉଥିବା ଶ୍ୱେତା ଏହିପରି ଏକ ବିଷୟବସ୍ତୁକୁ ତାଙ୍କ କଲମ ମୁନରେ ଜୀବନ୍ୟାସ ଦେଇ ପାରିଥିବାରୁ; ଅନେକ ଶୁଭେଚ୍ଛା ତାଙ୍କୁ ।

କଥାଟି ଉପନ୍ୟାସର ନାୟିକା ରାଗିଣୀ ଯିଏ କିଛି ପ୍ରତିପତ୍ତିଶାଳୀ ଦୁର୍ବୃତ୍ତମାନଙ୍କ ଦ୍ୱାରା ପାଶବିକ ଅତ୍ୟାଚାରର ଶିକାର ହୁଏ ଓ ନିଜ ଆଖି ଆଗରେ ନିଜ ପ୍ରାଣଠୁ ଭଲପାଉଥିବା ବାନ୍ଧବୀ ଶ୍ରୁତିକୁ ବି ସେହିମାନଙ୍କ ପାଖରେ ଗଣଧର୍ଷିତା ହୋଇ ବିଭିତ୍ସ ଭାବରେ ଶେଷନିଶ୍ୱାସ ତ୍ୟାଗକରିବା ଦେଖେ ଓ ଏହାପରେ କୋର୍ଟର କାର୍ଯ୍ୟ ପ୍ରଣାଳୀ ଓ ସମାଜର ହୀନମନ୍ୟତା ତାକୁ ଶାରୀରିକ ଓ ମାନସିକ ଭାବେ ଆହୁରି ଅସହାୟ ଓ ଅସୁସ୍ଥ କରିଦିଏ ଓ ଘଟଣାକ୍ରମରେ ନିଜର ପ୍ରିୟଜନଙ୍କୁ ବି ହରାଏ, ତେଣୁ ତା ସୁକୋମଳ ଭଙ୍ଗୁର ମନ ଧୀରେଧୀରେ ଜୀବନ ପ୍ରତି ବୀତସ୍ପୃହ ହୋଇଆସେ ଓ ଏପରିକି ତାକୁ ଗଭୀର ପ୍ରେମ କରେ ବୋଲି ଦର୍ଶାଉଥିବା ତାର ତଥାକଥିତ ପ୍ରେମିକ ଓ ଉପନ୍ୟାସର ନାୟକ ଅନୁରାଗ, ଯିଏ କି ପୋଲିସ ବିଭାଗରେ ଚାକିରି କରେ, ତାର ଶତ ଚେଷ୍ଟା ପରେ ବି ରାଗିଣୀ ମନକୁ ବଦଳେଇବାକୁ ଅକ୍ଷମ ହୁଏ ଓ କିନ୍ତୁ ଘଟଣାକ୍ରମର ମୋଡ଼ ବଦଳିଯାଏ, ଯେତେବେଳେ ଗୋଟେ ନିଘୋଡ଼ ବର୍ଷାରାତିରେ ତା ପ୍ରେମିକ ଅନୁରାଗ ସହ ଏକ ରହସ୍ୟମୟ କନ୍ଧୁଣୀ ବୁଢ଼ୀର ଭେଟହୁଏ ଏବଂ ତା ସହ ମାଟି ତିଆରି ସଖୀ କଣ୍ଢେଇର ଉପନ୍ୟାସର ପୃଷ୍ଠଭୂମିରେ ପ୍ରବେଶ ଘଟେ । ଯାହା କି ନିରାଶାର ବହଳ ଅନ୍ଧାରେ ଦିନ କାଟୁଥିବା ଗୋଟେ ଅବସାଦଗ୍ରସ୍ତ ଝିଅଟିର ଜୀବନଚର୍ଯ୍ୟାକୁ ଅସାଧାରଣ ଭାବେ ପରିବର୍ତ୍ତିତ କରିଦିଏ ଏବଂ ପାଠକ ମନକୁ ଅନେକ ରହସ୍ୟ ଓ ରୋମାଞ୍ଚର ଭରପୁର ଖୋରାକ ଯୋଗାଇଦିଏ ଓ କାରଣ ତା ଭିତରେ ଥାଏ ତାର ଘନିଷ୍ଠ ସାଙ୍ଗ ଶ୍ରୁତିର ଆତ୍ମା ଓ ଯାହାର ସାହଚର୍ଯ୍ୟରେ ସେ ପୁଣି ତାର ଜୀବନଶକ୍ତି ଫେରିପାଏ ଓ ସେମାନଙ୍କ ପ୍ରତି ଘଟିଥିବା ଅତ୍ୟାଚାରର ପ୍ରତିଶୋଧ ନେବାରେ ସଫଳ ମଧ ହୁଏ । ଏଠି ନାୟକଟି ଖଳନାୟକ ଏବଂ ନାୟିକାଟି ସଂହାରକାରିଣୀ ଓ ଏହାଛଡା ଉପନ୍ୟାସର ଗତି ପଥରେ ଅନେକ ରୋଚକ ତଥ୍ୟର ଗୁମର ବି ଖୋଲେ, ଯାହା ପୃଷ୍ଠା ପରେ ପୃଷ୍ଠା ଓଲଟେଇବାକୁ ପାଠକଟିଏକୁ ପ୍ରେରିତ କରେ ।

କଥା ଏଠି ନାରୀ ଅସ୍ମିତାର । ସୀତା ଓ ଦ୍ରୌପଦୀଙ୍କ ଯୁଗରୁ ଆଜିର ରାଗିଣୀ ଓ ଶ୍ରୁତି ପର୍ଯ୍ୟନ୍ତ ସମସ୍ତେ ଏଠାରେ ନାରୀ ନିର୍ଯ୍ୟାତନାର କାହାଣୀ ହିଁ ବଖାଣୁଛନ୍ତି । ତାହେଲେ ଏହାର କଣ ଶେଷ ନାହିଁ । ସତରେ କଣ ନାରୀ ଅବଳା ଦୁର୍ବଳା । ବୋଧେ ନା..। ଲେଖିକା ଏହାହିଁ ତାଙ୍କ ଉପନ୍ୟାସ ମାଧ୍ୟମରେ ଦର୍ଶାଇଛନ୍ତି ଓ..ଯେପର୍ଯ୍ୟନ୍ତ ସେ ନିଜ ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ନ ଥାଏ ସେପର୍ଯ୍ୟନ୍ତ ସେ ସମାଜରେ ଶୋଷିତ ଅତ୍ୟାଚାରିତ ହୁଏ । ଠିକ୍ ଡିଆସିଲି ଖୋଳ ଭିତରେ ସୁପ୍ତ ସ୍ଫୁଲିଙ୍ଗ ପରି, ଯେଉଁଦିନ ନିଜ ସାମର୍ଥ୍ୟକୁ ସେ ଚିହ୍ନିପାରେ.. ସେଦିନ ସେ ତାଣ୍ଡବ ରଚେ; ସାରା ସଂସାର ତା ଆଗରେ ତୁଚ୍ଛ ପଡ଼ିଯାଏ ।

ଏହାଛଡା ବହିଟିରେ ପ୍ରେମ ଓ ପ୍ରତାରଣାକୁ ସମାନ୍ତରାଳ ଭାବେ ମଧ ଭେଟିବା, ଶେଷରେ ଯେଉଁଠି ପ୍ରେମ ଆଗରେ ପ୍ରତାରଣା ହାର ମାନିଛି ଓ ଲେଖିକାଙ୍କ ଭାଷାରେ 'ପ୍ରକୃତ ପ୍ରେମ ମାଗିଥାଏ ଧୈର୍ଯ୍ୟ, ସମୟ, ସମର୍ପଣ ଏବଂ ବିଶ୍ୱାସ' । ଯାହା ଅର୍ପଣ ଓ ଶ୍ରୁତି ମଧ୍ୟରେ ଦେଖିବାକୁ ମିଳିଥାଏ । 'ଅଥଚ ସ୍ୱାର୍ଥପର ପ୍ରେମ କେବଳ ହାସଲ କରିବା ଜାଣେ, ଯେମିତିକି ଅନୁରାଗ । ଅର୍ପଣ ଓ ଅନୁରାଗ; ଉଭୟେ ତ ପ୍ରେମିକ କିନ୍ତୁ ଉଭୟଙ୍କ ଦୃଷ୍ଟିକୋଣ ଭିତରେ ଯେ ଆକାଶ ପାତାଳର ତଫାତ ।






ଏହାସହିତ ଉପନ୍ୟାସଟିରେ ରାଗିଣୀ ଓ ଶ୍ରୁତିର ଅନାବିଳ ବନ୍ଧୁତାର ନିଦର୍ଶନ ଦେଖିବାକୁ ପାଇବା । ଯିଏ ନିଜ ବନ୍ଧୁ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ନିଜ ଜୀବନକୁ ବି ବାଜି ଲଗେଇବାକୁ ପଛେଇନି । ସତ କଥା; ପ୍ରେମ ପ୍ରେମିକା, ସ୍ୱାମୀ ସ୍ତ୍ରୀ, ସଂସାରର ସବୁ ଧରାବନ୍ଧା ସମ୍ପର୍କଠାରୁ ଉର୍ଦ୍ଧ୍ୱରେ ବନ୍ଧୁତାର ସମ୍ପର୍କ ଓ କାରଣ ବନ୍ଧୁତା ବୁଝେ ହୃଦୟର ଭାଷା ଏବଂ ବନ୍ଧୁ ବୁଝିପାରେ ମନର ଠାର ଓ ତାପରେ କଥା ଏଠି ଯୋଗ ବିୟୋଗର....ଦେହୀ ସହ ବିଦେହୀ ଆତ୍ମା ମିଳନର, ଯେଉଁମାନଙ୍କ ଭଲପାଇବା ଓ ଇଚ୍ଛାଶକ୍ତି ଆଗରେ ମୃତ୍ୟୁ ବି ହାରମାନିଛି ଓ ଏହି ଭୌତିକ ବିଷୟବସ୍ତୁଟି ପଢ଼ିବାପରେ ହୁଏତ ଏହାର ବାସ୍ତବିକତା ଉପରେ କେହି ପ୍ରଶ୍ନ ଉଠେଇ ପାରନ୍ତି, କିନ୍ତୁ ସୃଷ୍ଟିର ଏମିତି ଅନେକ କଥା ଆଜି ବି ରହସ୍ୟ ଘେରରେ ଓ ଯେମିତିକି ଆମ ଜନ୍ମ ଓ ମୃତ୍ୟୁ, ଆମେ କେମିତି ଆସୁଛୁ ଓ କୁଆଡେ ଯାଉଛୁ; ଯାହାର ପ୍ରଶ୍ନର ଉତ୍ତର ଆଜି ବି ଆମ ପାଖେ ନାହିଁ ।

କହିବାକୁ ଗଲେ ରହସ୍ୟ ରୋମାଞ୍ଚରେ ଭରା ଏକ ଭୌତିକ ଉପନ୍ୟାସ, ଯେଉଁଥିରେ ଔପନ୍ୟାସିକା ମହାଭାରତର ଭିନ୍ନଭିନ୍ନ ମାନବୀୟ ମୂଲ୍ୟବୋଧକୁ ସୁନ୍ଦର କଥାଛଳରେ ଦର୍ଶେଇଛନ୍ତି ଓ ଏଥିରେ ଆଉ ଏକ ନୂତନ ପ୍ରୟୋଗର ଆଭାସ ମଧ ଦେଖିବାକୁ ମିଳିବ; ମଝିରେ ମଝିରେ କବିତାର ପ୍ରୟୋଗ ଓ ଯଦିବା ଏପରି ନିଆରା ପ୍ରୟାସ ପାଇଁ ଲେଖିକାଙ୍କୁ ଅନେକ ସାଧୁବାଦ । କିନ୍ତୁ ମତେ କାହିଁକି ଲାଗିଲା କବିତାର ପ୍ରୟୋଗ ବୋଧେ ଟିକେ ମାତ୍ରାଧିକ ହୋଇଯାଇଛି ଓ ଯାହା ଜଣେ ପାଠକ ଗୋଟେ ଲୟରେ ପଢ଼ିଲା ବେଳକୁ ହୁଏତ ବାଧା ସୃଷ୍ଟି କରିପାରେ । ଯଦି ବି ଦେବାକୁ ଇଚ୍ଛା ହେଉଥାଏ, ଏହାର ସଂଖ୍ୟା କମେଇ ପ୍ରତ୍ୟକ ଅନୁଚ୍ଛେଦର ଶେଷରେ ଦେଲେ ବୋଧେ ବେଶି ଠିକ ହେବ ଓ ଏହାଛଡା ଘଟିଥିବା ଘଟଣାଗୁଡିକର ଅନୁକ୍ରମକୁ ଆଉ ଟିକେ ସୁକ୍ଷ୍ମ ନଜର ଦେଇଥିଲେ ଭଲ ହୋଇଥାନ୍ତା ଓ କିନ୍ତୁ ଲେଖିକାଙ୍କ ପ୍ରଥମ ଉପନ୍ୟାସ ଭାବେ ଏଥିରେ ଅନ୍ତର୍ନିହିତ ଥିବା ରହସ୍ୟ ଓ ରୋମାଞ୍ଚକୁ ପାଠକେ ମନଭରି ଉପଭୋଗ କରିବେ ଓ ଭାବ ଓ ଭାଷାର ରୁଚିପୂର୍ଣ୍ଣ ଉପସ୍ଥାପନା ଯୋଗୁ ପଢ଼ିବାକୁ ଭଲ ଲାଗିବ ଓ ଶେଷରେ କହିବି ଏହା ଏକ ସୁଖପାଠ୍ୟର ଉପନ୍ୟାସ ବହିଟିଏ ଓ ଲେଖିକାଙ୍କ ସାରସ୍ୱତ ଉଡ଼ାଣର ଯାତ୍ରା ଜାରି ରହୁ ଓ ଦୂର ଦିଗନ୍ତକୁ ଛୁଉଁ, କାମନା କରୁଛି ।

ପ୍ରକାଶକ : ବର୍ଷା ପବ୍ଲିକେଶନ୍ସ
ମୂଲ୍ୟ - ୧୫୦/
ପ୍ରଥମ ସଂସ୍କରଣ - ଜୁନ୍ ୨୦୨୨

♥ ଏଚ.ଆଇ.ଜି-୧୭, ଫେଜ୍- VII, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ (ମୋ) ୭୯୭୮୪୫୦୦୩୫

# ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୩୭

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଆମ ଗାଆଁ ଜୀବନ ସକାଳ ଶିଶିର
ତୁମେ ବନିଶୀର ଡୋର
ଆମେ ସବୁ ଏଠି ପକ୍କା ଖେଳୁଆଡ଼
ତମ ଗାଆଁ ଖେଳଘର । ୩୮୯ ।

ବେଳେବେଳେ ଲାଗେ କରିବାକୁ ମୋତେ
ଉଚ୍ଛନ୍ନ ଆଉ ବ୍ୟାକୁଳ
ମାଧୁର୍ଯ୍ୟରେ ଭରା କୁଟୀକମତମ
ଗାଆଁ ଭୂମିକା କେବଳ । ୩୯୦ ।

ତମ ଗାଆଁ ପବନ ପୋଛିଦିଏ ଯେବେ
ଆମ ଝାଳୁଆ କପାଳ
ଆମ ଗାଆଁ ଭୁଲେ ପବନ ଠିକଣା
ସବୁଆଡ଼ ରୁଷା ଛଳ । ୩୯୧ ।

କିଏ ବା ଜାଣିବ ବଢ଼ିଲା ନଈର
ପାଣି ଲୁହ ଅନୁତାପ !
ବୟସକୁ ଜାମା ନିଅଣ୍ଟ ହୋଇଲେ
ଆମ ଗାଆଁ ହଜାଏ କାତ । ୩୯୨ ।

ଯେଉଁଦିନଠାରୁ ଆମ ଗାଆଁ ପାର୍ଥର
ରାମନାମ ସତ୍ୟ ହେଲା
ତମ ଗାଁ ମାନସୀ ତା ଫୁଲ ଛାତିକୁ
ଆହୁରି ପଥର କଲା । ୩୯୩ ।

ମାନ ସବୁ ତମ ମନର ବିଜୁଳି
ପ୍ରେମ କୁହୁଡ଼ିର ନଈ
ଆମ ଗାଁ ପ୍ରେମିକ ଶକ୍ତ ପହଁରାଳି
ଯଉବନ ଧାସେ ବାଇ । ୩୯୪ ।

ତାରାଫୁଲ ମେଳେ ଲୋଭିଲା ଆକାଶ
ପହଁରା ଦେଉଛି ଜହ୍ନ
ନିର୍ଭୟରେ ଆସ ଏକାଠି ଗପିବା
ଖୋଲି ଦେବା ଗୁପ୍ତ ମନ । ୩୯୫ ।

ଗପ କରୁକରୁ ଫିଟିଯିବ ଯେବେ
ତୁମ କବରୀ ଅନ୍ଧାର
ତମ ଆଖି ପତା ଅଳସେଇ ନିଦ
ମୋ ଦେହେ ଭରିବ ଜ୍ୱର । ୩୯୬ ।

ରାତି ହେଲେ ବେଶି ଲଳିତ ଢଙ୍ଗରେ
ତାରା ହେବେ ଠରାଠରି
ଦୁଇ ଗାଁ ମିଶି ହେବେ ସତେ ଅବା
ଭାସମାନ ଏକ ତରୀ । ୩୯୭ ।

ସେ ତରୀରେ ବସି ଦୁଇ ଓଠ ଯେବେ
ଆଙ୍କିବେ ଗାଢ଼ ଚୁମ୍ବନ
ବାରି ହେବ ନାହିଁ ତୁମ ଜହ୍ନ କିଏ
କିଏ ଆମ ଗାଁ ଜହ୍ନ । ୩୯୮ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଝାରା



୫୧


ଦୀପକ ରଂଜନ ମିଶ୍ର

## ॥ ସୁଫି ଅମ୍ବାପ୍ରସାଦ ॥

କାକୋରୀ ଟ୍ରେନ୍ ଲୁଟ୍‌ର ଅଭିଯୁକ୍ତଙ୍କୁ ୧୯୨୭ ମସିହାରେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲା ବ୍ରିଟିଶ୍ ସରକାର । ତା'ପରବର୍ଷ ସେଇ ଶହୀଦ୍‌ମାନଙ୍କ ବଳୀଦାନର ବର୍ଷପୂର୍ତ୍ତି ଉପଲକ୍ଷେ 'ଚାନ୍ଦ୍' ପତ୍ରିକା ଏକ ବିଶେଷାଙ୍କ ପ୍ରକାଶ କରେ । ସେଥିରେ ଫାଶୀ ଦଣ୍ଡ ଦିଆଯିବା ବିରୁଦ୍ଧରେ କିଛି ଆଲେଖ୍ୟ ସହ ଅତୀତରେ କ୍ରାନ୍ତିର ମଶାଲକୁ ତେଜୋଦୀପ୍ତ କରିବା ଲକ୍ଷ୍ୟରେ ନିଜ ଜୀବନକୁ ଆହୁତି ଦେଇଥିବା କ୍ରାନ୍ତିକାରୀମାନଙ୍କ ବିଷୟରେ ମଧ ଲେଖା ପ୍ରକାଶିତ ହୁଏ । ସେଇ ସଂଖ୍ୟାରେ ଭଗତ୍ ସିଂହ ଛଦ୍ମନାମରେ ସୁଫି ଅମ୍ବାପ୍ରସାଦଙ୍କ ବିଷୟରେ ଲେଖିବାକୁ ଯାଇ ଆରମ୍ଭ କରନ୍ତି, "ଆଜି ଭାରତବର୍ଷରେ କେତେଜଣ ତାଙ୍କ ନାଁ ଜାଣନ୍ତି । କେତେଜଣ ତାଙ୍କ ସ୍ମୃତିରେ ଶୋକାତୁର ହୋଇ ଲୁହ ଗଡ଼ାନ୍ତି । କୃତଘ୍ନ ଭାରତ ଏମିତି କେତେ ରତ୍ନ ହରେଇ ଦେଇଛି ହେଲେ କ୍ଷଣକ ପାଇଁ ବି ଦୁଃଖ ଅନୁଭବ କରିନାହିଁ ଅନ୍ତରରେ ...... ।"

ଶହୀଦ୍ ଭଗତ୍ ସିଂହଙ୍କ ଆଲେଖ୍ୟର ପ୍ରଥମ ତିନିଧାଡ଼ି ଏଠାରେ ଉଦ୍ଧାର କଲାବେଳେ କିଛି କଥା ଆସୁଛି ମନକୁ । ସୁଫି ଅମ୍ବାପ୍ରସାଦଙ୍କ ଦେହାନ୍ତ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଇରାନ୍‌ରେ ହୋଇଥିଲା ବ୍ରିଟିଶ୍ ସରକାରଙ୍କ ଜେଲ୍ ଭିତରେ ବନ୍ଦୀ ଥିବା ଅବସ୍ଥାରେ ୧୯୧୭ ମସିହାରେ । ଭଗତ ସିଂହ ଆଲେଖ୍ୟ ପ୍ରସ୍ତୁତ କରୁଛନ୍ତି ତାଙ୍କ ମୃତ୍ୟୁର ମାତ୍ର ଦଶବର୍ଷ ପରେ । ଲେଖିଲା ବେଳେ କ୍ଷୋଭ ଆସୁଛି ମନକୁ । ସେଥିପାଇଁ ତ ଲେଖା ଆରମ୍ଭରୁ ହିଁ ଏମିତି ବାକ୍ୟ । ଏହା ହିଁ ପ୍ରକୃତ ଚିତ୍ର ଭାରତୀୟ ମାନସିକତାର । ପୂଜ୍ୟପୂଜାର ଘୋର ବ୍ୟତିକ୍ରମ ଏଠାରେ ଦେଖିବାକୁ ମିଳେ । ଦେହାନ୍ତର ମାତ୍ର ଦଶବର୍ଷ ଭିତରେ ଜଣେ ଲୋକକୁ ଭୁଲି ଯାଉଛି ତା' ଦେଶ । ଏହା କ'ଣ କମ୍ ଦୁଃଖ ତଥା ଲଜ୍ଜାର କଥା !

ମୁରାଦାବାଦ ଠାରେ ଅମ୍ବାପ୍ରସାଦଙ୍କ ଜନ୍ମ ହୋଇଥିଲା ୧୮୫୮ ମସିହାରେ । ବାପା ଗୋବିନ୍ଦପ୍ରସାଦ ଭଟ୍ଟନାଗରଙ୍କର ସିଏ ଥିଲେ ଷଷ୍ଠ ସନ୍ତାନ । ତାଙ୍କ ବଡ଼ଭାଇମାନେ ହେଲେ କଲ୍ୟାଣରାୟ, ଈଶ୍ୱରୀପ୍ରସାଦ, ଜ୍ୱାଳାପ୍ରସାଦ, ଅଙ୍ଗନଲାଲ ଓ ରାମପ୍ରସାଦ । ପାର୍ବତୀ ଦେବୀ ଥିଲେ ତାଙ୍କର ସାନ ଭଉଣୀ । ମୁରାଦାବାଦ, ବରେଲୀ ତଥା ଜଳନ୍ଧରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରି ସେ ଏଫ୍. ଏ. ତଥା ଓକିଲାତି ପାଶ୍ କରନ୍ତି । ବିବାହର କିଛିବର୍ଷ ପରେ ପତ୍ନୀଙ୍କ ଦେହାନ୍ତ ଘଟିବାରୁ ସଂସାର ପ୍ରତି ତାଙ୍କ ମନରେ ବିତୃଷ୍ଣାଭାବ ଜାତ ହେବାରୁ ସେ ଗୃହତ୍ୟାଗୀ ହୋଇ ଆପଣା ଜୀବନ ଦେଶବାସୀଙ୍କ କଲ୍ୟାଣ କାର୍ଯ୍ୟରେ ଉତ୍ସର୍ଗ କରିବାକୁ ମନସ୍ଥ କରନ୍ତି । ହିନ୍ଦୁ ଓ ମୁସଲମାନ ମଧ୍ୟରେ ସେ କୌଣସି ବିଭେଦ ଦେଖିବାକୁ ପସନ୍ଦ କରୁ ନଥିଲେ । ଉଭୟ ସମ୍ପ୍ରଦାୟ ନିଜ ନିଜ ଭିତରେ ଥିବା ଭେଦଭାବ ଦୂରେଇ ଦେଶକାମ ପାଇଁ ଆପଣାକୁ ଉତ୍ସର୍ଗ କଲେ ଭାରତ, ବିଦେଶୀଙ୍କ କବଳରୁ ସ୍ୱାଧୀନ ହୋଇ ପ୍ରଗତି ପଥରେ ଆଗେଇ ପାରିବ ବୋଲି ଭାବୁଥିଲେ । ସୁଫି ମତର ଏକ ବିରାଟ ପ୍ରଶଂସକ ହୋଇଥିବାରୁ ନିଜ ନାଁ ଆଗରେ ସେ 'ସୁଫି' ଲେଖିବା ଆରମ୍ଭ କରନ୍ତି । ସେ ଥିଲେ ଜଣେ ସଚ୍ଚା ଦେଶଭକ୍ତ । ତାଙ୍କ ହୃଦୟରେ ଦେଶବାସୀଙ୍କ ପାଇଁ ସମ୍ବେଦନା ଭରି ରହିଥିଲା । ସେ ଚାହୁଁଥିଲେ ଭାରତର ଉ ।ନ । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ଦେଶ ଆପଣା ପ୍ରତିଷ୍ଠା ସାରା ବିଶ୍ୱରେ ପ୍ରତିପାଦିତ କରୁ । କ୍ରାନ୍ତିକାରୀ ଚିନ୍ତାଧାରାର ହୋଇଥିଲେ ମଧ ବୋମା ଓ ବନ୍ଧୁକ ତାଙ୍କର ଅସ୍ତ୍ର ନଥିଲା । ଓକିଲାତି ପାଶ୍ କରି ଏକ ପତ୍ରକାର ରୂପେ ରାଜନୀତିକୁ ଆସିଥିଲେ। ଆପଣା ଲେଖନୀ ବଳରେ ସେ ଭାରତୀୟ ଜନତାଙ୍କ ମଧ୍ୟରେ ଦେଶଭକ୍ତିର ଭାବନା ଜାଗ୍ରତ କରିବାକୁ ଥିଲେ ସର୍ବଦା ଚେଷ୍ଟିତ । ଜନ୍ମରୁ ତାଙ୍କ ଡାହାଣ ହାତ ପାପୁଲିଟି ନଥିଲା । ବାଁ ହାତରେ ଓ ବେଳେ ବେଳେ ଗୋଡ଼ରେ କଲମ ଧରି ଲେଖାଲେଖି କରୁଥିଲେ । ସାଥୀମାନେ ତାଙ୍କୁ ତାଙ୍କ ଡାହାଣ ହାତ ବିଷୟରେ ପଚାରିଲେ ସେ ହସି ହସି କହୁଥିଲେ, "ଆରେ, ତୁମେମାନେ ଜାଣିନ ମୋର ଏଇ କଟା ହାତର ମହାନ ଇତିହାସ ବିଷୟରେ ! ମୁଁ ପରା ୧୮୫୭ ମସିହା ସିପାହୀ ବିଦ୍ରୋହର ଜଣେ ବୀରଗତି ପ୍ରାପ୍ତ ସୈନିକ । ଖଣ୍ଡା ଧରି ଇଂରେଜଙ୍କ ସାଥୀରେ ଯୁଦ୍ଧ କରୁ କରୁ ମୁଁ ଶହୀଦ ହୋଇଯାଇଥିଲି । ତା'ର ଠିକ୍ ବର୍ଷେ ପରେ ମୋର ଜନ୍ମ ମୁରାଦାବାଦ୍‌ରେ । ପୂର୍ବଜନ୍ମର ମୃତ୍ୟୁ ବେଳେ ଯୁଦ୍ଧ କରୁ କରୁ ଯେଉଁ ହାତ କଟି ଯାଇଥିଲା ତାହା ଏଇ ଜନ୍ମରେ ବି ସେମିତି କଟା ହୋଇ ରହିଯାଇଛି ।"



ତାଙ୍କରି ପ୍ରଚେଷ୍ଟାରେ ୧୮୯୦ ମସିହାରେ ମୁରାଦାବାଦରୁ 'ଜାମୁଲ୍ ଇଲୁମ୍' ନାମକ ଏକ ଉର୍ଦ୍ଦୁ ସାପ୍ତାହିକ ପ୍ରକାଶ ପାଏ । ପତ୍ରିକାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ପ୍ରତ୍ୟେକ ଶବ୍ଦ ତାଙ୍କ ଆନ୍ତରିକ ବ୍ୟବସ୍ଥାର ଥିଲା ପରିଚାୟକ । ସେ ମୁଖ୍ୟତଃ ହାସ୍ୟରସର ଲେଖକ ହୋଇଥିଲେବି ତାଙ୍କ ଭିତରେ ଗମ୍ଭୀରତା କିଛି କମ୍ ନଥିଲା । ସେ ହିନ୍ଦୁ ମୁସଲମାନ ଏକତାର ଘୋର ପକ୍ଷପାତୀ ଥିଲେ । ତାଙ୍କ ପତ୍ରିକାରେ ଶାସକଙ୍କ ଦମନକାରୀ ନୀତି ଗୁଡ଼ିକର କଡ଼ା ଆଲୋଚନା ପ୍ରକାଶ ପାଇବାକୁ ଲାଗେ । ନିଜ ପତ୍ରିକାର ସମ୍ପାଦନା କାର୍ଯ୍ୟ ସହିତ ପଞ୍ଜାବର ଗୁଜ୍‌ରାଁଓ୍ୱାଲାରୁ ପ୍ରକାଶିତ 'ଇଣ୍ଡିଆ' ତଥା ପେଶ୍ୱାଓ୍ୱରରୁ ପ୍ରକାଶିତ 'ଇନ୍‌କିଲାବ'ରେ ସେ ନିୟମିତ ସ୍ତମ୍ଭ ଲେଖୁଥିଲେ । ତାଙ୍କ ରୋକ୍‌ଠୋକ୍ ସମାଲୋଚନାର ଭଙ୍ଗୀ ଯୋଗୁଁ ଇଂରେଜ୍ ସରକାର ଆତଙ୍କିତ ହୋଇ ତାଙ୍କୁ ସେଭଳି କାର୍ଯ୍ୟରୁ ବିରତ ରହିବାକୁ ଚେତାବନୀ ଦିଅନ୍ତି । ହେଲେ ସୁଫିଙ୍କ କଲମ ଥିଲା ସ୍ୱାଧୀନ । ସେ କାହାର ଇଙ୍ଗିତରେ କଲମ ଚାଳନା କରିବାକୁ ଆପଣା ଅସମ୍ମାନ ମନେ କରୁଥିଲେ । ୧୮୯୭ ମସିହାରେ ତାଙ୍କୁ ରାଜଦ୍ରୋହ ଅପରାଧରେ ଦେଢ଼ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଏ । ମିଆଦ କାଟି ଜେଲ୍‌ରୁ ମୁକୁଳିବା ପରେ ସେ ଦେଖନ୍ତି ଯେ ଉତ୍ତର ପ୍ରଦେଶର କିଛି ଛୋଟ ଛୋଟ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ଇଂରେଜମାନେ ହସ୍ତକ୍ଷେପ କରି ସେଠାକାର ରାଜା ଓ ପ୍ରଜା ଉଭୟଙ୍କୁ ଶୋଷଣ କରିବାରେ ଲାଗିଛନ୍ତି । ଇଂରେଜଙ୍କ କୁଟଚକ୍ରାନ୍ତକୁ ସର୍ବ ସମକ୍ଷରେ ପ୍ରକାଶ କରିବା ତାଙ୍କର ଦାୟିତ୍ୱ ମନେକରି ସେ ସଭା ସମିତିରେ ଇଂରେଜଙ୍କ ସମାଲୋଚନା କରିବା ସହ ତାଙ୍କ ବିରୁଦ୍ଧରେ ପତ୍ର ପତ୍ରିକାରେ ମଧ ଲେଖିବାକୁ ଲାଗନ୍ତି । ଏଥର ସରକାରଙ୍କ ଉପରେ ମିଥ୍ୟା ଆରୋପର ଅଭିଯୋଗ ଆଣି ତାଙ୍କୁ ୬ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଏ ।

ଜେଲ୍‌ରେ ଅକଥନୀୟ ନିର୍ଯ୍ୟାତନା ସହିବାକୁ ପଡ଼ିଲେ ବି ସେ ବିଚଳିତ ହୁଅନ୍ତି ନାହିଁ । ଏକ ସନ୍ତସନ୍ତିଆ ଅପରିଷ୍କାର କୋଠରୀରେ ଦିନରାତି ବନ୍ଦ କରି ରଖା ହୋଇଥାଏ ତାଙ୍କୁ । ଏମିତି ଅସ୍ୱାସ୍ଥ୍ୟକର ପରିବେଶରେ ରହି ରହି ସେ ବେମାର ପଡ଼ିଯାଆନ୍ତି । ଜେଲ କର୍ତ୍ତୃପକ୍ଷ ତାଙ୍କୁ ଔଷଧପତ୍ର ଦେବା ତ ଦୂରର କଥା ପିଇବା ପାଇଁ ଶୁଦ୍ଧ ପାଣି ଟୋପାଏର ବି ବ୍ୟବସ୍ଥା କରନ୍ତି ନାହିଁ । ଓଲଟା, ମଝିରେ ମଝିରେ ଜେଲର୍ ଆସି ତାଙ୍କୁ ହସି ହସି ପଚାରେ, "ସୁଫି, ଏବେ ବି ତୁମେ ବଞ୍ଚିଛ ?" ବଡ଼କଷ୍ଟରେ ଜେଲ୍ ଜୀବନର ଏଇ ୬ ବର୍ଷ କଟିଯାଏ । ୧୯୦୬ ମସିହା ବେଳକୁ ସେ ଜେଲ୍‌ରୁ ମୁକ୍ତି ପାଆନ୍ତି । ହାଇଦ୍ରାବାଦ୍‌ର ନିଜାମ୍‌ଙ୍କ ସହିତ ସୁଫିଙ୍କର ଖୁବ୍ ଘନିଷ୍ଠ ସମ୍ପର୍କ ଥାଏ । ଜେଲ୍‌ରୁ ବାହାରି ସେ ହାଇଦ୍ରାବାଦ୍ ଯାଆନ୍ତି । ନିଜାମ୍ ଖୁସି ହୋଇ ସ୍ୱାଗତ ଜଣାଇବା ସହ ତାଙ୍କର ରହିବାର ସମସ୍ତ ବ୍ୟବସ୍ଥା କରିଦିଅନ୍ତି । ସବୁଦିନ ପାଇଁ ହାଇଦ୍ରାବାଦ୍‌ରେ ତାଙ୍କୁ ରଖିବା ନିଜାମ୍‌ଙ୍କ ଇଚ୍ଛା । ତେଣୁ ତାଙ୍କପାଇଁ ଏକ ସୁନ୍ଦର ମହଲ୍ ନିର୍ମାଣ କରାଯାଏ । ନିର୍ମାଣକାର୍ଯ୍ୟ ସମାପ୍ତି ପରେ ନିଜାମ୍ ସୁଫିଙ୍କୁ କହନ୍ତି ତାଙ୍କ ରହିବା ପାଇଁ ମହଲ ପ୍ରସ୍ତୁତ ହୋଇଯାଇଛି ବୋଲି । ହେଲେ ସୁଫି କ'ଣ ଗୋଟିଏ ଜାଗାରେ ରହିବା ଲୋକ । ସେ ତତ୍‌କ୍ଷଣାତ୍ ଉତ୍ତର ଦିଅନ୍ତି, "ମୁଁ ବି ପ୍ରସ୍ତୁତ ହୋଇ ରହିଛି ।" ନିଜ ପିନ୍ଧା କପଡ଼ା ଦି'ଖଣ୍ଡ ଝୁଲାମୁଣିରେ ପୂରାଇ ସେ ହାଇଦ୍ରାବାଦ୍‌ରୁ ପଞ୍ଜାବ ଚାଲିଆସି ଲାହୋରରୁ ପ୍ରକାଶିତ 'ହିନ୍ଦୁସ୍ଥାନ' ପତ୍ରିକାର ସହସମ୍ପାଦକ ବନିଯାଆନ୍ତି । ତାଙ୍କ ଚତୁରତା, ବାକ୍‌ପଟୁତା ଓ ବୁଦ୍ଧିମତ୍ତାରେ ଇଂରେଜ୍ ସରକାର ପ୍ରଭାବିତ ହୋଇ ତାଙ୍କୁ ଗୁପ୍ତଚର ବିଭାଗରେ ନିଯୁକ୍ତ କରିବାର ପ୍ରସ୍ତାବ ଦିଏ । ମାସିକ ହଜାରେ ଟଙ୍କା ଦରମାର ପ୍ରଲୋଭନ ମଧ ଦେଖାଏ ତାଙ୍କୁ । କିନ୍ତୁ ଦେଶର ଉ ।ନ ନିମନ୍ତେ ଆତ୍ମୋତ୍ସର୍ଗର ଭାବନା ଯାହାର ହୃଦୟକୁ କବଳିତ କରି ରଖିଛି ତାକୁ କୌଣସି ପ୍ରଲୋଭନ କଣ କେବେ କାବୁ କରି ପାରିବ । ଗୁପ୍ତଚର ବିଭାଗରେ ଉଚ୍ଚ ପଦବୀ ଅପେକ୍ଷା ସେ କାରାବରଣ ଓ ଦରିଦ୍ରତାକୁ ଶ୍ରେଷ୍ଠ ମନେକରନ୍ତି । କେତେମାସ ପରେ 'ହିନ୍ଦୁସ୍ଥାନ'ର ସମ୍ପାଦକଙ୍କ ସହ ଅମେଳ ହେବାରୁ ସେଠାରୁ ତ୍ୟାଗପତ୍ର ଦେଇ ଚାଲିଯାଆନ୍ତି ।

ସେଇ ସମୟରେ ସରଦାର ଅଜିତ୍ ସିଂହ ଲାହୋରରେ 'ଭାରତମାତା ସୋସାଇଟି' ପ୍ରତିଷ୍ଠା କରି ସମଗ୍ର ପଞ୍ଜାବରେ ନ୍ୟୁ କଲୋନୀ ନିୟମ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରି ଦେଇଥାନ୍ତି । ସୁଫିଙ୍କୁ ତାଙ୍କ ଦୃଷ୍ଟିକୋଣ ପସନ୍ଦ ହେବାରୁ ସେ ଏଇ ଆନ୍ଦୋଳନରେ ଯୋଗ ଦିଅନ୍ତି। ୧୯୦୭ ମସିହାରେ ଚାଷୀଙ୍କ ଆନ୍ଦୋଳନ ଯୋଗୁଁ ସମଗ୍ର ପଞ୍ଜାବରେ ହିଂସା ବ୍ୟାପିଯିବାରୁ ସରକାର ଦୃଢ଼ ହସ୍ତରେ ଦମନ କରିବା ଲକ୍ଷ୍ୟରେ ଆନ୍ଦୋଳନକାରୀଙ୍କୁ ଗିରଫ୍ କରି ଜେଲ୍‌ରେ ବନ୍ଦ କରିବା ଆରମ୍ଭ କରିଦିଏ । ଗିରଫ୍‌ଦାରୀରୁ ବର୍ତ୍ତିବା ପାଇଁ ସରଦାର କିଶନ୍ ସିଂହ ଓ ଭାରତମାତା ସୋସାଇଟିର ମନ୍ତ୍ରୀ ମେହେତା ନନ୍ଦକିଶୋରଙ୍କ ସହ ସୁଫି ଲୁଚି ଚାଲିଯାଆନ୍ତି ନେପାଳ । ସେଠାରେ ନେପାଳ ରାଜ୍ୟର ଗଭର୍ଣ୍ଣର ଜଙ୍ଗବାହାଦୁରଙ୍କ ସହିତ ତାଙ୍କର ଖୁବ୍ ଭାବଦୋସ୍ତି ହୋଇଯାଏ । ଜଙ୍ଗବାହାଦୁର ତାଙ୍କ ରହିବାର ସୁବନ୍ଦୋବସ୍ତ କରିଦିଅନ୍ତି । ଇଂରେଜ ସରକାର କିନ୍ତୁ କୁଟନୀତି ବଳରେ ନେପାଳଭୂଇଁରେ ସେଇ ତିନିଜଣଙ୍କୁ ଗିରଫ୍ କରିବାରେ ସଫଳ ହୁଏ । ଭାରତୀୟ କ୍ରାନ୍ତିକାରୀଙ୍କୁ ଶରଣ ଦେବାର ଅଭିଯୋଗରେ ଗଭର୍ଣ୍ଣର ଜଙ୍ଗବାହାଦୁର ପଦଚ୍ୟୁତ ହେବାସହ ତାଙ୍କ ସମସ୍ତ ସମ୍ପତ୍ତି ଜବତ୍ କରିନିଆଯାଏ । ସୁଫି ଓ ତାଙ୍କ ଦୁଇ ସାଥୀଙ୍କୁ ନେପାଳରୁ ଗିରଫ୍ କରି ଲାହୋର ଅଣାଯାଏ । ଲାଲା ପିଣ୍ଡିଦାସଙ୍କ ପତ୍ରିକା 'ୟଙ୍ଗ୍ ଇଣ୍ଡିଆ'ରେ ପ୍ରକାଶିତ ତାଙ୍କ ଲେଖା ଉପରେ ଅଭିଯୋଗ ଆଣି ସୁଫିଙ୍କ ଉପରେ କେଶ୍ ଚାଲେ । କିନ୍ତୁ କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବାରୁ ତାଙ୍କୁ କାରାମୁକ୍ତ କରାଯାଏ । ସେତେବେଳେ ବର୍ମାର ମାଣ୍ଡଲେ ଜେଲ୍‌ରୁ ମୁକ୍ତି ପାଇ ସରଦାର ଅଜିତ୍ ସିଂହ ବି ଲାହୋର ଫେରି ଆସିଥାନ୍ତି । ଏଥର ସେମାନେ 'ଭାରତମାତା ବୁକ୍ ଏଜେନ୍ସି' ପ୍ରତିଷ୍ଠା କରନ୍ତି । ତାହାର ସବୁକିଛି ଦାୟିତ୍ୱ ବହନ କରନ୍ତି ସୁଫି ଅମ୍ବାପ୍ରସାଦ । ସାରା ବିଶ୍ୱରେ ହେଉଥିବା କ୍ରାନ୍ତିକାରୀ ଆନ୍ଦୋଳନ ଗୁଡ଼ିକ ଉପରେ ଗବେଷଣା, କ୍ରାନ୍ତିକାରୀଙ୍କ ଜୀବନକୁ ଗଭୀର ନିରୀକ୍ଷଣ, କ୍ରାନ୍ତିକାରୀ ସାହିତ୍ୟର ଅନୁବାଦ, ପୁସ୍ତକ ପ୍ରକାଶ ତଥା ବିକ୍ରି ଇତ୍ୟାଦି ପାଇଁ ଗଠିତ ହୋଇଥିଲା ଭାରତମାତା ବୁକ୍ ଏଜେନ୍ସି । ସେଇ ସମୟରେ ସୁଫି 'ବାଗୀ ମସୀହା' ବା 'ବିଦ୍ରୋହୀ ମସୀହା' ଶୀର୍ଷକରେ ଏକ ପୁସ୍ତକ ରଚନା କରି ପ୍ରକାଶିତ କରନ୍ତି । ପ୍ରକାଶ ପାଇବାର କିଛିଦିନ ମଧ୍ୟରେ ପୁସ୍ତକଟିକୁ ଇଂରେଜ୍ ସରକାର ବ୍ୟାଜ୍ୟାପ୍ତ କରେ । ଲୋକମାନ୍ୟ ତିଲକ୍‌ଙ୍କ ବ୍ୟକ୍ତିତ୍ୱ ଅମ୍ବାପ୍ରସାଦଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ସେ ତାଙ୍କ ଭାଷଣଗୁଡ଼ିକୁ ଅନୁବାଦ କରି ଏକ ପୁସ୍ତକ ରୂପରେ ପ୍ରକାଶ କରି ତା'ର ପ୍ରଚାର ପ୍ରସାର କରନ୍ତି । ୧୯୦୯ ରେ ସୁଫିଙ୍କ ସମ୍ପାଦକତ୍ୱରେ 'ପେଶ୍ୱା' ନାମକ ଏକ ପତ୍ରିକା ପ୍ରକାଶ ପାଏ । ତାହାରି ମାଧ୍ୟମରେ ପୁଣି ଇଂରେଜମାନଙ୍କ ଉପରେ ତୀବ୍ର ଆକ୍ରମଣ ଆରମ୍ଭ ହୋଇଯାଏ । ସେତେବେଳେ ବଙ୍ଗଳାରେ କ୍ରାନ୍ତିକାରୀ ଗତିବିଧି ବୃଦ୍ଧିପାଇବାରେ ଲାଗିଥାଏ । ବିପିନ ଚନ୍ଦ୍ର ପାଲଙ୍କ ଜେଲ୍‌ରୁ ମୁକ୍ତି ପାଇବାର ଖୁସିରେ ଲାହୋରରେ ଏକ ବିରାଟ ସଭାର ଆୟୋଜନ କରି ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା କରନ୍ତି ଅମ୍ବାପ୍ରସାଦ । ଭାରତାମାତା ସୋସାଇଟି ଓ ବୁକ୍ ଏଜେନ୍ସିର ଏଭଳି କାର୍ଯ୍ୟକଳାପ ଯୋଗୁଁ ପଞ୍ଜାବରେ ଦଙ୍ଗା ଆରମ୍ଭ ହୋଇଯିବାରୁ ଏଠାରେ ବି ବଙ୍ଗଳା ଭଳି ନିଆଁ ଜଳିବାର ଆଶଙ୍କା କରି ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ଦମନଚକ୍ର ଆରମ୍ଭ କରିଦିଆଯାଏ । ଭାରତରେ ରହି କାର୍ଯ୍ୟ କରିବା ଆଉ ସମ୍ଭବ ହୋଇ ନପାରିବାରୁ ସରଦାର ଅଜିତ୍ ସିଂହ ଓ ଜିଆ-ଉଲ୍ ହକ୍‌ଙ୍କ ସହିତ ସୁଫି କରାଚୀ ବନ୍ଦର ଦେଇ ଛଦ୍ମବେଶରେ ଇରାନ୍‌କୁ ପଳାୟନ କରନ୍ତି ।

ସୁଫିଙ୍କର ପାରସୀ ଭାଷାରେ ବି ଖୁବ୍ ଦକ୍ଷତା ଥାଏ । ଇରାନ୍‌ରେ ଯାଇ ବି ସେ ତାଙ୍କର ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପ ଜାରି ରଖନ୍ତି । ସେଠିକାର ପୀଡ଼ିତ ଜନତାଙ୍କ ଭିତରେ ରାଜସତ୍ତା ବିରୁଦ୍ଧରେ ବିଦ୍ରୋହର ମଞ୍ଜି ବୁଣି ସେ ଏକ କ୍ରାନ୍ତିକାରୀ ସଙ୍ଗଠନ ଗଢ଼ିବାରେ ସକ୍ଷମ ହୁଅନ୍ତି । ମୁକ୍ତିର ଦେବଦୂତ ମନେକରି ସେଠାକାର ଜନସାଧାରଣ ତାଙ୍କୁ ଖୁବ୍ ଭକ୍ତି କରିବାକୁ ଲାଗନ୍ତି । ଅତି ଆଦରରେ ସେମାନେ ତାଙ୍କୁ 'ଆକା ସୁଫି' ବୋଲି ସମ୍ବୋଧନ କରନ୍ତି । ସେଠାରେ ସେ 'ମୋହିବାନୀ' ନାମକ ଏକ ପୁସ୍ତକ ରଚନା କରନ୍ତି । ଇରାନ୍‌ର ଜନସାଧାରଣ କେମିତି ତାଙ୍କ ଶାସକଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଓ ସେଠିକାର ଯୁବ କ୍ରାନ୍ତିକାରୀମାନେ କେମିତି ଆପଣା ସର୍ବସ୍ୱ କ୍ରାନ୍ତିଯଜ୍ଞରେ ଆହୁତି ଦେଇ ମୁକ୍ତି ସଂଗ୍ରାମ ଜାରି ରଖିଛନ୍ତି ସେଇ ବିଷୟ ପୁସ୍ତକରେ ବିସ୍ତାରରେ ବର୍ଣ୍ଣିତ ହୋଇଛି । ସେଠାରୁ ସେ 'ଆବେ ହୟାତ୍' ନାମକ ଏକ ଖବରକାଗଜ ମଧ ପ୍ରକାଶ କରନ୍ତି। ତାହା ସ୍ଥାନୀୟ ପାରସୀ ଭାଷାରେ ପ୍ରକାଶିତ ହେଉଥିଲା । ଏଇସବୁ ଗତିବିଧି ଯୋଗୁଁ ବ୍ରିଟିଶ୍ ସରକାର ଗୁପ୍ତଚର ନିଯୁକ୍ତ କରି ତାଙ୍କୁ କଳେ ବଳେ କୌଶଳେ ଗିରଫ୍ କରିବାକୁ ପ୍ରୟାସ କରନ୍ତି । ଶେଷରେ ବ୍ରିଟିଶ୍‌ଙ୍କ ହାତରେ ଗିରଫ ହୁଅନ୍ତି ଆକା ସୁଫି । ତାଙ୍କ ବିରୁଦ୍ଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଏ । ରାଜଦ୍ରୋହ ମାମଲା ଯୋଗୁଁ ତାଙ୍କୁ ଫାଶୀ ଦଣ୍ଡାଦେଶ ହୁଏ । କିନ୍ତୁ ଫାଶୀ ପାଇଁ ନିର୍ଦ୍ଧାରିତ, ୧୯୧୭ ମସିହା ଜାନୁଆରୀ ୨୧ ତାରିଖ ଦିନ ସକାଳୁ କୋଠରୀର କବାଟ ଖୋଲିଲା ବେଳେ ଭିତରେ ସମାଧିସ୍ଥ ଅବସ୍ଥାରେ ସୁଫି ଆପଣା ପ୍ରଣତ୍ୟାଗ କରି ସାରିଥାନ୍ତି। ଇଂରେଜ ସିପାହୀଙ୍କୁ ତାଙ୍କ ଶରୀର ଛୁଇଁବାକୁ ମଧ ଅନୁମତି ନଦେଇ ସେ ଚାଲିଯାଇଥାନ୍ତି ଆରପାରିକୁ। ଦେହାନ୍ତର ଖବର ପ୍ରସାରିତ ହେବାରୁ ତାଙ୍କ ଶେଷ ଦର୍ଶନ ପାଇଁ ସିରାଜ୍‌ର ସେଇ ଜେଲ ଫାଟକ ପାଖରେ ଅନୁଗାମୀଙ୍କ ଭିଡ଼ ଲାଗିଯାଏ। ହଜାର ହଜାର ଇରାନୀ ସମ୍ମିଳିତ ହୁଅନ୍ତି ତାଙ୍କ ଶବଯାତ୍ରାରେ। ଆକା ସୁଫିଙ୍କ ବିଚ୍ଛେଦ ଯୋଗୁଁ ସଭିଙ୍କ ଆଖିରେ ସେଦିନ ଭରି ରହିଥାଏ ଲୁହ । ମହାସମାରୋହରେ ତାଙ୍କୁ ସେଠାରେ କବର ଦିଆଯାଏ । ଶୁଣିବାକୁ ମିଳେ ଯେ ଏବେ ବି ସୁଫି ଆକାଙ୍କ କବର ନିକଟରେ ପ୍ରତିବର୍ଷ ତାଙ୍କ ପୁଣ୍ୟତିଥିରେ ହଜାର ହଜାର ଲୋକଙ୍କ ସମାଗମ ହେବା ସହ ମେଳାର ଆୟୋଜନ କରାଯାଏ । ଇରାନ୍ ମନେ ରଖିଛି ତାର ସୁଫି ଆକାଙ୍କୁ ହେଲେ ଭାରତରେ ତାଙ୍କର କିଛି ବି ସ୍ମାରକୀ ଆଜିଯାଏଁ ପ୍ରତିଷ୍ଠା ହୋଇ ପାରିନାହିଁ । ସରଦାର ଅଜିତ୍ ସିଂହ ତାଙ୍କ ଆତ୍ମଜୀବନୀରେ, ବିଦେଶ ମାଟିରେ ସୁଫିଙ୍କ ଦେହାନ୍ତ ଖବର ଜାଣି ଦୁଃଖ ପ୍ରକାଶ କରି ଲେଖିଛନ୍ତି ଦିନେ ନା ଦିନେ ତାଙ୍କ ଆତ୍ମୋତ୍ସର୍ଗର କାହାଣୀ ସାରା ଦେଶରେ ପ୍ରଚାରିତ ହେବ ଓ ଭାରତ ତାଙ୍କ ଦେହାବଶେଷକୁ ସସମ୍ମାନେ ଫେରାଇ ଆଣିବ ଇରାନ୍‌ରୁ । ହେଲେ ସେ ସୁଦିନ କେବେ ଆସିବ କିଏ ଜାଣିଛି ...........

(କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଡିସେମ୍ବର, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ମ ନ ଗ ହ ନ

# ବରପାଲିରୁ ବାଲେଶ୍ୱର

## ପ୍ରଫେସର ମଣୀନ୍ଦ୍ର କୁମାର ମେହେର



(ପୂର୍ବ ପ୍ରକାଶିତ ଉତ୍ତାରୁ) ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଅସୀମ ଅନୁରାଗ ଭାବାବିଷ୍ଟ କରିତୋଳିଛି ମୋତେ। ଆଉ ବର୍ତ୍ତମାନ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାରଠାରେ ପ୍ରତିକ୍ଷଣ ମୁଁ ଶୁଣିପାରୁଛି ସାରସ୍ୱତ ସଦଭାବର ଅନ୍ତଃସ୍ୱର୍ଶୀ ସଂଗୀତ। ଏଠାକାର ସାହିତ୍ୟିକ ବାତାବରଣ, ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତାମାନଙ୍କ ସଦିଚ୍ଛା ମୋତେ ବିଭୋର କରି ରଖିଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ଯଦିଓ ଏକ ପ୍ରାଚୀନ ବିଶ୍ୱବିଦ୍ୟାଳୟ ନୁହେଁ, ତାହା ଫକୀରମୋହନଙ୍କ ନାମରେ ନାମିତ ହୋଇଯିବା ଦ୍ୱାରା ପୁରାତନ କାଳର ସଂସ୍କୃତି ସହିତ ଏହା ସମ୍ବନ୍ଧିତ ହୋଇଯାଇଛି ସ୍ୱତଃସ୍ଫୂର୍ତ୍ତ ଭାବରେ। ଏହି ବିଶ୍ୱବିଦ୍ୟାଳୟରେ ଯେଉଁ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ପ୍ରତିଷ୍ଠିତ ସେଥିରେ ଅନ୍ତର୍ଭୁକ୍ତ ହୋଇରହିଛି ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ ଭାଷା ଓ ସାହିତ୍ୟର ଶିକ୍ଷାଦାନ କାର୍ଯ୍ୟକ୍ରମ। ଏହି ତିନୋଟି ବିଭାଗର ମୁଖ୍ୟ ଭାବରେ ନିରନ୍ତର ଯେତେବେଳେ କର୍ମଚଂଚଳ ହୋଇ ରହିବାକୁ ହୁଏ, ତାହାକି ଆନନ୍ଦଦାୟକ ଅନୁଭବ କରିପାରୁଛି ନିଜ ହୃଦୟ ମଧ୍ୟରେ। ସଂପ୍ରତି ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଠାରେ ଛାତ୍ରଛାତ୍ରୀମାନେ ନିଜ ନିଜ ବିଷୟ ପଢ଼ିବା ସହିତ ଅନ୍ୟ ଦୁଇଟି ବିଷୟରେ ମଧ୍ୟ ଜ୍ଞାନ ଅର୍ଜନ କରିବାର ସୁବ୍ୟବସ୍ଥା ରହିଛି। ପୁଣି ଆଉ ଏକ ଉଲ୍ଲେଖନୀୟ ବିଷୟ ହେଲା ବ୍ୟାସବିହାର ପରିସରରେ ଯିଏ ଯେଉଁ ବିଷୟ ନେଇ ଅଧ୍ୟୟନ କରନ୍ତୁ ନା କାହିଁକି ସମସ୍ତେ ଫକୀରମୋହନଙ୍କ ସଂପର୍କରେ ମୌଳିକ ଧାରଣା କିପରି ଲାଭ କରିପାରିବେ ସେହି ଶିକ୍ଷାଦାନର ବ୍ୟବସ୍ଥା ମଧ୍ୟ ପ୍ରଚଳିତ। ଏ ସଂପର୍କରେ ପଶ୍ଚିମ ଓଡ଼ିଶାର ଗୁଣୀଜନ ଜାଣିବାପରେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ଗଙ୍ଗାଧରଙ୍କ ସଂପର୍କରେ ସମସ୍ତ ଛାତ୍ରଛାତ୍ରୀ କିପରି ଜାଣିବାର ଓ ବୁଝିବାର ସୁଯୋଗ ପାଇବେ ଏ ବିଷୟରେ ଆଗ୍ରହ ପ୍ରକାଶ କରିଛନ୍ତି।

ବରପାଲିରେ ସ୍ୱଭାବକବିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ। ସେହି ମୂର୍ତ୍ତିକୁ ବିଭିନ୍ନ ଦିଗରୁ ନିରୀକ୍ଷଣ କରିପାରିଲେ ସେଥିରେ ଉଦ୍‌ଭାସିତ ହୋଇଉଠେ ଅନ୍ୟ କବି ଲେଖକଙ୍କ ଶ୍ରଦ୍ଧାଦୀପ୍ତ ମୁଖମଣ୍ଡଳ। ସେହିପରି ବାଲେଶ୍ୱରଠାରେ ପ୍ରତିଷ୍ଠିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ପ୍ରତି ଦୃଷ୍ଟିନିକ୍ଷେପ କଲେଲ ତାଙ୍କ ଭିତରେ ଉଦ୍‌ଭାସିତ ହୋଇଉଠୁଥାନ୍ତି ଗଙ୍ଗାଧର। ଉତ୍କଳ ବିଶ୍ୱ ବିଦ୍ୟାଳୟର ଏକ ବିଶେଷ କାର୍ଯ୍ୟକ୍ରମରେ ମୋର ବକ୍ତବ୍ୟ ଶୁଣିବାପରେ ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି ମୋ ଉଦ୍ଦେଶ୍ୟରେ କହିଲେ- ଆପଣ ଗଙ୍ଗାଧରଙ୍କ ବଂଶଧର, କିନ୍ତୁ ଫକୀରମୋହନଙ୍କ ଉତ୍ତରାଧିକାରୀଙ୍କ ପରି ଉପସ୍ଥାପନ କରୁଛନ୍ତି ଆପଣଙ୍କ ବକ୍ତବ୍ୟ। ମୁଁ ବିନମ୍ର ଭାବରେ ତାଙ୍କୁ ଉତ୍ତର ଦେଇଥିଲି, "ହଁ ମୁଁ ଫକୀର ମୋହନଙ୍କର ମଧ୍ୟ ବଂଶଜ ନିଶ୍ଚୟ।" ସେହିପରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ମୋ ପରିଚୟ ପ୍ରଦାନ କରୁଁ କରୁଁ ଜଣେ ବିଶିଷ୍ଟ ଲେଖକ କହି ପକାଇଲେ, ସେ ହେଉଛନ୍ତି ଫକୀରମୋହନଙ୍କ ଦାୟାଦ। ପୁଣି ତାଙ୍କ ତ୍ରୁଟି ସଂଶୋଧନ କରିଥିଲେ ତତ୍‌କ୍ଷଣାତ୍। ନିଜର ବକ୍ତବ୍ୟରେ ପୁନଶ୍ଚ ଏ ଲେଖକଙ୍କୁ କହିବାକୁ ପଡ଼ିଥିଲା ଯେ, ସେ ଗଙ୍ଗାଧରଙ୍କ ଉତ୍ତରାଧିକାରୀ ଯେମିତି ସେଭଳି ଫକୀରମୋହନଙ୍କ ପରିବାରର ସଦସ୍ୟ । ଜଣେ ଭଦ୍ରବ୍ୟକ୍ତି ଏକଦା ମୋ ଉଦ୍ଦେଶ୍ୟରେ କହିଲେ - 'ଗଙ୍ଗାଧରଙ୍କ ବଂଶଧରମାନେ ସଚେତନ ଥିବାରୁ ଗଙ୍ଗାଧରଙ୍କ ସ୍ମୃତିରକ୍ଷା ଓ ସ୍ମୃତିପୂଜାରେ କୌଣସି ଅନାନ୍ତରିକତା ପ୍ରଦର୍ଶିତ ହେଉନାହିଁ। କିନ୍ତୁ ଅନ୍ୟ କବି ଲେଖକଙ୍କ ବଂଶଜମାନେ ଆପଣଙ୍କ ଭଳି ଏପରି ଶ୍ରଦ୍ଧାପ୍ଲୁତ ଓ ଜାଗ୍ରତ ନୁହଁନ୍ତି।" ଏ କଥା ଶୁଣି ଆନନ୍ଦିତ ହେବା ପରିବର୍ତ୍ତେ ମୁଁ ବିଷାଦ ଅନୁଭବ କରିଥିଲି ନିଜ ଅନ୍ତରରେ। ମୋ ଭିତରେ ନିଜ ବିବେକ କହୁଥିଲା- "ତୁ କ'ଣ କେବଳ ଗଙ୍ଗାଧରଙ୍କ ବଂଶଧର ? ଫକୀରମୋହନ, ରାଧାନାଥ, ମଧୁସୂଦନ, ନନ୍ଦକିଶୋର, ସନ୍ଥକବି ଭୀମଭୋଇ ବା ବୀର ସୁରେନ୍ଦ୍ର ସାଏ କାହାର ବା ଦାୟାଦ ନୋହୁ ତୁ ?" ଏହି ଅନ୍ତର୍ବାଣୀ ଶୁଣିବାପରେ ଅନୁଭୂତ ହୋଇଥିଲା ଆମେ ସମସ୍ତେ ହେଉଛୁ ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ସବୁ ମହାପୁରୁଷଙ୍କ ଉତ୍ତର ପିଢ଼ି। ବର୍ତ୍ତମାନ ଆଉ ଜଣେ ମହାନ ସ୍ରଷ୍ଟା ବା ଜନନାୟକଙ୍କ ବଂଶଧର ଗୋଟିଏ ପରିବାରରେ ସୀମିତ ନୁହେଁ। ସଂପୂର୍ଣ୍ଣ ଭାବରେ ସମଗ୍ର ଓଡ଼ିଶା ଓ ସମଗ୍ର ଭାରତବର୍ଷର ମହାନ ଆତ୍ମାମାନଙ୍କ ଆଲୋକ କଣିକା ସମସ୍ତଙ୍କ ରକ୍ତବିନ୍ଦୁରେ ସମାହିତ। ଏଭଳି ଏକ ମହାନୁଭବର ବିଷୟ ଉନ୍ମୋଚିତ ହୋଇଯାଉଥିବାବେଳେ ମନେପଡୁଛି ଗାନ୍ଧୀଜୀ କହିଥିଲେ- "ମୁଁ ହିନ୍ଦୁ, ମୁଁ ମଧ୍ୟ ମୁସଲମାନ, ମୁଁ ଖ୍ରୀଷ୍ଟିୟାନ, ବୌଦ୍ଧଧର୍ମାବଲମ୍ବୀ, ଜୈନ ଧର୍ମପ୍ରତି ଅନୁରକ୍ତ।"ଏ ପରିପ୍ରେକ୍ଷୀରେ ଆଖି ଆଗରେ ଦିଶିଯାଉଛି ଫକୀରମୋହନ ତାଙ୍କ ଶାନ୍ତିକାନନରେ ସର୍ବଧର୍ମ ସମନ୍ୱୟର ଯେଉଁ ସ୍ତମ୍ଭ ପ୍ରତିଷ୍ଠା କରିଯାଇଛନ୍ତି, ସରସ୍ୱତୀ ଫକୀର ମୋହନଙ୍କ ପବିତ୍ର ଜୟନ୍ତୀ ତିଥିରେ ଆମେ ଯଦି ଏହି ସୂକ୍ଷ୍ମ ସତ୍ୟକୁ ଅନୁଭବ କରିପାରିବା ଓ ଆମ ଜୀବନରେ ସେହି ଔଦାର୍ଯ୍ୟ ଓ ମହାନତା ପ୍ରକାଶ କରିପାରିବା, ତାହା ହିଁ ହେବ ଏହି ମହାଜାତିର ମହାନାୟକମାନଙ୍କ ପ୍ରତି ପ୍ରକୃଷ୍ଟ ଶ୍ରଦ୍ଧାଂଜଳି। ଫକୀରମୋହନ ଜୟନ୍ତୀ ପାଳନ ସେହି ପ୍ରେରଣାରେ ଉଦ୍‌ବୁଦ୍ଧ କରୁ ଆମ ସମଗ୍ର ଜୀବନକୁ, ଏହା ହିଁ ଆନ୍ତରିକ ପ୍ରାର୍ଥନା। ଏକ ମହାନ ତୀର୍ଥଭୂମି ବରପାଲିରୁ ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କରି ଯେଉଁ ମହାନୁଭୂତି ମୁଁ ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି, ତାହାକୁ କିପରି ଅବା ନିଜ ଭିତରେ ଅବରୁଦ୍ଧ କରି ରଖିଥାଆନ୍ତି ? ଆପଣାର ଏହି ମହତ୍ ଉପଲବ୍ଧିକୁ ଉନ୍ମୁକ୍ତ କରିଦେବା ନିଜ କର୍ତ୍ତବ୍ୟ ବୋଲି ଚିନ୍ତା କରିଥିବାରୁ, ତାହାର ଅବତାରଣା କରିଛି ମୋର ଅନେକ ଅକ୍ଷମତା ସତ୍ତ୍ୱେ। ଗଭୀର ଆଶା ଓ ବିଶ୍ୱାସରେ ପୂର୍ଣ୍ଣ ହୋଇଉଠୁଛି ଅନ୍ତଃସ୍ଥଳ, ଯେ ଯେଉଁମାନେ ଅନୁଭବୀ, ଅନୁରାଗୀ ସଜ୍ଜନ ସେମାନେ ନିଶ୍ଚୟ ମୋ ଭଳି ସାଧାରଣ ଲେଖକଟିଏର ସାମାନ୍ୟ ଉପସ୍ଥାପନାକୁ ଅସାମାନ୍ୟ ଭାବରେ ଅଧିକ ଅନୁଶୀଳନ କରିପାରିବେ ନିଜ ନିଜ ସ୍ତରରେ। (ସମାପ୍ତ)

♥ ପ୍ରଫେସର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୮୯

## ସ୍ମୃତି ଶତଦଳ ୨୭୦

## ମୋର ପରମ ପୂଜ୍ୟ ଗୁରୁ -୪

### ଡା. ସରୋଜିନୀ ଷଡଙ୍ଗୀ



♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜଣେ ଛାତ୍ର ବା' ଛାତ୍ରୀଙ୍କର ଭବିଷ୍ୟତ ଗଢିବାରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ। ଗୁରୁଙ୍କ କଥା ଶୁଣି ତାଙ୍କ ବାକ୍ୟକୁ ଏକ ଅମୋଘ ଅସ୍ତ୍ର ଭାବେ ଗ୍ରହଣ କରି ଏବଂ ତାଙ୍କ ବାଣୀକୁ କପାଳରେ ତିଳକ କରି ତଥା ତାଙ୍କ ମାହାତ୍ମ୍ୟକୁ ନିଜ ତୃତୀୟ ନୟନରେ ଅବଲୋକନ କରି ଛାତ୍ର ଛାତ୍ରୀମାନେ ସେମାନଙ୍କୁ ନିଜ ଜୀବନର ଆଦର୍ଶ ରୂପରେ ଗ୍ରହଣ କରିନିଅନ୍ତି। ସାରା ଜୀବନ ତାଙ୍କ ମୁଖ ନିଃସୃତ କେତୋଟି ବାଣୀ ସଂଜୀବନୀ ମନ୍ତ୍ର ଭଳି ସେମାନଙ୍କୁ ଅକ୍ଷୟ କବଚଟିଏ ପିନ୍ଧାଇ ଦେଇଥାଏ। କେଉଁଠି ନା କେଉଁଠି ତାଙ୍କର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡିଥାଏ ଏବଂ ଉତ୍ତମ ଗୁରୁଙ୍କୁ ସେମାନେ ସାରା ଜୀବନ ଭୁଲି ପାରିନଥାନ୍ତି ।

ସ୍କୁଲ ଜୀବନ ଅତିକ୍ରମ କଲା ପରେ ମୁଁ ଆଡମିଶନ ନେଇଥିଲି ଖଲ୍ଲିକୋଟ କଲେଜରେ। ସେତେବେଳକୁ କଟକର ରେଭେନ୍ସା କଲେଜ ଓ ସମ୍ବଲପୁରର ଗଙ୍ଗାଧର ମେହେର କଲେଜ ଭଳି ଖଲ୍ଲିକୋଟ କଲେଜ ମଧ୍ୟ ଥିଲା ଏକ ପ୍ରେଷ୍ଟିଜିୟସ କଲେଜ। ମୁଁ ସାଇନ୍ସରେ ପ୍ରିୟୁନିଭର୍ସିଟିରେ ଆଡମିଶନ ନେଇଥିଲି । ସେତେବେଳେ ବୋଟାନିରେ ଲେକ୍‌ଚର୍‌ର ଥିଲେ ମିଶ୍ରବାବୁ, ଯିଏ ବୋଟାନି ଭଳି ବିଷୟକୁ ଖୁବ୍ ସରଳ ଭାବରେ ଆମକୁ ବୁଝାଇ ଦେଇଥିଲେ ଏବଂ ସେଥିରେ ଆମର ଆଗ୍ରହ ବଢି ଯାଇଥଲା। କେମିଷ୍ଟ୍ରି ଭଳି ଡ୍ରାଏ ସବ୍‌ଜେକ୍ଟକୁ ଇଣ୍ଟରେଷ୍ଟିଂ କରାଇ ଦେଇଥିଲେ ମିଃ ଗୁପ୍ତା ଏବଂ ପ୍ରଥମ ମୁଁ ଛ'ମାସିକ ପରୀକ୍ଷାରେ ଶତକଡା ୯୩ ପ୍ରତିଶତ ମାର୍କ ପାଇଥିଲି।

ମୋ ପାଇଁ ସବୁଠାରୁ ଆଗ୍ରହର ବିଷୟ ଥିଲା ଫିଜିକ୍ସ ଏବଂ ମୁଁ ତାକୁ ଆଗ୍ରହର ସହ ପଢୁଥିଲି, ଯେଉଁଥିରେ ମୁଁ ଶତକଡା ୮୭ ପ୍ରତିଶତ ରଖିଥିଲି। କିନ୍ତୁ ଫିଜିକ୍ସ ଏକ କଷ୍ଟକର ବିଷୟ ଥିଲା। କିଛି କିଛି ଅଂଶ ମୋ ପାଇଁ ଅବୁଝା ରହି ଯାଉଥିଲା। ଆଉ ସେତିକି ବେଳେ ଦେବଦୂତ ଭଳି ଆଶୀର୍ବାଦ ମୁଦ୍ରାରେ ମୋ ପାଇଁ ଠିଆ ହୋଇଥିଲେ ପ୍ରଫେସର ଡଃ ଶ୍ରୀନିବାସନ। ଫିଜିକ୍ସ ବହି ପଢିବାବେଳେ ହଠାତ୍ ନନାଙ୍କ ପାଖକୁ କିଛି କାମ ନେଇ ପହଞ୍ଚିଥିଲେ ସେ ଏବଂ ସେତିକିବେଳେ କହିଥିଲେ, ସେ ଖଲ୍ଲିକୋଟ କଲେଜରେ ଲେକ୍‌ଚର ଅଛନ୍ତି। ନନା ଚିହ୍ନାଇ ଦେଇଥିଲେ ମତେ ତାଙ୍କ ଛାତ୍ରୀ ବୋଲି। ସେ ଓଡିଶାର ନଥିଲେ, ତାଙ୍କ ଘର ଥିଲା ଚେନ୍ନାଇରେ। ସେତେବେଳେ ତାହା ମାଡ୍ରାସ ଥିଲା। ସେ ଓଡିଆ ବୁଝୁ ନଥିଲେ କି କହିପାରୁନଥିଲେ କିନ୍ତୁ ଇଂରାଜୀରେ ସଙ୍ଗେ ସଙ୍ଗେ ମୋର କ୍ୟାରିୟର କଥା ପଚାରିଲେ। ଠାକୁର ଯେପରି ମୋ ଆଂଜୁଳାକୁ ଅମୃତରେ ଜଳରେ ଭରି ଦେଇଥିଲେ । ସେଇ ଦିନଠାରୁ ପ୍ରାୟ ଆନୁଆଲ ପରୀକ୍ଷା ଯାଏଁ ଦୀର୍ଘ କାଳ ସେ ପ୍ରତ୍ୟେକ ଦିନ ଆମ ଘରକୁ ଆସି ପ୍ରାୟ ଏକ ଘଣ୍ଟା ଯାଏଁ ମତେ ଫିଜିକ୍ସ ବୁଝାଇ ଦେଉଥିଲେ। ଆଶ୍ଚର୍ଯ୍ୟ ତାଙ୍କର ନିଷ୍ଠା ଓ ଏକାଗ୍ରତା । ମୁଁ ବି ବାଧ୍ୟ ଛାତ୍ରୀଟିଏ ଭଳି ଫିଜିକ୍ସ ପିଇ ଯାଉଥିଲି। ମୋର ଖୁବ୍ ଇଚ୍ଛାଥିଲା ଡାକ୍ତରୀ ନ ପଢି ପାରିଲେ ନିଶ୍ଚୟ ଫିଜିକ୍ସ ଅନର୍ସ ନେଇ ପଢିବି। ଶେଷକୁ ଫିଜିକ୍ସରେ ସାର୍ ସବୁ ସନ୍ଦେହ ଦୂର କରି ଦେଇଥିଲେ ଏବଂ ପ୍ରିୟୁନିଭର୍ସିଟ ପରୀକ୍ଷାରେ ମୋର ପ୍ରାୟ ଶତକଡା ୯୦ ପ୍ରତିଶତ ରହିଥିଲା। ସେ ଯେତେଦିନ ମତେ ପଢେଇ ଥିଲେ ସେଥିପାଇଁ ଆଦୌ ପାରିଶ୍ରମିକ ନେଇ ନଥିଲେ ଏବଂ ତା' ପରେ ପରେ ଖଲ୍ଲିକୋଟ କଲେଜରୁ ରିଜାଇନ କରି ସେ ମାଡ୍ରାସ ଚାଲି ଯାଇଥିଲେ କାରଣ ସେତେବେଳକୁ ତାଙ୍କ ପତ୍ନୀ ରେବତୀ ସେଠାରେ ଗଣିତର ଅଧ୍ୟାପିକା ଥିଲେ। କିନ୍ତୁ ଏବେ ମଧ୍ୟ ତାଙ୍କ ଜ୍ଞାନର ଗଭୀରତା ଆଗରେ ମୋ ମୁଣ୍ଡ ନଇଁଯାଏ ଏବଂ ସବୁଠାରୁ ମୁଁ ସମ୍ମାନ ଦେଇଥାଏ ତାଙ୍କର ପଢାଇବା ଶୈଳୀ ଉପରେ। ଖଲ୍ଲିକୋଟ କଲେଜରେ ସେତେବେଳେ ଓଡଆ ଅଧ୍ୟାପକ ଥିଲେ ସୁଦର୍ଶନ ଆଚାର୍ଯ୍ୟ, ଯିଏ ଆମକୁ ଏକ ବର୍ଷ ଧରି ଓଡିଆ ପଢାଇଥିଲେ।

ସେତେବେଳେ ମୁଁ ମ୍ୟାଟ୍ରିକ ପରୀକ୍ଷାରେ ଓଡିଆରେ ପ୍ରଥମ ହୋଇ ଗଂଜାମ ଜିଲ୍ଲାରେ ଶ୍ରୀୟାଦେବୀ ମେମୋରିଆଲ ପୁରସ୍କାର ପାଇଥିଲି ଏବଂ ବିଜ୍ଞାନରେ ଛାତ୍ରୀ ହୋଇ ମଧ୍ୟ ସବୁ ଗ୍ରନ୍ଥାବଳୀ କିଣିଥିଲି, ଯଥା ଫକୀର ମୋହନ ଗ୍ରନ୍ଥାବଳୀ, ଗଙ୍ଗାଧର ମେହେର ଗ୍ରନ୍ଥାବଳୀ, କବି ସୂର୍ଯ୍ୟ ଗ୍ରନ୍ଥାବଳୀ ଓ ରାଧାନାଥ ଗ୍ରନ୍ଥାବଳୀ ଓ ଆହୁରି ବହୁ ଉପାଦେୟ ଓଡିଆ ପୁସ୍ତକ। ତା'ଛଡା ସେତେବେଳେ ଖୁବ୍ କବିତା ଲେଖୁଥିଲି ଓ ନନାଙ୍କ ସାଙ୍ଗରେ ସଭା ସମିତିକୁ ଯାଇ କବିତା ପାଠ କରୁଥିଲି। ଓଡିଆ ପାଇଁ ଆଗ୍ରହ ଦେଖି ସୁଦର୍ଶନ ସାର ମଧ୍ୟ ବହୁତ ଖୁସି ହୋଇ ଯାଇଥିଲେ। ସେ କେତେ ଥର ମତେ କହିଛନ୍ତି ବିଜ୍ଞାନରେ ଛାତ୍ରୀ ହୋଇ ମଧ୍ୟ ଓଡିଆରେ ବହୁତ ଭଲ କରୁଛ, ତୁମେ ଅନର୍ସ ନିଅ ଓ ତା' ପରେ ଏମ.ଏ କର, ତା ହେଲେ ତୁମେ ଓଡିଆ ସାହିତ୍ୟରେ ଭଲ କରିବ ଓ କବିତା ଯାହା ଲେଖିବ ସେ ଗୁଡିକ ଆହୁରି ଜୀବନ୍ତ ଓ ଉତ୍ତୀର୍ଣ୍ଣ ହେବ।

କିନ୍ତୁ ପିଲାଦିନୁଁ ତ ଆଶା ପୋଷଣ କରିଥିଲି ଡାକ୍ତର ହେବି ବୋଲି। ଏହାଛଡା ବୋଉର ବିରାଟ ଆଶାକୁ ସାକାର କରିବାକୁ ଡାକ୍ତରୀ ପାଠ ପଢିଲି । ଏମିତିକି ରେଭେନ୍ସା କଲେଜରେ ଫିଜିକ୍ସ ଅନର୍ସ ସିଟ୍ ପାଇଥିଲେ ମଧ୍ୟ ଛାଡି ଦେଇଥିଲି କାରଣ ବୋଉ ପରା ମୋ ପାଇଁ ଲେଖିଥିଲା-

"ଚନ୍ଦନ ଚର୍ଚ୍ଚିତ ତୋର କପାଳରେ
ଲେଖି ଦେବି, ମାନବ ସେବାର
ଏକ ମୁଗ୍ଧ ମନ୍ତ୍ରଟିଏ।"

ତଥାପି ଏବେ ମଧ୍ୟ ଓଡିଆ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସାରଙ୍କ ଆଗରେ ମୋର ମୁଣ୍ଡ ନଇଁଯାଏ।


(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୪)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

**ଭାଗ -୩**

ମୋର ଏବେ ବି ମନେ ଅଛି, ସେଇ ସମୟରେ ମୋ ଘରର ହଲ୍‌ରେ ନୂଆ କରି ଗୋଟେ ଲ୍ୟାଣ୍ଡ୍‌ଲାଇନ୍‌ର ଫୋନ୍ କନେକ୍‌ସନ ଲାଗିଥିଲା। କୌଣସି ସ୍ଥାନରୁ ଫୋନ୍ ଆସିଲେ, ରିସିଭ୍ କରିବା ପାଇଁ ଫୋନ୍ ଥିବା ସ୍ଥାନ ଯାଏଁ ଯିବାକୁ ପଡୁଥିଲା। କଷ୍ଟ କମ୍ କରିବା ପାଇଁ, ପ୍ରଥମେ ଫୋନ୍‌ର ତାରକୁ ଲମ୍ବାରଖି ତାକୁ କିଚେନ, ଡାଇନିଂରୁମ କିମ୍ବା ବେଡରୁମକୁ ମଧ୍ୟ ନିଆଯାଉଥିଲା। ପରେ ମୁଁ ଚାରୋଟି ସ୍ଥାନକୁ ଏକ୍ସଟେନ୍‌ସନ୍ ନେଲି। ଚାରି ଜାଗାରେ ଅଲଗା ଅଲଗା ହ୍ୟାଣ୍ଡ୍‌ସେଟ୍ ବି ରଖିଲି। ଚାରି ଜାଗାରେ ଏକା ସାଙ୍ଗେ ଫୋନ୍‌ର ଘଣ୍ଟି ବାଜୁଥିଲା। ସବୁଠାରୁ ନିକଟ ଜାଗାରୁ ଫୋନ୍ ଉଠାଇବାର ସୁବିଧା ଥିଲା। ସେଇଥିପାଇଁ ସୁବିଧା ସହିତ ପ୍ରତିଷ୍ଠା ବି ବଢ଼ିଥିଲା। ଲୋକମାନେ କହୁଥିଲେ ଏଇ ସାହେବଙ୍କର ସବୁ ରୁମ୍‌ରେ ଫୋନ୍ ଅଛି। ଏହି ସୁବିଧା ଯୋଗୁଁ ଫୋନ୍ ରିସିଭ୍ କରିବାର ସମୟ ବି ବଞ୍ଚି ଯାଉଥିଲା। ଘରର ଯେକୌଣସି ସ୍ଥାନରେ ବସି ଫୋନ୍ କରିବାର ସୁବିଧା ମିଳି ପାରୁଥିଲା। ବେଡରୁମରେ ମୁଁ ଖଟର ଏକଦମ୍ ନିକଟରେ ଫୋନ୍ ରଖିଥିଲି। ରାତିର ଯେ କୌଣସି ସମୟରେ ଫୋନ୍‌ର ଘଣ୍ଟି ବାଜିଲା ମାତ୍ରେ ଯେମିତି ହାତ ବଢେଇ ରିସିଭର ଉଠେଇ ଆଣିହେବ ସେହି ବ୍ୟବସ୍ଥା ମୁଁ କରି ଦେଇଥିଲି।

ଫୋନ୍‌କୁ ନେଇ ଗୋଟିଏ ଘଟଣା ମୋତେ ସବୁ ଦିନ ପାଇଁ ଅପରାଧବୋଧ ଗ୍ରସ୍ତ କରି ଦେଇଥିଲା। ଦିନେ ମୁଁ ଗାଧୋଇବା ପାଇଁ ବାଥ୍‌ରୁମ୍ ଯାଇଥିଲି। ବାସ୍ ଗାଧୋଇବା ଆରମ୍ଭ କରିବାକୁ ଯାଉଥିଲି, ହଲ୍‌ରେ ରଖାଯାଇଥିବା ଲ୍ୟାଣ୍ଡ୍‌ଲାଇନ୍ ଫୋନ୍‌ର ଘଣ୍ଟି ବାଜି ଉଠିଲା। ଥରେ, ଦି'ଥର ଫୋନ୍‌ର ଘଣ୍ଟି ବାଜିଲା, ମୁଁ ଅନ୍ୟମନସ୍କ ହୋଇ ପଡ଼ିଲି। ବାଥ୍‌ରୁମ୍‌ରୁ ଭିତରୁ ମୁଁ ମାଆକୁ ଡାକି ଫୋନ୍ ଉଠେଇବାକୁ କହିଲି। ସାଧାରଣତଃ ମାଆ କେବେ ଫୋନ୍ ଉଠାଏ ନାହିଁ, ଆଉ ମୋବାଇଲ୍‌ର ତ ପ୍ରଶ୍ନ ଉଠୁନି। ପ୍ରକୃତରେ ସିଏ ଫୋନ୍ ରିସିଭ୍ କରିପାରିବନି। ଏଥିରେ ତାର କିଛି ଭୁଲ୍ ନ ଥିଲା। ଏଇଟା ମୋର ଅସଫଳତା ଥିଲା। କାରଣ ଆମେ କେବେ ହେଲେ ତାକୁ ଶିଖାଇବାକୁ ଚେଷ୍ଟା ହିଁ କରି ନଥିଲୁ। ତାକୁ ଶିଖାଇବାକୁ ଆମ ପାଖରେ ସମୟ ନଥିଲା । ଯେତେବେଳେ ଫୋନ୍‌ର ଘଣ୍ଟି ଦୁଇଥର / ତିନି ଥର ବାଜିଲା ମୁଁ ପୁଣି ବଡ଼ ପାଟିରେ ମାଆକୁ ଡାକି କହିଲି "ମାଆ ଶିଘ୍ର ଫୋନ୍ ଉଠାଅ... କହିଦବ ଯେ ମୁଁ ବାଥ୍‌ରୁମ୍‌ରେ ଅଛି।" ମାଆ ଫୋନ୍ ଉଠେଇବାକୁ ଗଲା। ସିଏ ରିସିଭର୍‌କୁ କାନରେ ଲଗେଇଲା। ଗୋଟିଏ ବାକ୍ୟ ସିଏ ବାରମ୍ବାର ଦୋହରେଇଲା। 'ସାହେବ' ବାଥ୍‌ରୁମ୍‌ରେ ଅଛନ୍ତି। 'ସାହେବ' ବାଥ୍‌ରୁମ୍‌ରେ ଅଛନ୍ତି।" ଏତିକି କହି ସାରି ମାଆ ଫୋନ୍ ତଳେ ରଖିଦେଲା। ନିଜ ମାଆକୁ ଫୋନ୍‌ରେ କଥା ହେବାର ଶୁଣି ମୋତେ ଅତ୍ୟନ୍ତ ପ୍ରସନ୍ନତା ହୋଇଥିଲା ..... ସେଇ ପ୍ରସନ୍ନତାରେ ଭାବ ବିଭୋର ହେବା ବେଳେ ହିଁ କ୍ଷୀରରେ ଲେମ୍ବୁ ରସ ଟୋପାଏ ପଡ଼ିଗଲା ପରି ଗୋଟିଏ ପ୍ରଶ୍ନ ମୋ ମନରେ ଜାଗି ଉଠିଲା। ଆଉ ମୋର ସବୁ ଖୁସି କେଉଁଠି ହଜିଗଲା । ମୋ ମାଆ ମୋତେ ସବୁଦିନ ନାଁ ଧରି ଡାକେ। ଜନ୍ମ ହେବାଠାରୁ ଆଜି ପର୍ଯ୍ୟନ୍ତ ସିଏ ମୋତେ ସେଇ ନାମରେ ହିଁ ଡାକି ଆସିଛି। କିନ୍ତୁ ଆଜି .....ମାଆ ଆଜି ମୋତେ 'ସାହେବ' ନାଁରେ କାହିଁକି ସମ୍ବୋଧନ କଲା ? ଭାବନାର ବାତଚକ୍ର ସହିତ ସଂଘର୍ଷ କରିବାର ମୋହଗ୍ରସ୍ତ ଅବସ୍ଥା ଭିତରେ ହିଁ ମୁଁ ଗାଧୁଆ ସାରିଲି। ତାପରେ ଚା' ପାନ କରିବା ପାଇଁ ବସିଗଲି ଯାଇ ହଲ୍‌ରେ। ଅନ୍ୟମନସ୍କ ଭାବରେ ଖବରକାଗଜରେ ପୃଷ୍ଠା ଓଲଟେଇବାକୁ ଲାଗିଲି। ଏକ ଅଜଣା ଧୂମକେତୁ ପରି ସେଇ ପ୍ରଶ୍ନ ଏବେ ଯାଏ ମୋ ମନରେ ଚେକା ମାଡି ବସିଥିଲା। ମାଆ ଯଦି ପୁଅକୁ 'ସାହେବ' ବୋଲି କହେ... କଥାଟା ମୋର ଜମାରୁ ହଜମ ହେଉ ନଥିଲା। ମୋ ମନରେ କିଛି ଗୋଟେ ନିରନ୍ତର ମୋତେ ଲହୁଲୁହାଣ କରୁଥିଲା। ମୁଁ ଏ କଥା ବି ଚିନ୍ତା କରିବାକୁ ଲାଗିଲି ଯେ, ଏମିତି ହେବାର କାରଣ କଣ... କ'ଣ ମୋତେ ସାହେବ ବୋଲି କହି ସିଏ ମୋର ପ୍ରତିଷ୍ଠାକୁ ବଢ଼ାଇବାକୁ ହୁଁଛି ? ମୋର ସମ୍ମାନ ବଢ଼େଇବାକୁ ହୁଁଛି। ସିଏ ବି କଣ ଫୋନ୍‌ର ଭାଷା ଓ ସଂସ୍କୃତିକୁ ଶିଖୁଛି ? ମାଆର ମନରେ କି ପ୍ରକାର ଆଲୋଡ଼ନ ସୃଷ୍ଟି ହେଉଛି ?"

ଚା' ପିଇବା ବେଳେ ଏହି ଭାବନା ଭୟଙ୍କର କଳାବାଦଲ ପରି ମୋତେ ଘେରି ପକେଇଥିଲେ, ମନରେ ବିର ଆସିଲା , ସିଧା ଯାଇ ମାଆକୁ ପରି ଦେବି। କିନ୍ତୁ ମୁଁ ସେପରି କଲିନାହିଁ। ମୁଁ କେବଳ ନିଜ ବିଷୟରେ ଭାବିବାକୁ ଲାଗିଲି।

ମାଆ ଅନେକ ଥର ଆସି ନାସିକରେ ଥିବା ମୋ ଘରେ ରହୁଥିଲା। କିଛି ଦିନ ରହିଲା ପରେ ସିଏ ପୁଣି ଫେରି ଯାଉଥିଲା ଗାଁକୁ। ମୋ ଘରକୁ ଆସିବା ପରେ ତାକୁ ଅନେକ କିଛି ଶିଖିବାକୁ ପଡ଼ିଥିଲା। ଗାଁରେ ତା' ଘର ସାରାଦିନ ଖୋଲାମେଲା ରହୁଥିଲା। କେବଳ ରାତିରେ ହିଁ ସଦର ଦରଜା ବନ୍ଦ ହେଉଥିଲା। ଆଉ ଏଠି ମୋ ଘରର ଦରଜା ଦିନ ଆଉ ରାତି ଉଭୟ ସମୟରେ ବନ୍ଦ ରହୁଥିଲା। ଘର ଭିତରେ ଚଲାବୁଲା କରିବା ସମୟରେ ତାକୁ ଅଣନିଶ୍ୱାସୀ ଲାଗୁଥିଲା। ମାଆ ହଠାତ୍ ଯାଇ କବାଟ ଖୋଲି ଦେଉଥିଲା, ଆଉ ତୁରନ୍ତ ବନ୍ଦ ମଧ୍ୟ କରି ଦଉଥିଲା। ସିଏ ଯେତେବେଳେ କବାଟ ଖୋଲୁଥିଲା ଆମ ଭିତରୁ କେହି ଜଣେ ପରୁଥିଲା "ବାହାରେ କେହି ଆସିଛି କି ?" ସେତେବେଳେ ସିଏ ଉତ୍ତର ଦେଉଥିଲା "ନା କେହି ନାହିଁ, ବାସ ଏମିତି ଟିକେ ଖୋଲି ଦେଇଥିଲି ।" ବେଳେବେଳେ ତାର ଏହି ମୂର୍ଖାମୀ ଦେଖି ଆମେ ହସୁଥିଲୁ। ଯଦି ବାହାରେ କେହି ନାହିଁ, ତେବେ ଅକାରଣରେ କବାଟ ଖୋଲିବା ଅସଭ୍ୟତାର ଲକ୍ଷଣ। ଏମିତି କେତେକେତେ ସିଦ୍ଧାନ୍ତ ଆମେ ନିଜେ ନିଜେ ତିଆରି କରି ଦେଇଥିଲୁ। କାହାକୁ ପାଣି ଦବାକୁ ହେଲେ ମାଆ ଲୋଟା ବା ଗ୍ଲାସ୍‌କୁ ସିଧା ହାଣ୍ଡିରେ ବୁଡ଼େଇ ଦେଉଥିଲା। ପାଣି ଭର୍ତ୍ତି ହୋଇଥିବା ଆଉ ବାହାରପଟୁ ଓଦା ଥିବା ପାଣିର ଲୋଟା ମାଆ ଆଣି ସିଧା ହାତକୁ ବଢେଇ ଦେଉଥିଲା । ହେଲେ ମୋ ଘରେ ପାଣି ଦେବାର ଏପରି ରୀତି ନଥିଲା। ପ୍ରଥମେ ଟ୍ରେରେ ଗ୍ଲାସ୍ ରଖି ତା ପରେ ସେଥିରେ ପାଣି ଢଳାଯାଏ। ଗ୍ଲାସ୍‌ରେ ବା ବାହାରେ ଯେମିତି ଗୋଟେ ବୁନ୍ଦା ପାଣି ନ ପଡ଼େ, ସେଥିପ୍ରତି ଖିଆଲ ରଖାଯାଉଥିଲା। ମାଆକୁ ସେ କାମ ଭାରି କଷ୍ଟକର ଲାଗୁଥିଲା। ଚା' ତିଆରି କରିବା ଆଗରୁ ହିଁ ପଚାରିବା, ଚା'ରେ କେତେ ଚିନି ପଡିବ... ଘର ଝାଡୁ କରିବା ପାଇଁ ଲମ୍ବାବେଣ୍ଟ ଲାଗିଥିବା ଝାଡୁ ବ୍ୟବହାର କରାଯାଉଥିଲା। ଗାଁ ପରି ଧାନ କେଣ୍ଡାରୁ ତିଆରି ଝାଡୁ ଆମେ ଘରେ ରଖୁନଥିଲୁ। ଛୋଟବେଳେ ମୋର ସାଙ୍ଗମାନେ ଯେବେ ମୋ ସହିତ ଆମ ଘରକୁ ଆସୁଥିଲେ ମାଆ ସେମାନଙ୍କ ସାଙ୍ଗେ ବହୁତ କଥା ହେଉଥିଲା। ଘରେ ଆଉ କିଏ କିଏ ଅଛନ୍ତି, ମାଆ କଣ କରନ୍ତି, ବାପା କ'ଣ କରନ୍ତି ଇତ୍ୟାଦି ସବୁ କିଛି ପଚାରୁଥିଲା। ଏବେ ସିଏ ସେସବୁ କିଛି ପଚାରୁନଥିଲା। ଚା' ଜଳଖିଆ ରଖି ଦେଇ ଭିତରକୁ ଚାଲି ଯାଉଥିଲା। ଅତିଥିମାନଙ୍କର ଚା'ପିଆ ପର୍ବ ସରିବାର କେତେ ସମୟ ପରେ କପ୍ ଉଠେଇ ନେବାକୁ ହୁଏ ତାର ଯେମିତି ଗୋଟେ ହିସାବ ତିଆରି ହୋଇ ଯାଇଥିଲା।


ବୟସ ବଢିବା ପରେ ମାଆ ଅଗଣାରେ ବସି ଖୋଲା ପବନକୁ ଉପଭୋଗ କରିବାକୁ ଚେଷ୍ଟା କରୁଥିଲା। ଆମେ ରୁମ୍ ବନ୍ଦ କରି ପଙ୍ଖାର ସ୍ୱିଚ୍ ବଢେଇ ଦେଉଥିଲୁ ଚାରି ପାଞ୍ଚ ଯାଏଁ। ଆଗ ପରି ମାଆ ମୋତେ ଆଉ ବାଜରା ରୋଟି ଆଉ ଖଟା ଡାଲିକୁ ଏକା ସାଙ୍ଗରେ ମିଶେଇ ଖାଇବାକୁ ଦେଉନଥିଲା। ବଡ଼ ଥାଳିରେ, ଗିନା ରଖି ସେଥିରେ ଖଟା ଡାଲି ପରଷୁ ଥିଲା। ଆଉ ବାଜରା ରୋଟିକୁ ବି ଚାରି ଚଉତା କରି ମୋଡ଼ି ସାଇଜ୍ କରି ରଖୁଥିଲା। "ମାଆ ଯଦି ଛୁଆକୁ ବାଜରା ରୁଟରେ ଡାଲି ଗୋଳେଇ ଖାଇବାକୁ ଦିଏ ତେବେ ଛୁଆର ପେଟ ଶୀଘ୍ର ଭରିଯାଏ। ଖାଉଥିବା ଖାଦ୍ୟ ବି ଦେହରେ ଲାଗେ।" ଏଇଟା ଥିଲା ମାଆର ସହଜ, ସରଳ ଚିନ୍ତାଧାରା। ହେଲେ ଏବେ ସେ ସ୍ଥାନ ଆଧୁନିକ ସଂସ୍କୃତି ନେଇ ସାରିଥିଲା।

ଘର ଚଟାଣରେ ବସି ଚୁପଚାପ ପନିପରିବା ଆଉ ଚାଉଳ-ଡାଲିବାଛିବା ତାର ସଉକ ଥିଲା। ହେଲେ ମୋ ଘରେ ସେଇଟା ବି ବଦଳିଗଲା। ତଳେ ଚକାମାଳି ପକେଇ ବସିବାଟା ଆନୁମାନିକ ଭାବରେ ବନ୍ଦ ହୋଇ ସାରିଥିଲା। ଏବେ କେହି ଯଦି ତୁମକୁ ସେମିତି କରିବାକୁ କହେତେବେ ତାହା କରିବା ତୁମ ପାଇଁ କଷ୍ଟକର ହେବ। ଟଏଲେଟ୍‌ରେ ବି ବିଦେଶୀ ଢାଞ୍ଚାର କମୋଡ୍ ଲଗା ଯାଇଛି। ମାଆର ବହୁତ କିଛି ଶିଖିବାର ଥିଲା। ଆଉ ମୁଁ ମୋର ପତ୍ନୀ ଲତା, ପୁଅ ଚାର୍ବାକ ଓ ଆଶୟ, ଘରର ଚାରି ଜଣ ଯାକ ସଦସ୍ୟ ତାର ଶିକ୍ଷକ ହେବା ପାଇଁ ଚାହୁଁଥିଲୁ। ମାଆକୁ ସବୁ କିଛି ବଡ଼ ଆଶ୍ଚର୍ଯ୍ୟଜନକ ଲାଗୁଥିଲା।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ପାଇଛୁ...ପଢ଼ିଛୁ...




**ପୂରବୀ**
**ସଂପାଦକ : ଅଜୟ କୁମାର ସାହୁ**
**ପୂରବୀ ସାହିତ୍ୟ ସଂସଦ**
**ଡାଳିଯୋଡା ବ୍ରହ୍ମପୁର,**
**ଚାରବାଟିଆ, କଟକ**

'ରତ୍ନାକରରୁ ରତ୍ନାନ୍ୱେଷଣ ପରି ଶବ୍ଦ ପାରାବାରରୁ ଅର୍ଥାନ୍ୱେଷଣ ମଧ ବଳିଷ୍ଠ ଶ୍ରମ ସାପେକ୍ଷ ପ୍ରଚେଷ୍ଟା । ଅଙ୍କାବଙ୍କା ପଥ ଦେଇ ଗିତ କରୁଥିବା ନଦୀ ଯେପରି ବିଭିନ୍ନ ପ୍ରାନ୍ତରୁ ବହି ଆସୁଥିବା ଜଳଧାରାରେ ପରିପୂର୍ଣ୍ଣ ହୋଇ ପରିପୁଷ୍ଟ ହେଇଥାଏ ସେହିପରି ବିଭିନ୍ନ ଭାଷାରୁ ସଂଗୃହୀତ ଶବ୍ଦ ସମ୍ଭାର ବଳରେ ଭାଷା ସାହିତ୍ୟ ସମୃଦ୍ଧଶାଳୀ ହୋଇଥାଏ । ସାହିତ୍ୟର ସଂଜ୍ଞା ନିରୂପଣ ଦ୍ୱାରା ସ୍ୱଷ୍ଟ ଅନୁମିତ ହୁଏ, ଯାହା ସହିତର ଭାବ ତାହା ସାହିତ୍ୟ । ସହଗାମୀ ପରି ଯିଏ କାର୍ଯ୍ୟ କରେ ତାହା ସାହିତ୍ୟ । ଯିଏ ସଙ୍କଟାପନ୍ନ କାଳରେ ହିତ ସାଧନ କରିଥାଏ ତାହାହିଁ ସାହିତ୍ୟ ।'- ଏତକ ବକ୍ତବ୍ୟ ତ୍ରୈମାସିକ ସାହିତ୍ୟ ପତ୍ରିକା ପୂରବୀର ସଂପାଦକ ଅଜୟ କୁମାର ପାତ୍ରଙ୍କର ।

ପ୍ରଥମ ବର୍ଷର ପ୍ରଥମ ସଂଖ୍ୟା ଭାବେ ପ୍ରକାଶ ପାଇଥିବା ୧୦୪ ପୃଷ୍ଠା ସମ୍ବଳିତ ଏହି ପତ୍ରିକାରେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ମାୟାଧର ନାୟକ, ନରେନ୍ଦ୍ର ପ୍ରସାଦ ଶତପଥୀ, ଇଂ. ସଂଜୟ ପଣ୍ଡା, ଜୟଲକ୍ଷ୍ମୀ ସେଠୀ, ପରଂବ୍ରହ୍ମ ତ୍ରିପାଠୀ, ଶ୍ରୁତକୀର୍ତ୍ତି ତ୍ରିପାଠୀ ଉପାଦେୟ ପ୍ରବନ୍ଧ ଲେଖିଥିବା ବେଳେ କବିତାରେ ହରପ୍ରସାଦ ଦାସ, ସୁନନ୍ଦା ବି. ମହାପାତ୍ର, ଶ୍ରୀଦେବ, ଡ. ସରୋଜିନୀ ଷଡଙ୍ଗୀ, ବଳରାମ ସାହୁ, ପ୍ରଦୀପ ବନ୍ଧ, ଅମୀୟ ରଂଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ଓଝା, ହରିଶ୍ଚନ୍ଦ୍ର ବେହେରାଙ୍କ ସମେତ ପଚାଶ ଜଣ କବିଙ୍କ କବିତା ସମେତ ସୁନୀଲ ମିଶ୍ର, ଗାୟତ୍ରୀ ସରାଫ, ସୈରିନ୍ଦ୍ରୀ ସାହୁ, ଶ୍ରୀକାନ୍ତ ନାୟକ, ଲଳିତ ମୋହନ ମିଶ୍ର, ଡା. ମଦନ ମୋହନ ମହାପାତ୍ର, ବିଜନବାଳା ପାଟଯୋଶୀ, ରାଜୀବ ଗୋପାଳ ସ୍ୱାଇଁ, ଚିନ୍ମୟୀ ବାରିକ, ରବି ପଣ୍ଡା ପ୍ରମୁଖଙ୍କ ପନ୍ଦରଟି ଗଳ୍ପ ଏଥିରେ ସ୍ଥାନିତ ହୋଇଛି । ପୂରବୀ ସାହିତ୍ୟ ସଂସଦର ଏହି ପ୍ରଥମ ପ୍ରୟାସ ବେଶ୍ ସାଫଲ୍ୟମଣ୍ଡିତ ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

# କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ

ବାଲେଶ୍ୱର, ୧୭/୧୨ (ନି.ପ୍ର): ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ଆତିଥ୍ୟ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ବିପିନ ବିହାରୀ ଦାସ ସାମ୍ବାଦିକମାନଙ୍କୁ ସମ୍ବୋଧନ କରିଥିଲେ । ସାରା ପୃଥିବୀର ଅଧିକାଂଶ ଦେଶରେ ବର୍ତ୍ତମାନ ନାରୀର ଓ ।ହିଯାବ ବିରୋଧରେ ଆନ୍ଦୋଳନ ବର୍ତ୍ତମାନ ଇରାକ, ଇରାନ, ଆଫଗାନିସ୍ଥାନ, ପାକିସ୍ଥାନ, ଚାଇନା ଓ ପଶ୍ଚିମ ଦେଶ ଗୁଡିକରେ ଜୋର୍ ଧରିଲାଣି। ମାତ୍ର ଭାରତରେ ଆଂଶିକ ଭାବରେ ହିଜାବ ସପକ୍ଷରେ ଆନ୍ଦୋଳନ ଚାଲିଛି । କିନ୍ତୁ ସମୟ ଆସିବ ବହୁତ୍ ଶୀଘ୍ର ହିଯାବ ବିରୋଧରେ ଭାରତୀୟ ମହିଳା ଆନ୍ଦୋଳନ କରିବେ ଓ ଗୁଳିର ଶିକାର ହେବେ । ଆଫଗାନସ୍ତାନ ଭଳି ବ୍ୟବସ୍ଥା ଭାରତରେ ବହୁତ୍ ଶୀଘ୍ର ଅନୁଭୂତ ହେବ । ଆମ ଦେଶରେ ପ୍ରତ୍ୟେକ ଦିନ ୬୮ ହଜାର ସୁସ୍ଥ ନବଜାତ ଶିଶୁ ଜନ୍ମ ନିଅନ୍ତି, ଅର୍ଥାତ୍ ଆମେ ଗୋଟିଏ ବର୍ଷରେ ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ସମ୍ମାନ ଲୋକସଂଖ୍ୟା ତିଆରି କରୁଛୁ । ମାତ୍ର ଭାରତର ସୀମା ବୃଦ୍ଧି ହେଉ ନାହିଁ । ଫଳରେ ଆମ ଦେଶରେ ଜଙ୍ଗଲ, ଚାଷ ଜମି ସମେତ ସଂରକ୍ଷିତ ଜମି ପ୍ରତ୍ୟେକ ମୁହୂର୍ତ୍ତରେ କମି କମି ଯାଉଛି । ଯାହା ଫଳରେ ଆମେ ପରିବେଶ, ଜଳବାୟୁ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରେ ବ୍ୟାପକ ଅସନ୍ତୁଳନକୁ ସାମ୍ନା କରୁଛୁ । ଆମ ଦେଶରେ ପ୍ରତ୍ୟେକ ଦିନ ପ୍ରାୟ ୬୮ ହଜାର ପିଲା ଜନ୍ମ ନେଉଥିବା ବେଳେ ସେମାନଙ୍କ ମଧ୍ୟରୁ ହିନ୍ଦୁ ଶିଶୁମାନଙ୍କ ସଂଖ୍ୟା ହେଉଛି ମାତ୍ର ୩ହଜାର ୭ଶହ । ମାତ୍ର ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟ ଦେଶର ଜନସଂଖ୍ୟାର ମାତ୍ର କୋଡ଼ିଏ ପ୍ରତିଶତ ଥିବା ବେଳେ ସେମାନେ ପ୍ରତ୍ୟେକ ଦିନ ୫୩ହଜାର ୭୦୦ରୁ ଅଧିକ ପିଲା ଜନ୍ମ ଦେଉଛନ୍ତି ଅର୍ଥାତ୍ ଉପଯୁକ୍ତ ଜନ୍ମ ନିୟନ୍ତ୍ରଣ ଅଭାବରୁ ଆମ ଦେଶ ବହୁତ୍ ଶୀଘ୍ର ଧାର୍ମିକ ସନ୍ତୁଳନ ହରାଇବ । ଆସନ୍ତା କୋଡ଼ିଏ ବର୍ଷ ମଧ୍ୟରେ ଭାରତ ବର୍ଷରେ ହିନ୍ଦୁ ଧର୍ମାବଲମ୍ବୀ ସଂଖ୍ୟାଲଘୁ ହୋଇଯିବେ । ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଗୋଟିଏ ଅଲୌକିକ ସଡ଼୍ଯନ୍ତ୍ରର ଶିକାର ହୋଇଚାଲିଛୁ । ଏଭଳି ଜ୍ୟାମିତିକ ହାରରେ ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଭାରତ ଏକ ଭୟଙ୍କର ଗୃହ ଯୁଦ୍ଧର ସମ୍ମୁଖିନ ହେବ। ଭାରତର ସର୍ବପୁରାତନ ସଭ୍ୟତା ଧ୍ୱଂସ ପାଇଯିବ । ନିଜ ଦେଶରେ ପ୍ରକୃତ ଭାରତୀୟଟି ଅନାଥ ହୋଇ ନିର୍ଯାତନାର ଶିକାର ହେବ । ଏସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଜନ୍ମ ନିୟନ୍ତ୍ରଣ ଆଇନକୁ ବାଧ୍ୟତା ମୂଳକ କରିବା ଓ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା । ଦେଶରେ ରହି ଥିବା ଅଶି ପ୍ରତିଶତ ସମ୍ପ୍ରଦାୟ ବର୍ତ୍ତମାନ ସଚେତନ ହୋଇ ଜନ୍ମ ନିୟନ୍ତ୍ରଣ କରୁଛନ୍ତି । ମାତ୍ର ଅବଶିଷ୍ଟ କୋଡ଼ିଏ ପ୍ରତିଶତ ଲୋକେ, ପିଲା ଜନ୍ମକୁ ବ୍ୟବସାୟରେ ପରିଣତ କରିଛନ୍ତି । ଜଣେ ଜଣେ ଲୋକ ଦଶ ଏଗାର ପିଲା ଜନ୍ମ କରି ଦେଶର ଭାବୁଦ୍ରଟ ପ୍ରତି ଭୟାଭୟ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛନ୍ତି । ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଆଜକୁ ଦୀର୍ଘ ନଅ ବର୍ଷ ହେଲା ଜନ୍ମ ନିୟନ୍ତ୍ରଣ ଆଇନ ଆଣିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଛି ।ଅବଶ୍ୟ ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ ଆଦି ପ୍ରଦେଶ ଆମ ଦାବୀକୁ କିଛିକାଂଶରେ ମାନି ନେଲେଣି । ମାତ୍ର କେନ୍ଦ୍ର ସରକାର ଓ ଓଡ଼ିଶା ସରକାର ଏକ୍ଷେତ୍ରରେ ନିଦାବିଷ୍ଟୁ ହୋଇ ନୀରବଦ୍ରଷ୍ଟା ସାଜିଛି । ଉଭୟ ସରକାରଙ୍କ ନିଦ୍ରାଭଙ୍ଗ ପାଇଁ ସମଗ୍ର ଭାରତ ବର୍ଷରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ତରଫରୁ ପଚାଶ ଲକ୍ଷ ସ୍ୱାକ୍ଷର ବିଶିଷ୍ଟ ଦାବି ପତ୍ରକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦେବାର ଲକ୍ଷ ରଖିଛି । ଆମ ରାଜ୍ୟରେ ମଧ୍ୟ ପାଞ୍ଚ ଲକ୍ଷ ସ୍ୱାକ୍ଷର ବିଶିଷ୍ଟ ଦାବିପତ୍ର ପ୍ରଦାନ କରାଯିବ । ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ । ଓଡ଼ିଶାର କୋଣ ଅନୁକୋଣରୁ ସବୁ ଜିଲ୍ଲାର ପ୍ରତ୍ୟେକ ଗାଁରୁ ସ୍ୱାକ୍ଷର ସଂଗ୍ରହ କରାଯିବ। ବାଲେଶ୍ୱର ଜିଲ୍ଲାରୁ ମଧ୍ୟ ପଚାଶ ହଜାର ସ୍ୱାକ୍ଷର ସଂଗ୍ରହ କରାଯିବାର ସ୍ଥିର ହୋଇଛି ବୋଲି ଶ୍ରୀଯୁକ୍ତଦାସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ସଭାପତି ଜତିନ୍ଦ୍ର ପୁହାଣ, ଉପସଭାପତି ସୀତାରାମ ପ୍ରଧାନ, ଉଦୟ ଖୁଣ୍ଟିଆ, ସତ୍ୟାନନ୍ଦ ଦାସ, ଜିଲ୍ଲା ସମ୍ପାଦକ ପ୍ରବାଳ ସିହ୍ନା, ମହେନ୍ଦ୍ର ପ୍ରସାଦ ପଣ୍ଡା, ସମର ବଲ୍ଲଭ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସିନ୍ଧେ ସରକାର ଓ ମହାରାଷ୍ଟ୍ର ରାଜ୍ୟପାଳଙ୍କ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ରାଜ୍ୟସରକାରଙ୍କୁ ଟାର୍ଗେଟ କରିଛି ଏମ୍ଭିଏ ମେଣ୍ଟ । ସେପଟେ ଶାସକ ଦଳର ସହଯୋଗୀ ବିଜେପି ମଧ୍ୟ ଶନିବାର ପ୍ରତିବାଦ ଶୋଭାଯାତ୍ରା କରିଛି । ବିଜେପି ଅଭିଯୋଗ କରିଛି, ମହାବିକାଶ ଅଘାଡି ନେତା ହିନ୍ଦୁ ଦେବତା ଓ ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ଅପମାନିତ କରିଛନ୍ତି । ତେଣୁ ଏମଭିଏ ମେଣ୍ଟ ସାଧାରଣ ଜନତାଙ୍କୁ କ୍ଷମା ମାଗିବା ଉଚିତ୍ । ଡିସେମ୍ବର ୧୩ ତାରିଖରେ ୮୦ଟି ରାଜନୈତିକ ଦଳ ତରଫରୁ ପୁନେରେ ବନ୍ଦ ଡାକରା ଦିଆଯାଇଥିଲା । ଏହାପରେ ଶନିବାର ଶାସକ ଓ ବିରୋଧୀଙ୍କ ଶୋଭାଯାତ୍ରା ମହାରାଷ୍ଟ୍ରର ରାଜନୀତିକୁ ଉଷ୍ମ କରିଦେଇଛି । ଉଭୟ ଶାସକ ଓ ବିରୋଧୀଙ୍କ ପ୍ରତିବାଦ ରାଲି ପାଇଁ କୌଣସି ବିଶୃଙ୍ଖଳା ଯେପରି ନ ହେବ, ସେଥିପାଇଁ ୨୫ଶହରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ମୁମ୍ୱାଇ ପୋଲିସ ସଜାଗ ରହିଛି ।

### ବାର୍ଷିକ କ୍ରୀଡା ବେଳେ ଛାତ୍ରଙ୍କ....

୫- ଟି ସଚିବ ଭି କେ ପାଣ୍ଡିଆନ୍ ଘଟଣା ସମ୍ପର୍କରେ ବଲାଙ୍ଗିର ଜିଲ୍ଲାପାଳଙ୍କ ସହ କଥା ହୋଇ ଛାତ୍ର ବିଷୟରେ ପଚାରି ବୁଝିଥିଲେ ଏବଂ ସମସ୍ତ ସହଯୋଗ ଦେବାକୁ କହିଥିଲେ। ସୂଚନାଯୋଗ୍ୟ ଯେ ଶନିବାର ଦିନ ଆଗଲପୁର ବାଳକ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିଲା। ପ୍ରତିଯୋଗିତା ପୂର୍ବରୁ ଛାତ୍ରମାନେ ଜାଭଲିନ ପ୍ରାକ୍ଟିସ କରୁଥିଲେ। ଏହି ସମୟରେ ହଠାତ ଜଣେ ଛାତ୍ର ଜାଭଲିନ ଥ୍ରୋ କରିବା ପ୍ରାକ୍ଟିସ କରୁଥିବା ବେଳେ ତାହା ସଦାନନଙ୍କ ବେକରେ ପଶିଯାଇଥିଲା। ସଡ଼ାନନଙ୍କ ଚିତ୍କାର ଶୁଣି ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲରେ ଭର୍ତି କରିଥିଲେ। ତୁରନ୍ତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ ଘଂଟାଏ କାଳ ତାଙ୍କ ଅପରେସନ କରାଯାଇଥିଲ। ଏହାପରେ ଜାଭେଲିନକୁ ସଡ଼ାନନଙ୍କ ବେକରୁ ବାହାର କରି ଦିଆଯାଇଥିବା ବେଳେ ସେ ଏବେ ସୁରକ୍ଷିତ ଥିବା ଜଣାଯାଇଛି। ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ମେଡିକାଲରେ ଉପସ୍ଥିତ ଥିଲେ। ସଡ଼ାନନଙ୍କ ଚିକିତ୍ସା ନିମନ୍ତେ ରେଡକ୍ରସ୍ ତରଫରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହାପରେ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲ୍ଲା ପ୍ରଶାସନ ବହନ କରିବ ବୋଲି କହିଛନ୍ତି ଉପଜିଲ୍ଲାପାଳ।

### ତଓ୍ୱାଙ୍ଗ ସୀମା ସଂଘର୍ଷକୁ ....

ମଧ୍ୟ ଭାଙ୍ଗୁଛି । ନିଜ ବୟାନ ପାଇଁ ରାହୁଲ ଦେଶ ଓ ସେନାକୁ କ୍ଷମା ମାଗନ୍ତୁ । କଂଗ୍ରେସ ମଧ୍ୟ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ । ବିଜେପି ଏକଥା ମଧ୍ୟ କହିଛି ଯେ ଦେଶର ସୁରକ୍ଷାକୁ ନେଇ ରାହୁଲ ଦ୍ୱନ୍ଦାତ୍ମକ, ବିବାଦୀୟ, ଅପମାନଜନିତ ବୟାନ ଦେଇଛନ୍ତି ରାହୁଲ । ଡୋକଲାମ, ଗଲଓ୍ୱାନ, ତଓ୍ୱାଙ୍ଗ । ଯେବେ ଡ୍ରାଗନ ଭାରତୀୟ ସୀମା ଅତିକ୍ରମଣ କରିଛି ଭାରତୀୟ ସେନା ଏହାର କଡ଼ା ଜବାବ ଦେଇଛି । ଏଭଳି ଘଟଣାକୁ ନେଇ ପ୍ରତିଥର ପରି ଏଥରକ ମଧ୍ୟ ରାଜନୀତି ହେଉଛି । ଏବେ ଦେଖିବାକୁ ବାକି ରହିଲା ସୀମା ସଂଘର୍ଷକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ଆରମ୍ଭ ହୋଇଥିବା ବୟାନବାଜି ବିବାଦ ଆଗକୁ କେଉଁ ମୋଡ ନେଉଛି ।

## ଶେରଗଡ଼ ବ୍ଲକରେ ଧାନ ମଣ୍ଡି ଆରମ୍ଭ

ଗଞ୍ଜାମ, ୧୭/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ଡେଙ୍ଗାପଦର ସେବା ସମବାୟ ସମିତି ଠାରେ ଆଜି ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଶେରଗଡ଼ ତହସିଲଦାର ଡଃ. ଦୟାସିନ୍ଧୁ ପରିଡ଼ା, ଶେରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାଶିଷ ବରାଳ, ସମବାୟ ବିଭାଗର ସମସ୍ତ ପଦାଧିକାରୀ, ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ୍ ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମସ୍ତ ସମବାୟ ସମିତିର ସମ୍ପାଦକ, ସ୍ଥାନୀୟ ସରପଂଚ, ସମସ୍ତ ଚାଷୀ ବୃନ୍ଦ ଓ ମିଲରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଶେରଗଡ ବ୍ଲକ୍ ର ସମୁଦାୟ ୫୭୪୮ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୧୫ ଗୋଟି ସମବାୟ ସମିତି ଓ ୪ ଗୋଟି ଏସଏଚଜି ଗ୍ରୁପ ଦ୍ୱାରା ମଣ୍ଡି ତ୍ୱରାନ୍ୱିତ ହେବ। ବ୍ଲକ୍ ର ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ୧୭ ଗୋଟି ମିଲରଙ୍କ ଦ୍ୱାରା ସମ୍ପାଦିତ ହେବ।

## ଯମୁନାଲାଲ ବଜାଜ୍ ପୁରସ୍କାରପ୍ରାପ୍ତ ସୋଫିଆ ଶେଖ୍‌ଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୧୭/୧୨ (ନି.ପ୍ର): ଗଣମାଧ୍ୟମର ଚତୁର୍ଥ ସ୍ତମ୍ଭଭାବେ ପରିଚୟ ଲାଭ କରି ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଅବିଚ୍ଛେଦ୍ୟ ଅଙ୍ଗଭାବେ ରହିଥିବାରୁ ଗଣତନ୍ତ୍ର ସଫଳତା ଲାଭ କରୁଛି। ଦୀନ, ଦୁଃଖୀ, ଦୁର୍ଗତି ଜନଗଣଙ୍କର ଚିର ସାଥି ହୋଇ ଗଣମାଧ୍ୟମର ପ୍ରତିନିଧିମାନେ ଯେପରି ବନ୍ୟା, ବାତ୍ୟା, ଭୂମିକମ୍ପ, ପ୍ରାକୃତିକ ବିପର୍ଯ୍ୟୟ ସ୍ଥଳ ତଥା ଯୁଦ୍ଧର ବିଭୀଷିକା। ଅଞ୍ଚଳର ନିଜ ଜୀବନକୁ ଖାତିର୍ ନକରି ପହଞ୍ଚି ଯାଆନ୍ତି ସେପରି ସରକାରଙ୍କ ଦୋଷ ଦୁର୍ବଳତା, ଆପାରଗତା, ଜନବିରୋଧି ନିତି ଓ କାର୍ଯ୍ୟକ୍ରମକୁ ଲୋକ ଲୋଚନକୁ ଆଣିବା ପାଇଁ ଆଦୌ ଭୟଭିତ ହୁଅନ୍ତି ନାହିଁ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଅଷ୍ଟମ ସଂଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପୂର୍ବତନ ସାଳନ୍ଦୀ ସମାଚାରର ସଂପାଦକ ତଥା ସାହିତ୍ୟରତ୍ନ ଅପୂର୍ବ ରଞ୍ଜନ ରାୟଙ୍କ ସ୍ମୃତିରେ ଉତ୍ସର୍ଗିତ ଏହି ସାରସ୍ୱତ ସଂଧ୍ୟାରେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ତଥା ସ୍ୱରାଜବାର୍ତ୍ତାର ମୁଖ୍ୟ ସଂପାଦକ ରବିନାରାୟଣ ଖ୍ୱଲାର ପୌରାହିତ୍ୟ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ମୁଖ୍ୟଅତିଥି, ସୁନ୍ଦରଗଡ଼ ଡି.ଏସ୍.ପି. ସାହିତ୍ୟିକ, ପ୍ରଭାତ ବିଶ୍ୱାଳ ମୁଖ୍ୟବକ୍ତା, ଖୋଲାଫର୍ଦର ସମ୍ପାଦକ ବିମଳ କୁମାର ଭଞ୍ଜଦେଓ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ଉତ୍କଳ ସାମ୍ବାଦିକ ସଂଘ କୋଷାଧ୍ୟକ୍ଷ ରାଜେନ୍ ଚୌଧୁରୀ, ଅଧ୍ୟାପକ ନିହାର ରଂଜନ କର, ଉତ୍ସର୍ଗ ସ୍ୱେଚ୍ଛାସେବୀ ସଂଗଠର ଅଧ୍ୟକ୍ଷ ସାମ୍ବାଦିକ ଅପୂର୍ବ ରଂଜନ ବେହେରା, ମାଲ୍‌କାନ୍‌ଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଭଦ୍ରକ ପୌରପାଳିକା ପରିଷଦ ସଦସ୍ୟ ଆଶିସ୍ ଅମିତାଭ ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜନସେବାରେ ଗଣମାଧ୍ୟମ ଓ ସାମ୍ବାଦିକତା ଶିରୋନାମାରେ ଏକ ଆଲୋଚନା ଚକ୍ର ଉକ୍ତ ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟତ୍ରୀ ମନୋରମା ରାୟ ଅତିଥି ମାନଙ୍କୁ ମଞ୍ଚାସୀନ କରିଥିବା ବେଳେ ସଭାପତି ଇଂ ଅଭୟ ସୁତାର ଅତିଥି ପରିଚୟ, ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାମ୍ବାଦିକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନ ସମ୍ପାଦକ ବାବୁଲାଲ ଦାସ, କବୟତ୍ରୀ ଚୈତାଳି ଖିଲାର, ଉପସଭାପତି ଡ. ରମାକାନ୍ତ ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ ସଭାପରିଚାଳନା କରିଥିଲେ ଏବଂ ସାଂସ୍କୃତିକ ସଂପାଦକ ରାମ ନାରାୟଣ ମହାନ୍ତି, ରଶ୍ମିତା ସେଠୀ, ସୁଶ୍ରୀ ଶୁଭସ୍ମିତା ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରା କୋଇଲା ଟ୍ରକ୍ ମାଲିକ ଅଦାଲତ ଚାଲାଣ

କୋରାଇ, ୧୭/୧୨ (ନି.ପ୍ର): ଜବତ ଚୋରା କୋଇଲା ଗାଡ଼ିର ମାଲିକଙ୍କୁ ଆଜି ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ୪ ତାରିଖ ରାଜପଥରେ ବେଆଇନ ଭାବେ ଚୋରା କୋଇଲା ଗାଡ଼ି ଚାଲାଣ ହେଉଥିବା ଖବର ପାଇ ପାଣିକୋଇଲି ପୁଲିସ ଯାଂଚ ସମୟରେ ତାଳଚେରରୁ ଆସୁଥିବା ଏକ ଏକ କୋଇଲା ବୋଝେଇ ଟ୍ରକ(ଓଡି ୩୫ ଜି ୦୫୨୫)କୁ ଜବତ କରିଥିଲା। ଜବତ ପରେ ଏନେଇ ଅଧିକ ତଦନ୍ତ ଆବଶ୍ୟକତା ଥିବରୁ ପୁଲିସ ଗାଡ଼ିଟିକୁ ଅଟକ ରଖି ତଦନ୍ତ ଜାରି ରଖିବା ପରେ ଶେଷରେ ଏହା ବେଆଇନ ଚାଲାଣ ବୋଲି ଜଣାପଡ଼ିଥିଲା। ଏନେଇ ଏକ ମାମଲା ୩୦୪/୨୨ ରୁଜୁ କରାଯାଇ ଚାଳକଙ୍କୁ ଅଟକ ରଖାଯାଇ ପରେ ଅଦାଲତ ଚାଲାଣ କରାଯାଇଥିଲା। ଏହାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ଟ୍ରକ୍ ମାଲିକ ତାଳଚେର ସଦର ଥାନା ଅନ୍ତର୍ଗତ ରେମୁନା ଗ୍ରାମର ଡମ୍ବରୁ ଶୀଖଙ୍କ ପୁଅ ସନ୍ତୋଷ କୁମାର ଶୀଖ(୪୭)କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ଆଜି ଦଫା ୩୭୯, ୪୧୧, ୩୪ ଆଇପିସି, ୨୧ ଏମ୍‌ଏମ୍‌ଡିଆର୍ ଆକ୍ଟ, ୧୨ ଅଫ୍ ଓଡ଼ିଶା ମିନେରାଲ ପ୍ରିଭେନସନ ଥେପ୍ଟ ଆକ୍ଟରେ ସନ୍ତୋଷକୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବ୍‌ଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

## ବିଜେଡିର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କ ସେବା : ସସ୍ମିତ ପାତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଉପନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ନୁହେଁ। ବିଜୁ ଜନତା ଦଳ ପାଇଁ ଶାସନର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କର ସେବା କରିବା ସହିତ ଓଡିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପନିର୍ବାଚନ ମଡେଲ ମନ୍ତବ୍ୟର ଜବାବରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ଆଜି । ଶନିବାର ଦିନ କେନ୍ଦ୍ରମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ ବିଜେଡିର ପଦ୍ମପୁର ମଡେଲ ଥିଲେ ବିଜେପିର ଧାମନଗର ମଡେଲ ଅଛି । ଏହାର ପ୍ରତିକ୍ରିୟାରେ ବିଜେଡି ସାଂସଦ ଡକ୍ଟର ପାତ୍ର କହିଛନ୍ତି ଯେ ଉପ-ନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ହୋଇପାରିବ ନାହିଁ । ବିଜୁ ଜନତା ଦଳ ପାଇଁ ଶାସନର ମଡେଲ ହେଉଛି ଓଡିଶାର ୪.୫ କୋଟି ଲୋକଙ୍କର ସେବା କରିବା । ବିଜେଡି ଉପରେ ଲୋକଙ୍କର ବିଶ୍ୱାସ ଓ ଭରସା ଥିବାରୁ ଓଡିଶାବାସୀଙ୍କ ପାଇଁ ଏହି ଦଳ ଭଲ କାମ କରୁଛି । ଗତ ୨୨ ବର୍ଷ ଧରି ଓଡିଶାରେ ନିର୍ବାଚନ ଜିତିବା ସତ୍ୱେ ଲୋକଙ୍କ ସେବା ପାଇଁ ବିଜେଡି ନିର୍ବାଚନରେ ବିଜୟକୁ ଓଡିଶାର ମଡେଲ କରିନାହିଁ । ଆମର ମଡେଲ୍ ହେଉଛି ଉତମ ପ୍ରଶାସନର ମଡେଲ ଏବଂ ୫-ଟି ଏବଂ ମୋ ସରକାର ଆଧାରରେ ଓଡିଶାକୁ ଭାରତର ଏକ ନମ୍ବର ରାଜ୍ୟରେ ପରିଣତ କରିବା । ଶାସନ ପାଇଁ କେନ୍ଦ୍ରମନ୍ତ୍ରୀ ଉପ-ନିର୍ବାଚନର ମଡେଲ ବ୍ୟବହାର କରନ୍ତୁ ନାହିଁ ବରଂ ଓଡିଶାର ଲୋକଙ୍କ ସେବା ପାଇଁ ଉତମ ଶାସନର ମଡେଲ ବ୍ୟବହାର କରିବାକୁ ଦିଅନ୍ତୁ ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୩.୫ ଡ଼ିଗ୍ରୀ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୩.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଝାରସୁଗୁଡ଼ାରେ ୧୦.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ପାର୍ବତ୍ୟାଚଂଳରେ ସର୍ବନିମ୍ନ ତାପମାତ୍ରା କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ୧୧.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୯.୪ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୫.୨ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୨୯.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୪.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ମାହେଶ୍ୱରୀ ମହିଳା ସଂଗଠନର ରାଜ୍ୟ ଅଧିବେଶନ

ବାଲେଶ୍ୱର, ୧୭/୧୨ (ନି.ପ୍ର): ଅଖିଳ ଭାରତୀୟ ମାହେଶ୍ୱରୀ ମହିଳା ସଂଗଠନର ଉତ୍କଳ ପ୍ରାଦେଶିକ ଶାଖାର ପ୍ରଥମ ରାଜ୍ୟସ୍ତରୀୟ ଅଧିବେଶନ 'କଳା ସଂଗମ' ସହଦେବଖୁଣ୍ଟା ସ୍ଥିତ ମାହେଶ୍ୱରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ରାଷ୍ଟ୍ରୀୟ ସଭାନେତ୍ରୀ ଶୋଭା ସାଦାନୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନର ନୀତି ଓ ଆଦର୍ଶକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଲୋକାଭିମୁଖୀ କରାଇବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭାନେତ୍ରୀ ସୁନୀତା ରାଠୀ ଏଥିରେ ପୌରୋହିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଖିଳ ଭାରତୀୟ ମାହେଶ୍ୱରୀ ମହିଳା ସଂଗଠନର ରାଷ୍ଟ୍ରୀୟ ସହ ସମ୍ପାଦିକା ଗିରିଜା ସାରଡା, ରାଜ୍ୟ ସମ୍ପାଦିକା ସଙ୍ଗୀତା ମାରୁ, ନନ୍ଦ କିଶୋର ମାହେଶ୍ୱରୀ, ମହାବୀର ମୁନ୍ଧ୍ରା, ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ସୀମା ମୁନ୍ଧ୍ରା ଓ ସମ୍ପାଦିକା ନିର୍ମଳା ସାହାଡା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ଜିଲ୍ଲା ମାହେଶ୍ୱରୀ ମହିଳା ଶାଖା ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଅଧିବେଶନରେ ଓଡିଶାର ସମସ୍ତ ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ସମେତ ମୋଟ ୧୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଗୀତା ସୋମାନୀ, ଉଷା ମୁନ୍ଧ୍ରା, ଶଶୀ ଡୋଗରା, ସୁଶୀଲା କାବରା, ଅନୁଜା କାବରା, ସୁତି ସୋମାନୀ, ମନୀଷା ସୋମାନୀ, କବିତା ବାହେତି, ରେଖା ଚଣ୍ଡକ, ପ୍ରୀତି ଚଣ୍ଡକ, ରଞ୍ଜିତା ଲଢା, ମୋନିକା ଝାବର, ନୀଲିମା ରାଠୀ, ବାସନ୍ତୀ ଭୁତ୍ରା, ସୋନିଆ ପେରିଓ୍ୱାଲ ପ୍ରମୁଖଙ୍କ ସମେତ ମାହେଶ୍ୱରୀ ସମ୍ମେଳନ ଓ ଯୁବ ସଂଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନରେ ସକ୍ରିୟ ସହଯୋଗ କରିଥିଲେ ।

## ତୃତୀୟ ସିନିୟର ଜାତୀୟ ଡ୍ୟୁପ୍ଲେକସ୍ କ୍ରିକେଟ ଚମ୍ପିୟାନ୍‌ସିପ୍ ଅନୁଷ୍ଠିତ



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ତୃତୀୟ ସିନିୟର ଜାତୀୟ ଡ୍ୟୁପ୍ଲେକସ୍ କ୍ରିକେଟ ଚମ୍ପିୟାନ୍‌ସିପ୍, ୨୦୨୨ କର୍ଣ୍ଣାଟକ ରାଜ୍ୟର ବାଙ୍ଗାଲର ଅନ୍ତର୍ଗତ ଟୁଙ୍କୁର୍ ସ୍ଥିତ ଭଗତ ସିଂ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଦଳ ରନର୍ସଅପ ହୋଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ୱାର୍ଡ ନଂ-୯ର ପିତା ଅଶୋକ କୁମାର ବେହେରା ଓ ମାତା ଦ୍ରୌପଦୀ ବେହେରାଙ୍କ କନିଷ୍ଠ ପୁତ୍ର ସୌର ପ୍ରକାଶ ବେହେରା ଯୋଗଦେଇ ଉଭୟ ବେଟିଂ ଓ ବୋଲିଂରେ ଉତ୍ତମ ପ୍ରଦର୍ଶନ କରି "ବେଷ୍ଟ ଅଲ୍ ରାଉଣ୍ଡର" ଭାବେ ସମ୍ବର୍ଦ୍ଧିତ ହୋଇ ଜିଲ୍ଲାକୁ ଗର୍ବିତ କରିଛନ୍ତି। ଏହି ଦଳରେ ବୋଲର୍ ଭାବେ ୧୩ ୱିକେଟ୍ ସଂଗ୍ରହ କରିଥିଲେ ଓ ବ୍ୟାଟସ୍ ମ୍ୟାନ୍ ଭାବେ ୬ଟି ମ୍ୟାଚ୍‌ରୁ ୩ଟି ଇନିସଂରେ ୧୧୧ ରନ୍ ସଂଗ୍ରହ କରି ଏହି ସଫଳତା ପାଇଥିଲେ। ସୂଚନା ଯୋଗ୍ୟ ଶ୍ରୀ ବେହେରା ପୂର୍ବରୁ ଜାତୀୟସ୍ତର ଟେନିସ୍ କ୍ରିକେଟ୍‌ରେ ଯୋଗଦେଇ ସଫଳତା ହାସଲ କରିଥିଲେ।

## ଆଧାର ଅପ୍‌ଡେଟ୍ କାର୍ଯ୍ୟକ୍ରମ : ବ୍ୟାଙ୍କ, ବ୍ଲକ୍, ଡାକଘର, ପୌରପରିଷଦରେ ହେବ ଅପ୍‌ଡ଼େଟ୍

ଭଦ୍ରକ, ୧୭/୧୨ (ନି.ପ୍ର): ୧୦ ବର୍ଷ ପୂର୍ବରୁ ପ୍ରାପ୍ତ ହୋଇଥିବା ସମସ୍ତ ଆଧାର କାର୍ଡ଼ ଧାରୀମାନଙ୍କ ଆଧାର ନମ୍ବର ଅପଡେଟ୍ ପାଇଁ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ପରପର୍ଯ୍ୟାୟରେ ଅପ୍‌ଡ଼େଟ୍ କରିଥିବା ଆଧାର ପାଇଁ ପୁଣିଥରେ ଅପ୍‌ଡ଼େଟ୍ କରିବା ଆବଶ୍ୟକ ନାହିଁ। ସୂଚନା ଯୋଗ୍ୟ କି ଆଧାର ଭୁକ୍ତ ବ୍ୟକ୍ତିର ପରିଚୟ ନେଇ ଭୋଟର ପରିଚୟ ପତ୍ର ଭଳି ଆବଶ୍ୟକ ପ୍ରମାଣପତ୍ର ଦାଖଲ ପୂର୍ବକ ବ୍ୟାଙ୍କ, ଡାକଘର, ବ୍ଲକ୍, ପୌର ପରିଷଦ କାର୍ଯ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟ ପାଇଁ ଖୋଲାଯାଇଥିବା ଆଧାର କେନ୍ଦ୍ର ମାନଙ୍କର ସଂପୃକ୍ତ କାର୍ଡ଼ଧାରୀମାନେ ଏହି ଅପଡେଟ୍ କାର୍ଯ୍ୟ କରିପାରିବେ। ଏହି କାର୍ଯ୍ୟ ପାଇଁ ସଂପୃକ୍ତ ଆଧାର ଧାରୀ ମାନଙ୍କୁ ସରକାରୀ ଫି ବାବଦ ୫୦ଟଙ୍କା ମାତ୍ର ପ୍ରଦାନ କରିବାକୁ ପଡ଼ିବ ବୋଲି ଜଣାଯାଇଛି।

## କୋଲକାତା ଠାରେ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକ ଅନୁଷ୍ଠିତ



ନୂଆଦିଲ୍ଲୀ, ୧୭/୧୨ : କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି କୋଲକାତା ଠାରେ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ବିହାରର ଉପମୁଖ୍ୟମନ୍ତ୍ରୀ, ଓଡ଼ିଶାର ମନ୍ତ୍ରୀମାନଙ୍କ ସହିତ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ପରିଷଦ ଅଧୀନରେ ଆସୁଥିବା ରାଜ୍ୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବୈଠକର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୮ ବର୍ଷ ମଧ୍ୟରେ କ୍ଷେତ୍ରୀୟ ପରିଷଦର ବୈଠକରେ ୧୦୦୦ରୁ ଅଧିକ ବିଷୟ ଉପରେ ଆଲୋଚନା ହୋଇଛି ସେଥିମଧ୍ୟରୁ ୯୩ ପ୍ରତିଶତରୁ ଅଧିକ ପ୍ରସଙ୍ଗର ସମାଧାନ ହୋଇଛି । ଏହା ବହୁତ ବଡ଼ ସଫଳତା । ସେ କହିଥିଲେ ଯେ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ କ୍ଷେତ୍ର ପରିଷଦର ମୋଟ ୬ଟି ବୈଠକ ଅନୁଷ୍ଠିତ ହୋଇଥିଲା (ବାର୍ଷିକ ହାରାହାରୀ ଗୋଟିଏରୁ ମଧ୍ୟ କମ ବୈଠକ), କିନ୍ତୁ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୮ ବର୍ଷ ମଧ୍ୟରେ, କୋଭିଡ ମହାମାରୀ ସତ୍ତ୍ୱେ, ମୋଟ୍ ୨୩ଟି ବୈଠକ (ଆଜିକୁ ମିଶାଇ) ଅନୁଷ୍ଠିତ ହୋଇସାରିଛି (ବାର୍ଷିକ ହାରାହାରୀ ୩ଟି ବୈଠକ)। ଶ୍ରୀ ଶାହା କହିଥିଲେ ଯେ, କ୍ଷେତ୍ରୀୟ ପରିଷଦ ବୈଠକର ପୁନରାବୃତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି ଏବଂ ଏହାର ପରିଣାମ ମଧ୍ୟ ମିଳିଛି ଯାହାକୁ ସବୁ ରାଜ୍ୟ ସରକାର, କେନ୍ଦ୍ର ମନ୍ତ୍ରଣାଳୟ ଓ ବିଭାଗର ସହଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି ଏବଂ ଏଥିରେ ଆନ୍ତଃରାଜ୍ୟ ପରିଷଦ ସଚିବାଳୟ ସକ୍ରିୟ ଭୂମିକା ଗ୍ରହଣ କରୁଛି । କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହା କହିଥିଲେ ଯେ, କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ବିଗତ ବର୍ଷଗୁଡ଼ିକ ମଧ୍ୟରେ ପୂର୍ବାଞ୍ଚଳ କ୍ଷେତ୍ରର ରାଜ୍ୟମାନଙ୍କରେ ଭିତ୍ତିଭୂମି ବିକଶିତ କରିବା ଲାଗି ଯଥେଷ୍ଟ କାର୍ଯ୍ୟ କରିଛନ୍ତି । ସେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗତିଶକ୍ତି ଯୋଜନାର ପରିକଳ୍ପନାରେ ଏକ ବଡ଼ ଭାଗ ପୂର୍ବାଞ୍ଚଳର ରାଜ୍ୟମାନଙ୍କରେ ରହିଛି କାରଣ ଶ୍ରୀ ମୋଦୀ ସବୁବେଳେ ଏହି ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି । ଆସନ୍ତା ୨୫ ବର୍ଷ ସ୍ୱାଧୀନତାର ଅମୃତ କାଳ ସମୟରେ ଭାରତର ବିକାଶ ଯାତ୍ରାରେ ଦେଶର ପୂର୍ବାଞ୍ଚଳ କ୍ଷେତ୍ର ମହତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଶ୍ରୀ ଅମିତ ଶାହା କହିଥିଲେ ଯେ, ୨୫ତମ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ଭଲ ଓ ସକାରାତ୍ମକ ପରିବେଶରେ ଅନୁଷ୍ଠିତ ହୋଇଛି, ଅନେକ ପ୍ରସଙ୍ଗରେ ସହମତି ହୋଇଛି ଏବଂ ବାକି ପ୍ରସଙ୍ଗ ଉପରେ ମଧ୍ୟ ଆପୋସ ବିଚାରବିମର୍ଶ କରାଯାଇ ସମସ୍ୟାର ସମାଧାନ କରାଯିବ । କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ, ଦେଶର ପୂର୍ବାଞ୍ଚଳ କ୍ଷେତ୍ର ପ୍ରାୟତଃ ବାମପନ୍ଥୀ ଉଗ୍ରବାଦ ମୁକ୍ତ ହୋଇସାରିଛି ଏବଂ ଏହି ନିର୍ଣ୍ଣାୟକ ପ୍ରଭାବକୁ ବଜାୟ ରଖିବା ଲାଗି ପ୍ରୟାସ କରାଯିବା ଉଚିତ । ଏସବୁ ରାଜ୍ୟକୁ ବାମପନ୍ଥୀ ଉଗ୍ରବାଦ ମୁକ୍ତ ରଖିବା ଏବଂ ଦେଶର ଅନ୍ୟ ପ୍ରାନ୍ତ ଭଳି ସମାନ ବିକାଶ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବା ଉଚିତ । ନାର୍କୋଟିକ୍ସ ନିରାକରଣ ଲାଗି ଏନସିଓଆରଡି ପ୍ରଣାଳୀର ଜିଲ୍ଲାସ୍ତରୀୟ ଢାଞ୍ଚ ଓ ଏହାର ନିୟମିତ ବୈଠକ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ କେନ୍ଦ୍ର ଗୃହ ମନ୍ତ୍ରୀ । ସେ କହିଥିଲେ ଯେ ଆଜି ଦେଶରେ ମାଦକ ଦ୍ରବ୍ୟ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଜାରି ରହିଛି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ଡ୍ରଗ୍ସ ବିରୋଧରେ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ନିଜ ନିଜ ରାଜ୍ୟରେ ହେବାକୁ ଥିବା ବିଭିନ୍ନ ଜି-୨୦ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମୟରେ ରାଜ୍ୟମାନଙ୍କର ସାଂସ୍କୃତିକ ବିବିଧତା ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବା ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ଅନୁରୋଧ କରିଥିଲେ ।

## ଭୋଟ୍ ବିକିନୁ ଲୋକେ ପ୍ରତ୍ୟାଖ୍ୟାନ କଲେ : ନରସିଂହ ମିଶ୍ର

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ପଦ୍ମପୁର ଉପନିର୍ବାଚନରେ ବିଜେଡି-କଂଗ୍ରେସ ଡିଲ୍ ହୋଇଥିବା ପ୍ରସଙ୍ଗ ଦୋହରାଇଛନ୍ତି ବିଜେପି ନେତା ପ୍ରଦୀପ ପୁରୋହିତ। ଏହାର ଜବାବ୍ ଦେଇ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି ପଦ୍ମପୁରରେ ବିଜେପି ୪୨ ହଜାର ଭୋଟରେ ହାରିବା ପରେ ଆତ୍ମସନ୍ତୋଷ ପାଇଁ ଏଭଳି କହୁଛି। ସେ ଆହୁରି କହିଛନ୍ତି ଯେ ନବ ଦାସ କଂଗ୍ରେସ ଛାଡି ବିଜେଡିକୁ ଗଲେ । ବନ୍ଧୁତା କେଉଁଠି ରହିଲା ଯେ ଡିଲ୍ ହେବ? ବିଜେପି ୪୨ ହଜାର ଭୋଟରେ ହାରିବା ପରେ ଆତ୍ମସନ୍ତୋଷ ପାଇଁ ଏଭଳି କହୁଛି। ଆମେ ଭୋଟ ପାଇଲୁ ନାହିଁ ମାନେ ନୁହେଁ ଯେ ଭୋଟ ବିକିଦେଲୁ। ଲୋକେ ଆମକୁ ପ୍ରତ୍ୟାଖ୍ୟାନ କଲେ। ତେବେ ୨୦୨୪ରେ କ'ଣ ହେବ ସେନେଇ ଆକଳନ କରିହେବ ନାହିଁ ବୋଲି ନରସିଂହ କହିଛନ୍ତି। ନରସିଂହ ମିଶ୍ର କହିଛନ୍ତି, ପଦ୍ମପୁରରେ ଲୋକେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ରବିବାର, ଡିସେମ୍ବର ୧୮, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ମନ୍ତବ୍ୟ ବିରୋଧରେ ବିଜେପିର ବିକ୍ଷୋଭ

ବାଲେଶ୍ୱର, ୧୭/୧୨ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାବଲ ଭୁଟୋ ଜର୍ଦାରିଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିଜେପି ପକ୍ଷରୁ ଦେଶ ବ୍ୟାପୀ ପ୍ରତିବାଦ ହୋଉଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି। ବିକ୍ଷୋଭ ପ୍ରଦର୍ଶନ ସହ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବଲାବଲ ଭୁଟୋ ଜର୍ଦାରିଙ୍କୁ ତୀବ୍ର ନିନ୍ଦା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀଙ୍କ ବାବଦରେ ଅପମାନବୋଧ ଟିପ୍ପଣି ଦେବା ଅତ୍ୟନ୍ତ ସଂକୀର୍ଣ୍ଣ ମାନସିକତାର ପରିଚୟକ ବୋଲି ବିଜେପି ପକ୍ଷରୁ ଆରୋପ କରାଯାଇଛି। ମନ୍ତ୍ରୀ ବଲାବଲ ଭୁଟୋ ଜର୍ଦାରି ତୁରନ୍ତ କ୍ଷମା ମାଗିବାକୁ ବିଜେପି କର୍ମକର୍ତ୍ତାମାନେ ଦାବି କରିଛନ୍ତି।ଏହି ଅବସରରେ ଉତ୍ତେଜିତ ବିଜେପି କର୍ମୀମାନେ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଜର୍ଦାରିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ନଗର ସଭାପତି ଚିତ୍ତ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ତଥା କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ପାକିସ୍ତାନ ବିରୋଧରେ ନାରାବାଜି ଦେଇଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଉପ-ସଭାପତି କମଳ ଲୋଚନ ଦାସ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ଜିଲ୍ଲା ମିଡ଼ିଆ ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଜିଲ୍ଲା ସାମାଜିକ ଗଣ ମାଧ୍ୟମ ସଂଯୋଜକ ଅରୂପ ଜେନା, ସୁବୋଧ ଚନ୍ଦ୍ର ପଣ୍ଡା, ନାରାୟଣ ମହନ୍ତ,ବିପିନ ମାରାଣ୍ଡି, ବିଜୟ ପାଣିଗ୍ରାହୀ, ଦେବାଶିଷ ଆଚାର୍ଯ୍ୟ, ମହୁଆ ପ୍ରଧାନ, ସଂଯୁକ୍ତା ମହାପାତ୍ର, ସୁସ୍ମିତା ପଣ୍ଡା, ଯୋଗେନ ରଣା, ସନାତନ ବାରିକ, ତରୁଲତା ମହାନ୍ତି, ଦେବବ୍ରତ ମିଶ୍ର, ଉମେଶ ବେହେରା, ସୁଶାନ୍ତ ବେରା, ଭାରତୀ ପାତ୍ର, ଶ୍ରୀକୃଷ୍ଣ ସାହା,ଜୟ ପ୍ରକାଶ ଦାଶ, ନିତ୍ୟ ଗୋଲ ସିଂହ, ଶେଖ୍ ସାନ୍ ଦାନୀ, ଜୀବନ କୃଷ୍ଣ ପାତ୍ର, ଉମାକାନ୍ତ ଶତପଥୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ପେନସନ ଦିବସ



ବାଲେଶ୍ୱର, ୧୭/୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୪୧ତମ ଜାତୀୟ ପେନସନ ଦିବସ ସଂଗଠନ କାର୍ଯ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି। ସଂଘର ସଭାପତି ଇଂ ବନମାଳି ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହିତ ପେନସନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା କୋଷାଗାର ଅଧିକାରୀ କାଶୀନାଥ ମାଝୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ବାଲେଶ୍ୱର ମୁଖ୍ୟ ପ୍ରବନ୍ଧକ ହେମନ୍ତ ବେହେରା, ୟୁକୋ ବ୍ୟାଙ୍କର ସିନିୟର ମ୍ୟାନେଜର ଶେଖ ନୟାଜୁଦ୍ଦିନ୍ ଓ ଅର୍ଥ ବିଭାଗ ଅବସରପ୍ରାପ୍ତ ଅଧିକାରୀ ଦୀନେଶ ନାୟକ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମାସିକ ପେନସନ ଉଠାଣ ବେଳେ ପେନଭୋଗୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ, ପେନଭୋଗୀମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନର ସୁବିଧା ସୁଯୋଗ ଏବଂ ପରିବାରବର୍ଗଙ୍କ ଦ୍ୱାରା ପେନସନ ଉଠାଣ ସମ୍ବନ୍ଧିତ ବିଭିନ୍ନ ତଥ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଉପ-ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ ଓ କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ଚରଣ ସାହୁ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ବସନ୍ତ ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ସାଂଗଠନିକ ସମ୍ପାଦକ ସୁଜିତ କୁମାର ଜେନା, ଅର୍ଥ ସମ୍ପାଦକ ଦାମୋଦର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ ଅଲାଉଦ୍ଦିନ, କ୍ଷେତ୍ରମୋହନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଧନ୍ୟବାଦ ଦେଇଥିଲେ। ଜ୍ଞାନେନ୍ଦ୍ର ସାହୁ, ପଦ୍ମଲୋଚନ ଦତ୍ତ, ଭାଗବତ ପାଣିଗ୍ରାହୀ, ବେଣୁଧର ସାହୁ, ବାସନ୍ତୀ ପଣ୍ଡା, ଦେବେନ୍ଦ୍ର ଚୌଧୁରୀ, ଉଦୟନାରାୟଣ ଦାସ, ଶଚୀନ୍ଦ୍ର ଦାସ, ଡ. ଶିରୀଶ ଚନ୍ଦ୍ର ଜେନା, ଲୋକନାଥ ଆଚାର୍ଯ୍ୟ, ସୀତାରାମ ପ୍ରଧାନ, ଶତ୍ରୁଘ୍ନ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଇଂ. ହୃଷିକେଶ ସାହୁ, ବିଷ୍ଣୁଚରଣ ପାଢ଼ୀ, ଅରୁଣା ରାୟ, ରୀତା ରାୟ, ଜ୍ୟୋସ୍ନା ରାୟ, କଳ୍ପନା ଦାସ, ଶୋଭନା ମିଶ୍ର, ଲକ୍ଷ୍ମୀପ୍ରିୟା ଜେନା ବୀରେନ୍ଦ୍ର ନାରାୟଣ ପ୍ରହରାଜ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ରାହାଗିରିରେ ଝୁମିଲା ରାଉରକେଲା

## ଦର୍ଶକଙ୍କୁ ବାନ୍ଧି ରଖିଲା ଡଗ୍ ସୋ', ବାଇକ୍ ଷ୍ଟଣ୍ଟ ଓ କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ



ରାଉରକେଲା, ୧୭/୧୨ (ନି.ପ୍ର): ଅନ୍ତର୍ଜାତୀୟ ପୁରୁଷ ହକି ବିଶ୍ୱକପ୍ ୨୦୨୩କୁ ଅତ୍ୟନ୍ତ ହର୍ଷ ଉଲ୍ଲାସର ସହ ସ୍ୱାଗତ କରିବା ପାଇଁ କିଛି ନିଆରା ପଦକ୍ଷେପ ଗ୍ରହଣ କରିଛି ରାଉରକେଲା ମହାନଗର ନିଗମ (ଆରଏମସି) ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ (ଆରଏସ୍‌ସିଏଲ) । ଏହି କ୍ରମରେ ରାଉରକେଲା ସହରରେ ଚଳିତ ଥରର ପ୍ରଥମ ପଥୋତ୍ସବ ବା ରାହାଗିରି (ପ୍ରେରଣା) ଅନୁଷ୍ଠିତ ହୋଇଯାଇଛି । ରବିବାରର ଶୀତୁଆ ସକାଳରେ ଆରମ୍ଭ ହୋଇଥିବା ଏହି ପଥୋତ୍ସବରେ ହଜାର ହଜାର ସଂଖ୍ୟାରେ ଲୋକେ ସାମିଲ ହୋଇଥିଲେ । ଛୋଟରୁ ବଡ଼, ମହିଳାଙ୍କ ଠାରୁ କିନ୍ନର ପର୍ଯ୍ୟନ୍ତ ସବୁ ଶ୍ରେଣୀ ଏବଂ ସବୁ ବର୍ଗର ଲୋକ ସାମିଲ ହେବା ସହ ନିଜ ନିଜ ପ୍ରତିଭା ଦେଖାଇଥିଲେ ଏବଂ ପୂରା ପଥୋତ୍ସବକୁ ମନଭରି ଉପଭୋଗ କରିଥିଲେ । ଏହା ସହିତ ରାଉରକେଲା ଡିଆଇଜି ନିତି ଶେଖର, ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଆରଏମସି କମିଶନର ତଥା ଆରଏସସିଏଲ୍ ସିଇଓ ଡ. ଶୁଭଙ୍କର ମହାପାତ୍ର,ରାଉରକେଲା ଏସପି ମୁକେଶ କୁମାର ଭାମୁ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସହ ରାଉରକେଲା ମହାନଗର ନିଗମର ସମସ୍ତ କର୍ମଚାରୀ ଓ ଆରଏସସିଏଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଭିନ୍ନ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ ରାଉରକେଲା ଡିଆଇଜି । ଅନ୍ୟପକ୍ଷରେ ବହୁ ସଂଖ୍ୟାରେ ସମସ୍ତ ବର୍ଗର ଜନସାଧାରଣ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ରାଉରକେଲା ମହାନଗର ନିଗମ କମିଶନର ତଥା ଆରଏସ୍‌ସିଏଲ ସିଇଓ ଡ. ଶୁଭଙ୍କର ମହାପାତ୍ର । ଏତେ ସଂଖ୍ୟାରେ ଲୋକଙ୍କ ସମାଗମ ପ୍ରମାଣିତ କରୁଛି ରାଉରକେଲାବାସୀ ହକିକୁ ନେଇ କେତେ ଉତ୍ସାହିତ । ଲୋକଙ୍କ ଏହି ସମାନ ଉତ୍ସାହ, ଉଦ୍ଦୀପନା, ହର୍ଷ ଉଲ୍ଲାସ ଏବଂ ସହଯୋଗରେ ଆସନ୍ତା ବର୍ଷ ପୁରୁଷ ହକି ବିଶ୍ୱକପର ସଫଳ ଆୟୋଜନ କରିବୁ । ଏଥିସହିତ ବିଶ୍ୱ ଦରବାରେ ରାଉରକେଲା ଓ ସୁନ୍ଦରଗଡ଼କୁ ହକି ହବ୍ ଭାବେ ପ୍ରତିପାଦିତ କରିବୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଆସନ୍ତା ପୁରୁଷ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଇସ୍ପାତ ନଗରୀରେ ଏକ ଉତ୍ସବର ମାହୋଲ ସୃଷ୍ଟି କରିବା ତଥା ସହରବାସୀଙ୍କୁ କ୍ରୀଡ଼ା ମନସ୍କ କରିବା ଉଦ୍ଦେଶ୍ୟରେ ପଥୋତ୍ସବ, ନଗର କ୍ରୀଡ଼ା ଉତ୍ସବ ଓ ମିନି ମାରାଥନ୍ ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ସୂଚନା ଦେଇଥିଲେ । ଆଜିର କାର୍ଯ୍ୟକ୍ରମ ହନୁମାନ ବାଟିକା ଛକ ଠାରୁ ସାରନା ଛକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ମୋଟ ୯ଟି ଜୋନରେ ବିଭକ୍ତ କରାଯାଇ ଭିନ୍ନ ବର୍ଗର ଲୋକଙ୍କ ପାଇଁ ଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାର ଆୟୋଜନ ହୋଇଥିଲା।

## ମଶା ବଂଶ ନିପାତ କରିବ ଡ୍ରୋନ୍

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ରାଜଧାନୀରେ ମଶାଙ୍କ ଉପଦ୍ରବ ରୋକିବାକୁ ଆରମ୍ଭ ହୋଇଛି ଡ୍ରୋନ୍ ମାଧ୍ୟମରେ ଔଷଧ ସିଂଚନ ଅଭିଯାନ। ଶନିବାରଦିନ ଭୁବନେଶ୍ୱର ୧୪ ନଂ ୱାର୍ଡରୁ ପରୀକ୍ଷା ମୂଳକ ଭାବେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ପାଇଲଟ ପ୍ରୋଜେକ୍ଟ ଭାବେ ୭ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦୁଇଦିନ ଡ୍ରୋନ ଫଟୋ ଉଠାଇବା ପରେ ଅବଶିଷ୍ଟ ୫ ଦିନ ଆକାଶ ମାର୍ଗରୁ ପେଷ୍ଟିସାଇଡ ସିଂଚନ କରାଯିବ । ମଶାଙ୍କ ବଂଶ ବୃଦ୍ଧିକୁ ରୋକିବାକୁ ବିଏମସି ପକ୍ଷରୁ ମଶା ତେଲ ପକାଇବା ଓ ମଶା ଧୂଆଁ ଛାଡିବାକୁ ବ୍ୟାପକ କରାଯାଇଛି । ୯ଟି ଟିଫା ମେସିନ ସମେତ ବୁଦା ସଫା କରିବା ଟିମ୍ ସଂଖ୍ୟାକୁ ବୃଦ୍ଧି କରାଯାଇଛି । ତେବେ ଟିଫା ମେସିନ ଯାଇପାରୁନଥିବା ଅଂଚଳକୁ ଚିହ୍ନଟ କରି ଆକାଶ ମାର୍ଗରୁ ପେଷ୍ଟିସାଇଡ ସିଂଚନ କରିବାକୁ ନିଷ୍ପତି ନେଇଛି ବିଏମସି। ଏଥିପାଇଁ କୋଲକାତାର ବେଇଟ ଲୋଜିଟେକ ଆଣ୍ଡ ସ୍ୱାୟୁ ହେଲଥ କେୟାର କଂସର୍ଟିୟମ ନାମକ ଏକ ଘରୋଇ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିଛି ବିଏମସି । ଆଜି ୧୪ନମ୍ବର ୱାର୍ଡ ଅନ୍ତର୍ଗତ ନିଳାଦ୍ରୀବିହାର ଅଂଚଳରୁ ଡ୍ରୋନ୍ ଜରିଆରେ ମଶା ପ୍ରବଣ ସ୍ଥାନକୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ପର୍ଯ୍ୟାୟ କ୍ରମେ ବିଏମସିର ସମସ୍ତ ୱାର୍ଡରେ ଏହା କାର୍ଯ୍ୟକାରୀ ହେବ ।

# କନିକା ବୋଷଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଭଂଜସେନାରେ ଯୋଗଦେଲେ



ବାରିପଦା, ୧୭/୧୨ (ନି.ପ୍ର): ଭଂଜସେନା ସଂଗଠନର କାର୍ଯ୍ୟ ଧାରାରେ ପ୍ରଭାବିତ ହୋଇ ବାଙ୍ଗିରିପୋଷି ବ୍ଲକର ଝିଅ ତଥା ମୟୁରଭଂଜ ମାଟିର ଜଣେ ଆଗଧାଡିର ମହିଳା ସମାଜସେବୀ କନିକା ବୋଷଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରୁ ୫୦ ରୁ ଉର୍ଦ୍ଧ ମହିଳା ଏବଂ ପୁରୁଷ ଆନୁଷ୍ଠାନିକ ଭାବେ ଭଂଜସେନାରେ ଯୋଗଦାନ କରିଛନ୍ତି । କନିକା ବୋଷ ଜଣେ ମହିଳା ହୋଇ ନିଜେ ସ୍ୱାବଲମ୍ବୀ ହେବା ସହ ସାମାଜିକ ସ୍ତରରେ ବିଭିନ୍ନ ପ୍ରକାର ସାମାଜିକ ସଚେତନତାରେ ନିଜକୁ ନିୟୋଜିତ କରି ଜିଲ୍ଲାର ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ପାରିଛନ୍ତି କ୍ଷ ଏବଂ ସେ ନିଜେ ବର୍ତ୍ତମାନ ନେହେରୁ ଯୁବ କେନ୍ଦ୍ର ରେ ନେସନାଲ ସର୍ଭିସ ଭଲ୍ୟୁଂଟର ଥିବା ସହ ମାଆ ଫାଉଣ୍ଡେସନ ର ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟ କରୁଛନ୍ତି । ଆଗକୁ ଜିଲ୍ଲାର ହକ ପାଇଁ ପ୍ରତି ବ୍ଲକ୍ ସ୍ତରରୁ ମହିଳା ମାନଙ୍କୁ ଭଂଜସେନା ଜାଗ୍ରତ କରିବ ବୋଲି ନୂତନ ଭାବେ ଜଡ଼ିତ ହୋଇ ଥିବା କର୍ମକର୍ତା ମାନେ ନିଜର ଅଭିବ୍ୟକ୍ତି ପ୍ରଦାନ କରି ଛନ୍ତି ଓ ଆଜିର ମିଶ୍ରଣ କାର୍ଯକ୍ରମ ରେ ଭଂଜସେନା ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଂଟୁ ମାଇତି, ଓବିସି ଶାଖା ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଉପ ସଭାପତି ରାକେଶ ମହାନ୍ତି ଓ ପ୍ରଶାନ୍ତ ମହାକୁଡ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଂଜନ ପୃଷ୍ଟି, ସାଙ୍ଗଠନିକ ସମ୍ପାଦକ ଧନଂଜୟ ସାହୁ, ଗଣେଶ ମହାନ୍ତି, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦଳା ସାହିତ୍ୟ ସଂସଦ ତରଫରୁ ସଚେତନତା କାର୍ଯ୍ୟକ୍ରମ



ଉଦଳା, ୧୭/୧୨ (ନି.ପ୍ର): ଉଦଳା ସାହିତ୍ୟ ସଂସଦ ତରଫରୁ ନୁଦଢ଼ିହା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ଦାସ ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ପରେ ସଂସଦର ପ୍ରତିଷ୍ଠାତା ଡଃ କୁମାର ଗୋପାଲ, ଦିନ ଚର୍ଯ୍ୟା ଅର୍ଥାତ ସକାଳ ଉଠିବା ଠାରୁ ରାତି ଶୋଇବା ପର୍ଯ୍ୟନ୍ତ ଜଣେ ଛାତ୍ର ବା ଛାତ୍ରୀ ତାର ଜୀବନ କେମିତି ବିତାଇବ ଯାହାକି ତାକୁ ସାରା ଜୀବନ ସୁସ୍ଥ, ସବଳ ରଖିବା ସହିତ ପାଠପଢ଼ାରେ ସାହାଯ୍ୟ କରିବ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେହିପରି ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା, ନିଜ କାମ ନିଜେ କରିବା ଓ ମହାପୁରୁଷ ମାନଙ୍କର ଜୀବନ ଇତିହାସ ଜାଣିବା ପାଠପଢ଼ା ଜୀବନର ଆଉ ଏକ ଆବଶ୍ୟକତା ବୋଲି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସାହିତ୍ୟ ସଂସଦର ସଦସ୍ୟ ତଥା ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ମନୋରଂଜନ ମଲ୍ଲିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ବିଜେଡି ମଡେଲରେ ବିଶ୍ୱାସ କରେନି : ଭୂପିନ୍ଦର ସିଂ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ୨୦୨୪ ପାଇଁ ସବୁ ଦଳ ପ୍ରସ୍ତୁତି ଚଳାଇଛନ୍ତି। ୨୦୨୪ ରଣନୀତି ପ୍ରସ୍ତୁତି ପାଇଁ ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ରାଜ୍ୟ ପଦାକାରୀଙ୍କ ସହ ବୈଠକ କରୁଛନ୍ତି। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବିଜେଡି ପାଖରେ ପଦ୍ମପୁର ମଡେଲ ହେଲେ ବିଜେପି ପାଖରେ ଧାମନଗର ମଡେଲ ରହିଛି । ଏହାର ଜବାବ ରଖି ବିଜେଡି ବିଧାୟକ ଭୂପିନ୍ଦର ସିଂ କହିଛନ୍ତି, "ନବୀନ ଲୋକଙ୍କ ହୃଦୟରେ ରହିଛନ୍ତି। ତାଙ୍କୁ ଆଧାର କରି ବିଜୁ ଜନତା ଦଳ ନିର୍ବାଚନ ଲଢ଼ିବ। କେବଳ ୨୦୨୪ ନୁହେଁ ସବୁ ନିର୍ବାଚନ ଲାଗି ସବୁବେଳେ ବିଜେଡି ପ୍ରସ୍ତୁତ ଅଛି। ବିଜେଡି ମଡେଲରେ ବିଶ୍ୱାସ କରେନି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ୪ କୋଟି ୫୦ ଲକ୍ଷ ଲୋକଙ୍କ ଉପରେ ସବୁବେଳେ ବିଶ୍ୱାସ ରଖିଛନ୍ତି। ଆମର ମଡେଲ ଫଡେଲ କିଛି ନାହିଁ। କିଏ କଣ ମଡେଲ କଲା ଆମର କିଛି ଯାଏ ଆସେ ନାହିଁ। ବିଜେଡି ଲୋକଙ୍କ ସହିତ ଅଛି। ନବୀନ ପଟ୍ଟନାୟକ ଲୋକଙ୍କ ହୃଦୟରେ ବସିଛନ୍ତି । ନବୀନ କାହା ସହିତ ପ୍ରତିଦ୍ୱନ୍ଦିତା କରନ୍ତି ନାହିଁ । ସେ ସବୁବେଳେ ପଜିଟିଭ ଥାଆନ୍ତି। ଦଳରେ ବା ଦଳ ବିରୋଧରେ ଅସନ୍ତୋଷ ନାହିଁ, ଯାହା ପୌର ଓ ପଂଚାୟତ ନିର୍ବାଚନରେ ପ୍ରମାଣିତ ହୋଇସାରିଛି।

# 'ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ'ରେ ରକ୍ତଦାନ ଶିବିର

ବାଲେଶ୍ୱର, ୧୭/୧୨ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ 'ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂ' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠାନ କ୍ୟାମ୍ପସରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏହି ଶିବିରକୁ ଉଦଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଯଶୋବନ୍ତ ମହାନ୍ତି ଏଥିରେ ପୌରୋହିତ୍ୱ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଗୌରାଙ୍ଗ ସାହୁ ଓ ମୁଖ୍ୟ ସଂଯୋଜକ ଇଂ ଭବାନୀ ଦାସ ମହାପାତ୍ର ଏହି ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଛାତ୍ରଛାତ୍ରୀଙ୍କ ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଶିବିରରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ବହୁ କର୍ମଚାରୀ ରକ୍ତଦାନ କରିଥିଲେ। ଅଧ୍ୟାପକ ଇଂ. ମନୋଜ କୁମାର ପ୍ରଧାନ, ଅନୁପମ ପ୍ରଧାନ, ବିଶ୍ୱରଞ୍ଜନ ଚମ୍ପତିରାୟ, ମାନସ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ବିଜନ କୁମାର ଗିରି, ଭାଗ୍ୟଶ୍ରୀ ଦାସ, ଶାନ୍ତିପ୍ରିୟ ଆଚାର୍ଯ୍ୟ, ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କୋଠାର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ



ଭଦ୍ରକ, ୧୭/୧୨ (ନି.ପ୍ର): ଆଜି କୋଠାର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରିଡା ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସିଆରସିସି ରଂଜନ କୁମାର ପରିଡା ଏହି କ୍ରିଡା ଉତ୍ସବାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଉତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦୌଡ, ମ୍ୟୁଜିକ୍ ଚେୟାର, ସ୍କିପିଙ୍ଗ, ଖୁଖୁ କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିବଶଙ୍କର ସିଂ, ସରୋଜ ବୋଇତି, ଭାଗ୍ୟଲକ୍ଷ୍ମୀ ତ୍ରିପାଠୀ, ସୁବାଶିନି ମଲ୍ଲିକ ପ୍ରମୁଖ ଏହି କ୍ରିଡା ଉତ୍ସବକୁ ପରିଚାଳନା କରିଥିଲେ।

# ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ : ଧରପଗଡ଼କାରୀ ମାନଙ୍କ ତାଲିମ୍ ପାଇଁ କର୍ମଶାଳା

ଭଦ୍ରକ, ୧୭/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ୍ ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବିଶେଷ କରି ଧରପଗଡ଼କାରୀ ମାନଙ୍କ ଉପଲକ୍ଷେ ତାଲିମ୍ ପ୍ରଦାନ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର କେରକେଟା, ଡ଼ି.ପି.ଏଚ୍.ଓ ଡା ଭାରତୀ ରାଉତ, ତାଲିମ ପ୍ରଦାନ ପାଇଁ ରାଜ୍ୟ ସ୍ତରରୁ ଆସିଥିବା ଡା ଗିରିଜା ଶଙ୍କର ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ତମାଖୁ ନିୟନ୍ତ୍ରଣ ନେଇ ଭଦ୍ରକ ଜିଲ୍ଲାରେ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦିଆଯିବା ପ୍ରସଙ୍ଗରେ ୨୦୨୨ରେ ୬ ମାସ ମଧ୍ୟରେ ୧୦ଟି ଜାଗାରେ ଧରପଗଡ଼ କରାଯାଇ ସମୁଦାୟ ୧୩୯ ଜଣ ଦୋକାନୀଙ୍କ ଠାରୁ ୨୫,୬୫୦ ଟଙ୍କା ଜୋରିମାନା ଆଦାୟ କରାଯିବା ନେଇ ପ୍ରକାଶ କରାଯାଇଥିଲା। ସୂଚନା ଯୋଗ୍ୟକି ତମାଖୁ ସେବନରେ ଭାରତରେ ହାର ୨୯% ଥିଲାବେଳେ ଓଡ଼ିଶାରେ ୪୫% ଏବଂ ଭଦ୍ରକ ଜିଲ୍ଲାରେ ପରୁଷଙ୍କ ହାର ୫୯.୮ % ଓ ମହିଳାଙ୍କ ହାର ୩୪.୧ % ଥାଇ ଭଦ୍ରକ ଜିଲ୍ଲା ଓଡ଼ିଶାରେ ୪ର୍ଥ ସ୍ଥାନରେ ଅଛି। ତେଣୁ ଏହି ଜିଲ୍ଲାରେ ତମାଖୁ ସେବନ ହାର କମାଇବା ପାଇଁ ଧରପଗଡ଼କୁ ଅଧିକ ସକ୍ରିୟ କରାଯିବା ସହ ସଚେତନତାର ଆବଶ୍ୟକତା ଅଛି ବୋଲି କୁହାଯାଇଥିଲା। ପ୍ରଶିକ୍ଷକ ଶ୍ରୀଯୁକ୍ତ ପଣ୍ଡା ତମାଖୁ ନିୟନ୍ତ୍ରଣ ଆଇନ୍ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ବ୍ୟାଖ୍ୟା କରିବା ସହିତ ଧରପଗଡ଼ ପାଇଁ ଆଇନ୍ ର ବିଭିନ୍ନ ଧାରା ଉପଧାରା ଓ ଜୋରିମାନା ସମ୍ବନ୍ଧରେ ବୁଝାଇଥିଲେ। ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ, ନାବାଳକକୁ ଏବଂ ନାବାଳକ ଦ୍ୱାରା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରୟ ନିଷେଧ, ଶିକ୍ଷାନୁଷ୍ଠାନ ରୁ ୧୦୦ ମିଟର ଦୂରତା ମଧ୍ୟରେ ତମାଖୁଦ୍ରବ୍ୟ ବିକ୍ରୟ ନିଷେଧ, ପ୍ରତି ତମାଖୁ ଉତ୍ପାଦରେ ସ୍ୱାସ୍ଥ୍ୟ ସତର୍କତା ଜନିତ ସୂଚନା ରହିବା ବାଧ୍ୟତାମୂଳକ ଆଦି ସଂପୃକ୍ତ ବିଷୟାବଳୀ ଉପରେ ଆଲୋଚନା କରାଯାଇଥିଲା। ତମାଖୁ ଜାତୀୟ ଦ୍ରବ୍ୟ, ବିକ୍ରୟ ହେଉଥିବା ଦୋକାନ ଗୁଡ଼ିକରେ "ନାବାଳକ ମାନଙ୍କୁ ତମାଖୁ ଦ୍ରବ୍ୟ ବିକ୍ରୟ ନିଷେଦ୍ଧ" ଲେଖା ସାଇନବୋର୍ଡ଼ ଲଗାଯାଇ ନଥିଲେ ଧରପଗଡ଼କାରୀମାନେ ଚଢ଼ଉ କରି ଏପରିକି ପ୍ରତିଦିନ ୨୦୦ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରିପାରିବେ ବୋଲି ସେ ପ୍ରକାଶ କରିଥିଲେ। ତମାଖୁ ସେବନ ମାନବ ଶରୀର ପ୍ରତି କେମିତି କ୍ଷତିକାରକ ଦୃଶ୍ୟ ଫଳକ ଜରିଆରେ ସାଧାରଣ ଖାଦ୍ୟନଳୀ, ତମାଖୁ ପ୍ରଭାବିତ ଖାଦ୍ୟନଳୀ, ସାଧାରଣ ଓ ପ୍ରଭାବିତ ଫୁସ୍‌ଫୁସ୍, ତମାଖୁ ଯୋଗୁଁ ସୃଷ୍ଟି କ୍ୟାନସର ବିଶେଷ କରି ମୁଖଗହ୍ୱର କ୍ୟାନସର ର ଭୟାବହତା ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା।

# ଜାତିପ୍ରେମୀ ଓ ପ୍ରଜାବତ୍ସଳ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଉତ୍କଳ ସମ୍ମିଳନୀ ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୨ ତମ ଜନ୍ମ ଦିବସ ଉପଲକ୍ଷେ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ପାୱାର ହାଉସ୍ ଛକସ୍ଥିତ ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାପରେ ସମ୍ମିଳନୀ କେନ୍ଦ୍ରୀୟ ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ଦ୍ୱାରା ପରିଚାଳିତ ଏକ ସଭାରେ ମହାରାଜାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ବକ୍ତାମାନେ ତାଙ୍କୁ ପ୍ରାତଃ ସ୍ମରଣୀୟ ପ୍ରଜାବତ୍ସଳ ରାଜା ଭାବରେ ଉପସ୍ଥାପନ କରି ସେ ରାଜା ହୋଇ ମଧ୍ୟ କିପରି ନିରାଡମ୍ବର ଜୀବନଯାପନ ସହ ପ୍ରଜାମାନଙ୍କ ପାଇଁ ସେ ସମୟରେ ବହୁ ସଂଖ୍ୟାରେ ବିଦ୍ୟାଳୟ, ଚିକିତ୍ସାର ସୁବିଧା, ରେଳ ଗାଡ଼ିର ପ୍ରଚଳନ, ଜଳପ୍ରପାତମାନଙ୍କରୁ ବିଦ୍ୟୁତ ଉତ୍ପାଦନ ଉଦ୍ୟମ, ପାଂଚ ଶହ ମାଇଲ ରାସ୍ତା ଏବଂ କଳାକାରଖାନା ମଧ୍ୟ ବସାଇ ଥିବା ଇତ୍ୟାଦି ବିଷୟ ଅବତାରଣା କରିଥିଲେ। ଏତଦ୍‌ବ୍ୟତୀତ ସେ କିପରି ସମଗ୍ର ଓଡ଼ିଆ ଜାତି ଏବଂ ଭାଷାର ଉନ୍ନତି ହେବ ସେ ଦିଗରେ ଚିନ୍ତା କରୁଥିବାରୁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ହୋଇ ସଂପୂର୍ଣ୍ଣ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଇ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ କାଣ୍ଡାରି ଭାବରେ ସ୍ମରଣୀୟ ହୋଇ ପାରିଛନ୍ତି ସେ ବିଷୟ ଆଲୋଚନା ପରିସରଭୁକ୍ତ ହୋଇଥିଲା। ଶେଷରେ ପାୱାର ହାଉସ୍ ଛକ ଠାରୁ ସି.ଆର୍.ପି. ଛକ ପର୍ଯ୍ୟନ୍ତ ରାସ୍ତାକୁ ଉତ୍କଳ ସମ୍ମିଳନୀ ସରଣୀ ଭାବରେ ନାମିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଦୀର୍ଘବର୍ଷତଳୁ ଆଇନ ବ୍ୟବସ୍ଥାନୁଯାୟୀ ନିଷ୍ପତି ଗ୍ରହଣ କରିସାରିଥିବାରୁ ଏବଂ ଏହା ମଧ୍ୟ ମହାରାଜାଙ୍କ ସ୍ମୃତିରକ୍ଷା ଦିଗରେ ଏକ ପଦକ୍ଷେପ ହେତୁ ଏଥିପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo